READ & SHARE
www.ekamaatra.com
ekamaatra@gmail.com
taraknews1@gmail.com
ekamaatraodia
ekamaatranews

EKAMAATRA
RNI Regd. No. ODIODI/2017/71524

# ଏକମାତ୍ର

ଅନୁସନ୍ଧାନ ପରେ ଖବର



ବର୍ଷ-୪ ସଂଖ୍ୟା-୪୮ ୧୪ - ୨୦ ଡିସେମ୍ବର, ୨୦୨୦ ଭୁବନେଶ୍ୱର Monday Weekly VOL-4 ISSUE-48 14th- 20th DECEMBER, 2020 BHUBANESWAR ₹ 5/- (8 Pages)

## ଖୋଲିବ ଶ୍ରୀମନ୍ଦିର, ଜାନୁଆରୀ ୩ରୁ ସାଧାରଣ ଦର୍ଶନ




**ପୁରୀ :** ଦୀର୍ଘ ୯ମାସ ଧରି ମହାପ୍ରଭୁଙ୍କ ଦର୍ଶନରୁ ବଞ୍ଚିତ ଭକ୍ତ ଓ ଶ୍ରଦ୍ଧାଳୁଙ୍କ ମନରେ ଖୁସି ଖେଳିଯାଇଛି। ଆସନ୍ତା ୨୨ରୁ ୨୫ତାରିଖ ମଧ୍ୟରେ ପୁରୀର ଅଧିବାସୀମାନଙ୍କୁ ଶ୍ରୀମନ୍ଦିରରେ ଦର୍ଶନର ସୁଯୋଗ ମିଳିବ। ପ୍ରଥମ ୪/୫ ଦିନ କେବଳ ପୁରୀର ଅଧିବାସୀମାନେ ଶ୍ରୀମନ୍ଦିରକୁ ଯାଇ ମହାପ୍ରଭୁଙ୍କୁ ଦର୍ଶନ କରିପାରିବେ। ଜାନୁଆରୀ ୧ ଓ ୨ ଶ୍ରୀମନ୍ଦିରକୁ ଦର୍ଶନ ପାଇଁ କୌଣସି ଭକ୍ତଙ୍କୁ ଛଡ଼ାଯିବ ନାହିଁ। ୩ ଠାରୁ ରାଜ୍ୟ ତଥା ରାଜ୍ୟ ବାହାରର ଦର୍ଶନାର୍ଥୀ ଓ ଭକ୍ତମାନେ ଶ୍ରୀମନ୍ଦିରକୁ ଆସି ମହାପ୍ରଭୁଙ୍କୁ ଦର୍ଶନ କରିପାରିବେ ବୋଲି ଛତିଶା ନିଯୋଗ ବୈଠକରେ ନିଷ୍ପତ୍ତି ନିଆଯାଇଛି। ଭକ୍ତ ଓ ଦର୍ଶନାର୍ଥୀଙ୍କ ପାଇଁ ଶ୍ରୀମନ୍ଦିର ଖୋଲିବା ନିମନ୍ତେ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ରାଜ୍ୟ ସରକାରଙ୍କୁ ସୁପାରିଶ କରାଯିବ। ରାଜ୍ୟ ସରକାରଙ୍କ ଅନୁମୋଦନ କ୍ରମେ ଦର୍ଶନାର୍ଥମାନଙ୍କ ପାଇଁ ଶ୍ରୀମନ୍ଦିର ଖୋଲାଯିବ ବୋଲି ମୁଖ୍ୟ ପ୍ରଶାସକ କ୍ରିଷନ କୁମାର ଜଣାଇଛନ୍ତି। ଛତିଶା ନିଯୋଗର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ କ୍ରିଷନ କୁମାରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। ବୈଠକରେ ଛତିଶା ନିଯୋଗର କର୍ମକର୍ତ୍ତା, ଆରକ୍ଷୀ ଅଧିକ୍ଷକ କନୱାର ବିଶାଲ ସିଂ, ନୀତି ପ୍ରଶାସକ ଜିତେନ୍ଦ୍ର କୁମାର ସାହୁ, ଶ୍ରୀମନ୍ଦିର ପରିଚାଳନା କମିଟି ସଦସ୍ୟ ତଳୁଛ ନୀଳକଣ୍ଠ ମହାପାତ୍ର, ରାମଚନ୍ଦ୍ର ଦାସ ମହାପାତ୍ର, ମାଧବ ମହାପାତ୍ର, ମାଧବ ପୂଜାପଣ୍ଡା, ଅଖଣ୍ଡ ନିଯୋଗର ସଦସ୍ୟ ଯମେଶ୍ୱର ମହାନ୍ତି ଓ ଅନନ୍ତ ତିଆଡ଼ି ପ୍ରମୁଖ ଉପସ୍ଥିତ ଥିଲେ। ବୈଠକ ପରେ ଗଣମାଧ୍ୟମକୁ ସୂଚନା ଦେଇ ମୁଖ୍ୟ ପ୍ରଶାସକ କହିଥିଲେ ଯେ ଦର୍ଶନ ପାଇଁ ଜାରିହେବ ଏସଓପି। ପ୍ରଥମ ପର୍ଯ୍ୟାୟରେ ଆସନ୍ତା ୩୧ତାରିଖ ସନ୍ଧ୍ୟା ପର୍ଯ୍ୟନ୍ତ ମନ୍ଦିର ଭକ୍ତଙ୍କ ପାଇଁ ଖୋଲାଯିବ। ତେବେ ପ୍ରବଳ ଭିଡ଼ର ସମ୍ଭାବନା ଦୃଷ୍ଟିରୁ ଜାନୁଆରୀ ୧ ଓ ୨ ତାରିଖ ଦର୍ଶନ ବନ୍ଦ ରହିବ। ଜାନୁଆରୀ ୩ରୁ ସମସ୍ତଙ୍କ ପାଇଁ ଶ୍ରୀମନ୍ଦିର ଖୋଲାଯିବ। ତେବେ ଦୈନିକ ୫ହଜାର ଭକ୍ତଙ୍କୁ ମନ୍ଦିରରେ ଦର୍ଶନ ପାଇଁ ଅନୁମତି ମିଳିବ। ୧ ସପ୍ତାହ ଧରି ଏହି ବ୍ୟବସ୍ଥା ଚାଲୁରହିବ। ଏହାପରେ ପରିଚାଳନାର ଅନୁଭୂତି ଭିତ୍ତିରେ ପର୍ଯ୍ୟାୟକ୍ରମେ ଅଧିକ ଦର୍ଶନାର୍ଥୀଙ୍କୁ ଦର୍ଶନ ପାଇଁ ମନ୍ଦିରକୁ ଛଡ଼ାଯିବ। ପ୍ରତ୍ୟେକ ସପ୍ତାହରେ ଦର୍ଶନାର୍ଥୀଙ୍କ ସଂଖ୍ୟା ବୃଦ୍ଧି କରାଯିବ। କୋଭିଡ କଟକଣା ମଧ୍ୟରେ ମିଳିବ ➤ ପୃ-୬

## ବିଶ୍ୱ ଶିଳ୍ପାୟନ ଓଡ଼ିଶାମୁହାଁ : ନବୀନ




**ଭୁବନେଶ୍ୱର :** ଓଡ଼ିଶା ଏବେ ନିବେଶର ପେଣ୍ଠସ୍ଥଳୀ। ବିଶ୍ୱସ୍ତରୀୟ ଶିଳ୍ପ ଗନ୍ତବ୍ୟସ୍ଥଳ ଅଭିମୁଖେ ଅଗ୍ରସର ହେଉଛି। ଶିଳ୍ପକ୍ଷେତ୍ରରେ ବିଶ୍ୱସ୍ତରୀୟ ଗନ୍ତବ୍ୟ ସ୍ଥଳ ହେବା ପାଇଁ ରଖିଥିବା ସମ୍ଭାବନା ହାସଲ କରିବାକୁ ପ୍ରସ୍ତୁତ। ବିଗତ ଦୁଇ ଦଶନ୍ଧିର ଓଡ଼ିଶାର ଶିଳ୍ପ ପରିମଣ୍ଡଳ ଓ ପ୍ରଗତି ଉପରେ ଗୁରୁତ୍ୱ ଆରୋପ କରି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହା କହିଛନ୍ତି। ଏଥିସହ ଓଡ଼ିଶାର ଏହି ଲକ୍ଷ୍ୟ ହାସଲ ଲାଗି ମୁଖ୍ୟମନ୍ତ୍ରୀ ଭାରତୀୟ ବାଣିଜ୍ୟ ଓ ଶିଳ୍ପ ମହାସଂଘ (ଫିକି)ର ସହଯୋଗ ଲୋଡ଼ିଛନ୍ତି। ଫିକିର ୯୩ତମ ବାର୍ଷିକ ସାଧାରଣ ବୈଠକରେ ଅନ୍ତର୍ଭୁକ୍ତ 'ପ୍ରେରଣିତ ଭାରତ ନିମନ୍ତେ ଆଶାନ୍ୱିତ ଓଡ଼ିଶା' ଶୀର୍ଷକ ସ୍ୱତନ୍ତ୍ର ଅଧିବେଶନରେ ମୁଖ୍ୟମନ୍ତ୍ରୀ ଶ୍ରୀ ପଟ୍ଟନାୟକ ଉଦ୍‌ବୋଧନ ଦେଇଛନ୍ତି। ଭର୍ଚୁଆଲ୍ ପ୍ଲାଟଫର୍ମ ଯୋଗେ ଯୋଡ଼ି ହୋଇ ମୁଖ୍ୟମନ୍ତ୍ରୀ ପୁଞ୍ଜିନିବେଶ ପ୍ରୋତ୍ସାହନ, ନୀତିଗତ ପ୍ରସାରଣ, ବିଶେଷକରି ମହିଳା ଓ ଷ୍ଟାର୍ଟଅପ୍‌ଗୁଡ଼ିକ ମଧ୍ୟରେ ଔଦ୍ୟୋଗିକ ଅଗ୍ରଗତି କ୍ଷେତ୍ରରେ ହୋଇଥିବା ବହୁବିଧ ଅଭିବୃଦ୍ଧିରେ 'ଫିକି'ର ସହଯୋଗିତାକୁ ପ୍ରଶଂସା କରିଛନ୍ତି। ସେ କହିଛନ୍ତି ଯେ 'ଫିକି' ତା'ର ୯୦ ବର୍ଷରୁ ଉର୍ଦ୍ଧ୍ୱ ଇତିହାସରେ ଭାରତର ଶିଳ୍ପ ଅଭିବୃଦ୍ଧିରେ ଉଲ୍ଲେଖନୀୟ କାର୍ଯ୍ୟ କରିଛି। ପୂର୍ବ ଭାରତର ଉତ୍ପାଦନ ହବ୍ ଭାବରେ ଓଡ଼ିଶା ଦ୍ରୁତଗତିରେ ଅଗ୍ରସର ହେଉଥିବା ଉଲ୍ଲେଖ କରି ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ତାଙ୍କ ସରକାର ରାଜ୍ୟରେ ପୁଞ୍ଜିନିବେଶକମାନଙ୍କ ପାଇଁ ଏକ ଅନୁକୂଳ ବ୍ୟବସାୟିକ ବାତାବରଣ ସୃଷ୍ଟି ଦିଗରେ ସର୍ବଦା ଉଦ୍ୟମ କରିଆସୁଛି। ରାଜ୍ୟରେ ଫଳପ୍ରଦ ପ୍ରଶାସନିକ ବ୍ୟବସ୍ଥା ଉପରେ ଗୁରୁତ୍ୱ ଦେଇ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ସରକାରୀ ସେବା ପାଇବା ପାଇଁ ମୁହାଁମୁହିଁ ସାକ୍ଷାତକୁ ହ୍ରାସ କରିବା ଉଦ୍ଦେଶ୍ୟରେ ଓଡ଼ିଶା ସରକାର ଉଲ୍ଲେଖନୀୟ ବୈଷୟିକ ସଂସ୍କାର କାର୍ଯ୍ୟକାରୀ କରୁଛନ୍ତି। ୫-'ଟି' ସୂତ୍ର ଓ 'ମୋ ସରକାର' ପରି ପରିବର୍ତ୍ତନକାରୀ ପଦକ୍ଷେପଗୁଡ଼ିକ ରାଜ୍ୟରେ ଅନୁକୂଳ ବାଣିଜ୍ୟିକ ବାତାବରଣ ସୃଷ୍ଟି ନିମନ୍ତେ ପ୍ରମୁଖ ଭୂମିକା ଗ୍ରହଣ କରିଛନ୍ତି ଏବଂ ସରକାରୀ ପ୍ରତିଷ୍ଠାନଗୁଡ଼ିକରେ ବୃତ୍ତିଗତ ଓ ବ୍ୟବହାରଗତ ପରିବର୍ତ୍ତନ ଆଣିଛନ୍ତି। ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ୨୦୧୯ ଏପ୍ରିଲ-ସେପ୍ଟେମ୍ବର ମଧ୍ୟରେ ଓଡ଼ିଶା ପୁଞ୍ଜିନିବେଶ ଆକୃଷ୍ଟ କରିବାରେ ପ୍ରଥମ ରାଜ୍ୟ ହୋଇପାରିଛି। ଏହି କ୍ଷେତ୍ରରେ ତା'ର ନେତୃତ୍ୱକୁ ଅବ୍ୟାହତ ରଖିବା ପାଇଁ ପ୍ରସ୍ତୁତ ଅଛି। ଓଡ଼ିଶା ପ୍ରତି ନିବେଶକମାନଙ୍କ ଉତ୍ସାହଜନକ ମାନସିକତାକୁ ପ୍ରଶଂସା କରିବା ସହିତ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ କଠିନ କୋଭିଡ୍ ମହାମାରୀ ସମୟରେ ମଧ୍ୟ ଓଡ଼ିଶା ବିଭିନ୍ନ କ୍ଷେତ୍ରରେ ବିନିଯୋଗ ନିମନ୍ତେ ଏକଲକ୍ଷ କୋଟି ଟଙ୍କାରୁ ଅଧିକ ପୁଞ୍ଜିନିବେଶ ଆକୃଷ୍ଟ ➤ ପୃ-୬

## 'କୃଷି ସଂସ୍କାର ଦ୍ୱାରା କୃଷକଙ୍କୁ ନୂଆ ବିକଳ୍ପ ମିଳିବ'



**ନୂଆଦିଲ୍ଲୀ :** ନୂଆ କୃଷି ଆଇନ ବିରୋଧରେ ଦେଶବ୍ୟାପୀ ଜାରି ରହିଥିବା ଚାଷୀ ସଂଗଠନର ଆନ୍ଦୋଳନ ପରିପ୍ରେକ୍ଷୀରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ପୁଣିଥରେ ଚାଷୀଙ୍କୁ ଆନ୍ଦୋଳନରୁ ନିବୃତ୍ତ ରହିବା ପାଇଁ ଅନୁରୋଧ କରିଛନ୍ତି। ମୋଦି ଶନିବାର ଭାରତୀୟ ବାଣିଜ୍ୟ ଏବଂ ଉଦ୍ୟୋଗ ମହାସଂଘ (ଫିକି)ର ୯୩ତମ ବାର୍ଷିକ ସମ୍ମିଳନୀ (ଏଜିଏମ୍)କୁ ଭିଡିଓ କନଫରେନ୍ସିଂ ଯୋଗେ ସମ୍ବୋଧିତ କରି କହିଲେ, କୃଷକ ସମୃଦ୍ଧ ହେଲେ ଦେଶ ସମୃଦ୍ଧ ହେବ। ଆମେ ଯେତିକି ନିବେଶ କରିବା କୃଷକକୁ ସେତିକି ସାହାଯ୍ୟ ସହଯୋଗ ମିଳିବ। ସେ କହିଛନ୍ତି ଗତ ୬ ବର୍ଷରେ ଭାରତ ପ୍ରତି ବିଶ୍ୱର ଆସ୍ଥା ସୁଦୃଢ଼ ହୋଇଛି। ସରକାର ଏବେ କୃଷି ଆଇନରେ ଆଣିଥିବା ସଂସ୍କାର ଦ୍ୱାରା ଏହି କ୍ଷେତ୍ରରେ ରହିଥିବା ପ୍ରତିବନ୍ଧକ ଦୂର ହେବ। ଏସବୁ ବିକାଶରେ ବାଧକ ହେଉଥିବାରୁ ସରକାର ଏଭଳି ପଦକ୍ଷେପ ନେଇଛନ୍ତି। ଫିକିର ବାର୍ଷିକ ଅଧିବେଶନରେ ଉଦ୍‌ଘାଟନୀ ଭାଷଣ ଦେଇ ମୋଦୀ କହିଲେ କୃଷକଙ୍କ ଆୟ ଦ୍ୱିଗୁଣିତ କରିବା ପାଇଁ ସରକାର ସଙ୍କଳ୍ପବଦ୍ଧ। କରୋନା ମହାମାରୀର ସଙ୍କଟଜନକ ସ୍ଥିତିରେ ଦେଶ ଅନେକ କିଛି ଶିକ୍ଷାଲାଭ କରିଛି। ଏଥିପାଇଁ ପ୍ରଧାନମନ୍ତ୍ରୀ ଦେଶର ଉଦ୍ୟୋଗପତି, ଯୁବସମାଜ ଓ କୃଷକଙ୍କୁ ଏହାର ଶ୍ରେୟ ଦେଇଛନ୍ତି। ଏଭଳି ସମୟରେ ମଧ୍ୟ ବିଦେଶୀ ପୁଞ୍ଜି ନିବେଶକାରୀମାନେ ଭାରତରେ ରେକର୍ଡ ପରିମାଣର ପୁଞ୍ଜିନିବେଶ କରିଛନ୍ତି। ବିଶ୍ୱବ୍ୟାପୀ କରୋନା ସଂକ୍ରମଣ ସମୟରେ ଭାରତ ତାର ନାଗରିକଙ୍କ ଜୀବନରକ୍ଷା କରିପାରିଛି। ଘରୋଇ ଉଦ୍ୟୋଗଗୁଡିକ ଦେଶର ଆଭ୍ୟାନ୍ତରୀଣ ଚାହିଦା ପୂରଣ କରିପାରିବ ନାହିଁ। କିନ୍ତୁ ଗୁଣାତ୍ମକ ଉତ୍ପାଦନ ପ୍ରସ୍ତୁତି କରି ନିଜର ଏକ ବିଶ୍ୱସ୍ତରୀୟ ଭାବମୂର୍ତ୍ତି ସୃଷ୍ଟି କରିବା ଉଚିତ୍। ଭାରତରେ ଗୁଣାତ୍ମକ ଉତ୍ପାଦନ କରିବା ଆତ୍ମନିର୍ଭର ଭାରତର ମୁଖ୍ୟ ଉଦ୍ଦେଶ୍ୟ। ଦେଶରେ ସିଧାସଳଖ ବ୍ୟାଙ୍କ ଅର୍ଥ ହସ୍ତାନ୍ତର ବ୍ୟବସ୍ଥା କାର୍ଯ୍ୟକାରୀ ହେଉଛି। ➤ ପୃ-୬

## ଦୁଇଟି ସନ୍ତାନ ପାଇଁ ଦମ୍ପତିଙ୍କୁ ବାଧ୍ୟ କରାଯାଇ ପାରିବନି

**ନୂଆଦିଲ୍ଲୀ :** ଦେଶରେ ପରିବାର ନିୟୋଜନ କାର୍ଯ୍ୟକ୍ରମର ସଫଳ ରୂପାୟନ ନିମନ୍ତେ ସର୍ବାଧିକ ଦୁଇଟି ସନ୍ତାନ ପାଇଁ ଦମ୍ପତିଙ୍କୁ ବାଧ୍ୟ କରାଯାଇ ପାରିବ ନାହିଁ। ଶନିବାର କେନ୍ଦ୍ର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରଣାଳୟ ପକ୍ଷରୁ ଏକ ସତ୍ୟପାଠ ଜରିଆରେ ସୁପ୍ରିମକୋର୍ଟଙ୍କୁ ଏହା ଅବଗତ କରାଯାଇଛି। ଜନସଂଖ୍ୟା ନିୟନ୍ତ୍ରଣ ଲକ୍ଷ୍ୟରେ ଏଭଳି କଟକଣା ନାଗରିକଙ୍କ ସାମ୍ବିଧାନିକ ଅଧିକାରକୁ ଉଲ୍ଲଘଂନ କରିବ ବୋଲି ସତ୍ୟପାଠରେ ଉଲ୍ଲେଖ କରାଯାଇଛି। ସେମାନେ କେତେ ସଂଖ୍ୟକ ପିଲା ଜନ୍ମ କରିବେ, ଏହା ସଂପୃକ୍ତ ଦମ୍ପତିଙ୍କ ନିଜସ୍ୱ ନିଷ୍ପତ୍ତି ଏବଂ ସରକାର କୌଣସି ପରିସ୍ଥିତିରେ ଏଥିରେ ହସ୍ତକ୍ଷେପ କରିପାରିବେ ନାହିଁ। ➤ ପୃ-୬

## ବକ୍ରବାଣୀ




ରଙ୍ଗୀନ୍ ସପନ ପୁଣି ଦେଖେଇ
ବୁଢ଼ାଟା ପାଟିରେ ମିଛ କୁହେଇ
ଶାସନର ଡୋରି ହାତେ ଧଇଲ
ଦେଶର ସମ୍ପତ୍ତି ବିକି ଖାଇଲ
କହିଲ ଚୋରଙ୍କୁ କୋର୍ଟ ଟାଣିବ
ବିଦେଶରୁ କଳା ଧନ ଆଣିବ
ଆଚ୍ଛେଦିନ୍ କଥା ସେବେ କହିଲ
ଗରୀବକୁ ଏବେ ଲାତ ମାଇଲ
ଚାଷୀ ବଇଚନ୍ତି ରାଜ ରାସ୍ତାରେ
ତୁମ ନୀରବତା କାହା ସ୍ୱାର୍ଥରେ।

——— ଟୁଟୁ

### ପାଳନ ହେଉନି ରେଡିଏସନ୍ ଗାଇଡ୍‌ଲାଇନ୍

## ଯାଞ୍ଚ ହେବାର ନଜିର ନାହିଁ



**ଭୁବନେଶ୍ୱର :** ଓଡ଼ିଶାର ବିଭିନ୍ନ ଜିଲ୍ଲାରେ ଥିବା ହସ୍ପିଟାଲ ଓ କ୍ଲିନିକ୍‌ର ରେଡିଏସନ୍ ୟୁନିଟ୍ ଉପରେ ନିୟମିତ ଯାଞ୍ଚ କି ଚଢ଼ଉ ହେଉନାହିଁ। ଏଠାରେ ଥିବା ରେଡିଏସନ୍ ମେସିନ୍‌ଗୁଡ଼ିକ ଉପଯୁକ୍ତ ମାତ୍ରାରେ ରେଡିଏସନ୍ ପ୍ରୟୋଗ କରାଯାଉଛି କି ନାହିଁ ଅଥବା ରେଡିଏସନ୍ ଗାଇଡ୍‌ଲାଇନ୍ ସଠିକ୍ ଭାବରେ ପାଳନ ହେଉଛି କି ନାହିଁ ତାହା ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏଭଳି ସମ୍ବେଦନଶୀଳ ଘଟଣା ଓ ରୋଗୀଙ୍କ ସୁରକ୍ଷା ନେଇ ସ୍ୱାସ୍ଥ୍ୟ ବିଭାଗ ନିରବ ରହିଥିଲା ବେଳେ କେନ୍ଦ୍ର ସରକାରଙ୍କ ଅଧିନରେ ଯାଞ୍ଚ ଦାୟିତ୍ୱ ରହିଛି ବୋଲି ସଫେଇ ଦିଆଯାଉଛି। ଗତ କିଛିବର୍ଷ ହେବ ଓଡ଼ିଶାରେ ଏଭଳି ବିପଦପୂର୍ଣ୍ଣ ବ୍ୟବସ୍ଥା ସମ୍ପର୍କରେ ଯାଞ୍ଚ କି ଚଢ଼ଉ ହେବାର କୌଣସି ନଜିର ନାହିଁ। ଆଧୁନିକ ଓ ଗୁଣାତ୍ମକ ଚିକିତ୍ସା ବିଜ୍ଞାନରେ ରେଡିଏସନ୍ ବା ରଞ୍ଜନରଶ୍ମିର ବ୍ୟବହାର ବହୁଳ ଭାବରେ ବଢ଼ିଚାଲିଥିଲା ବେଳେ ରେଡିଏସନ୍‌ର ପ୍ରୟୋଗ ବିନା ଆଧୁନିକ ଚିକିତ୍ସା କଥା ଚିନ୍ତା କରାଯାଏନି। ବର୍ତ୍ତମାନ ଅଧିକାଂଶ ଚିକିତ୍ସା କ୍ଷେତ୍ରରେ ରେଡିଏସନ୍‌କୁ ବ୍ୟବହାର କରାଯାଉଛି। ହାଡ଼ ଭଙ୍ଗାଠାରୁ ଆରମ୍ଭ କରି ଅସ୍ତ୍ରୋପଚାର ଏବଂ ଏମ୍ଆର୍ଆଇଠାରୁ ଆରମ୍ଭ କରି ବି କ୍ୟାନ୍‌ସର ଚିକିତ୍ସା ପର୍ଯ୍ୟନ୍ତ ରହିଛି। ସିଟି ସ୍କାନ, ଡିଜିଟାଲ ଏକ୍ସ-ରେ, ଇକୋ ଥେରାପି ଓ ଅଲ୍‌ଟ୍ରାସାଉଣ୍ଡ ଆଦି ଅନେକ କ୍ଷେତ୍ରରେ ରେଡିଏସନ୍ ପଦ୍ଧତିକୁ ପ୍ରୟୋଗ କରାଯାଉଛି। ଏହି ସବୁ ପଦ୍ଧତି ଦ୍ୱାରା ଚିକିତ୍ସା କ୍ଷେତ୍ରରେ ରୋଗୀଙ୍କ ପାଇଁ ବରଦାନ ସାବ୍ୟସ୍ତ ହେଉଛି। ରୋଗୀମାନେ ଏହାଦ୍ୱାରା ଅତି ସହଜରେ ଅତ୍ୟାଧୁନିକ ଚିକିତ୍ସା ସେବା ପାଇପାରୁଛନ୍ତି ଓ ସୁସ୍ଥ ହେଉଛନ୍ତି। ହେଲେ ଏହି ରେଡିଏସନ୍ ବ୍ୟବହାର ରୋଗୀଙ୍କ ପାଇଁ ଜୀବନ ମରଣର ସମସ୍ୟା ମଧ୍ୟ ରହିଛି। ରେଡିଏସନ୍ ପ୍ରୟୋଗ ଫଳରେ ରୋଗୀର ଗୋଟିଏ ରୋଗ ଭଲ ହେଉଥିଲା ବେଳେ ଅନ୍ୟ ମାରାତ୍ମକ କ୍ୟାନ୍ସର ଭଳି ରୋଗର ସମ୍ମୁଖୀନ ହୋଇପାରନ୍ତି। କେବଳ କ୍ୟାନ୍ସର ନୁହେଁ ଅତିମାତ୍ରାରେ ରେଡିଏସନ୍ ପ୍ରଭାବରେ ଶରୀରର ଅନ୍ୟ କେତେକ ଅଙ୍ଗ ପ୍ରତ୍ୟଙ୍ଗ ମଧ୍ୟ ଅଚଳ ହୋଇପାରେ। ହେଲେ ଏହି ସବୁ ଚିକିତ୍ସା ପ୍ରୟୋଗ କ୍ଷେତ୍ରରେ ଥିବା ରେଡିଏସନ୍ ନିୟମକୁ ହସ୍ପିଟାଲ ଓ କ୍ଲିନିକ୍ ଅଧିକାରୀ ମାନୁନଥିବା ଜଣାପଡିଛି। ଆଟୋମିକ୍ ଏନର୍ଜି ରେଗୁଲେସନ୍ ବୋର୍ଡ (ଏଇଆର୍‌ବି) ଦ୍ୱାରା ରେଡିଏସନ୍ ପାଇଁ ହୋଇଥିବା ଗାଇଡ୍‌ଲାଇନ୍‌କୁ ଫୁ କରି ଉଡ଼ାଇ ଦିଆଯାଉଛି। ରାଜ୍ୟ ସ୍ୱାସ୍ଥ୍ୟ ବିଭାଗ ଅଧିକାରୀ କେଉଁ କାରଣ ନେଇ ରେଡିଏସନ୍ ଯାଞ୍ଚ କରୁନାହାନ୍ତି ତାହା ସନ୍ଦେହ ସୃଷ୍ଟି କରିଛି। କେନ୍ଦ୍ର ସରକାର ପ୍ରତ୍ୟେକ ରାଜ୍ୟରେ ➤ ପୃ-୬

### ଭାବୀ ଶ୍ୱଶୁର-ଜ୍ୱାଇଁ ଲିଙ୍କ୍

## ଠକାମୀର ଶିକାର ହୋଇଥିଲେ ଅଭିଯୋଗ କରନ୍ତୁ : ଏଡିଜି

**କଟକ :** ବିଧାୟକ ପ୍ରଦୀପ ପାଣିଗ୍ରାହୀ ଓ ଆକାଶ ପାଠକ ବହୁ ବେକାର ଯୁବକଯୁବତୀଙ୍କ କର୍ମନିଯୁକ୍ତି ଯୋଗାଇଦେବାର ଆଶାଦେଇ ଠକେଇ କରିଛନ୍ତି। ଅନ୍‌ଲାଇନ୍ ଟ୍ରେନିଂ ଫଣ୍ଡାରେ ସେମାନଙ୍କ ଫସାଉ ଥିଲେ। ଏହି ଘଟଣା ଏବେ ସାମ୍ନାକୁ ଆସିବା ପରେ ଏହାର ଅଧିକ ତଦନ୍ତପାଇଁ କ୍ରାଇମବ୍ରାଞ୍ଚ ପକ୍ଷରୁ ତନାଘନା ଆରମ୍ଭ ହୋଇଛି। ତେବେ କୌଣସି ବ୍ୟକ୍ତି ଆକାଶ ଓ ପ୍ରଦୀପଙ୍କ ଦ୍ୱାରା ଠକେଇ ହୋଇଥିଲେ କ୍ରାଇମବ୍ରାଞ୍ଚ ନିକଟରେ ଅଭିଯୋଗ କରିବା ନିମନ୍ତେ କ୍ରାଇମବ୍ରାଞ୍ଚ ଅତିରିକ୍ତ ଡିଜି ସୌମେନ୍ଦ୍ର ପ୍ରିୟଦର୍ଶୀ ସୂଚନା ଦେଇଛନ୍ତି। ସୂଚନାଯୋଗ୍ୟ ଯେ ନିଜକୁ ଟାଟା ମୋଟର୍ସର ଏମ୍‌ଡି ଭାବେ ମିଥ୍ୟା ପରିଚୟ ଦେଇ ଆକାଶ ବହୁ ଶିକ୍ଷିତ ବେକାର ଯୁବକଯୁବତୀଙ୍କୁ ➤ ପୃ-୬




## ରାଜ୍ୟରେ ଚାଲିଛି ନବୀନବାବୁଙ୍କ କୁଶାସନ : ପୁରନ୍ଦେଶ୍ୱରୀ



**ଭୁବନେଶ୍ୱର :** ରାଜ୍ୟରେ ସୁଶାସନ ବଦଳରେ କୁଶାସନ ଚାଲିଛି । ରାଜ୍ୟରେ ଶାସନ କରିବା ପାଇଁ ଓଡିଶାର ଜନତା ନବୀନ ବାବୁଙ୍କୁ ଭୋଟ ଦେଇଛନ୍ତି । କିନ୍ତୁ ଏଠି ନବୀନ ବାବୁ ନୁହେଁ ସରକାରୀ ବାବୁ ମାନେ ଶାସନ କରୁଛନ୍ତି । ବିଗତ ବର୍ଷରେ ରାଜ୍ୟରେ ଦୂର୍ନୀତି ଓ ଭ୍ରଷ୍ଟାଚାର ବୃଦ୍ଧି ପାଇବାରେ ଲାଗିଛି । କୋଇଲା, ଜଙ୍ଗଲ, ଚିଟଫଣ୍ଡ, ଜମି ଭଳି ଅନେକ ଦୂର୍ନୀତିରେ ବିଜେଡି ନେତାମାନଙ୍କର ସଂପୃକ୍ତି ରହିଛି । ବିଜେଡିର ପୂର୍ବତନ ସାଂସଦ ରାମଚନ୍ଦ୍ର ହଂସଦା, ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଓ ଅରୁଣ ସାହୁ, ଗୋପାଳପୁର ବିଧାୟକ ପ୍ରଦୀପ ପାଣିଗ୍ରାହୀ ଭଳି ଅନେକ ବିଜେଡି ନେତା ବଡ ବଡ ଦୂର୍ନୀତିରେ ସାମିଲ ଅଛନ୍ତି । ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁଙ୍କ ଭାଇ ଚାଷୀ ଲୋନ୍ କରାଇବା ନେଇ ବ୍ୟାପକ ଅର୍ଥ ହଡପ କରିଛନ୍ତି । ସେହିପରି ପରୀ ହତ୍ୟାକାଣ୍ଡରେ ମନ୍ତ୍ରୀ ଅରୁଣ ସାହୁ ହତ୍ୟାକାରୀଙ୍କୁ ସୁରକ୍ଷା ଦେଇ ଚାଲିଛନ୍ତି । ଏହା ପରେ ବି ନବୀନ ବାବୁ ଚୁପ୍ ରହିବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ । ଅପରପଟେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ ବିଜେପି ନେତାମାନେ ଦୂର୍ନୀତି ଓ ଭ୍ରଷ୍ଟାଚାରକୁ ଦେଶରୁ ମୁକ୍ତ କରିବା ପାଇଁ ପ୍ରୟାସ କରିବା ସହ ଲୋକଙ୍କ ହିତରେ ବିଭିନ୍ନ ଜନ କଲ୍ୟାଣକାରୀ ଯୋଜନା ଲାଗୁ କରିଛନ୍ତି । କ୍ଷମତା ପାଇଁ ନୁହେଁ ବରଂ ଲୋକଙ୍କ ସେବା କରିବା ପାଇଁ ବିଜେପି ସର୍ବଦା ପ୍ରତିଶୃତିବଦ୍ଧ । ଏଣୁ ଓଡିଶାର ଜନତା କୁଶାସନକୁ ଗାଦିରୁ ହଟାଇ ସୁଶାସନ ପାଇଁ ଆଗାମୀ ଦିନରେ ରାଜ୍ୟରେ ସରକାର କରିବା ପାଇଁ ବିଜେପିକୁ ସୁଯୋଗ ଦେବାକୁ ବିଜେପି ରାଷ୍ଟ୍ରୀୟ ସାଧାରଣ ସଂପାଦିକା ତଥା ରାଜ୍ୟ ପ୍ରଭାରୀ ଡି.ପୁରନ୍ଦେଶ୍ୱରୀ ରାଜ୍ୟବାସୀଙ୍କୁ ଅନୁରୋଧ କରିଛନ୍ତି । ରାଜ୍ୟ କାର୍ଯ୍ୟାଳୟରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ଶ୍ରୀମତୀ ପୁରନ୍ଦେଶ୍ୱରୀ କହିଛନ୍ତି ଯେ, ଗତ ୬ ବର୍ଷରେ ବିଜେପି ସରକାର ଦେଶକୁ ସୁଶାସନ ଦେଇ ଆସୁଛି । ସମାଜର ଦଳିତ, ଗରିବ ଏବଂ ପଛୁଆ ବର୍ଗଙ୍କୁ ସମାଜର ମୁଖ୍ୟ ସ୍ରୋତରେ ସାମିଲ କରିବା ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ବିଭିନ୍ନ ଜନହିତକର ଯୋଜନା ଲାଗୁ କରିଛନ୍ତି । ଦେଶର ବିକାଶରେ ➤ ପୃ-୬

### ମିଛ କହୁଛନ୍ତି ବିଜେପି ପ୍ରଭାରୀ : ସସ୍ମିତ

**ଭୁବନେଶ୍ୱର :** ଲୋକଙ୍କୁ ମିଛ କହୁଛନ୍ତି ବିଜେପିର ଓଡ଼ିଶା ପ୍ରଭାରୀ ଡି. ପୁରେନ୍ଦେଶ୍ୱରୀ। ଦୁଇ ଦୁଇଟି ଉପନିର୍ବାଚନରେ ହାରିଥିବା ବିଜେପି କର୍ମକର୍ତ୍ତାଙ୍କ ମନୋବଳ ବଢ଼ାଇବା ହିଁ ଅସଲ ଉଦ୍ଦେଶ୍ୟ ବୋଲି ବିଜେଡିର ରାଷ୍ଟ୍ରୀୟ ପ୍ରବକ୍ତା ତଥା ରାଜ୍ୟସଭା ସାଂସଦ ଡକ୍ଟର ସସ୍ମିତ ପାତ୍ର ପ୍ରକାଶ କରିଛନ୍ତି। ରାଜ୍ୟ ବିଜେପି ପ୍ରଭାରୀଙ୍କ ଅଭିଯୋଗର ଜବାବ ଦେଇ ଡକ୍ଟର ପାତ୍ର କହିଥିଲେ, ବାଲେଶ୍ୱର ଓ ତିର୍ତ୍ତୋଲ ଉପନିର୍ବାଚନରେ ଶୋଚନୀୟ ପରାଜୟ ପରେ ଦଳୀୟ କର୍ମୀଙ୍କ ମନୋବଳ ବଢ଼ାଇବା ପାଇଁ ସେ ଏଠାକୁ ଆସଛିନ୍ତି । ବିଶେଷକରି ବାଲେଶ୍ୱର ପରାଜୟ ରାଜ୍ୟ ବିଜେପି ନେତା ଓ କର୍ମୀଙ୍କ ମନୋବଳ ଭାଙ୍ଗିଦେଇଛି । ରାଜ୍ୟ ସରକାରଙ୍କୁ ସମାଲୋଚନା କରିବା ବଦଳରେ ଯଦି ଶ୍ରୀମତୀ ପୁରେନ୍ଦେଶ୍ୱରୀ ଚାଷୀ ପ୍ରସଙ୍ଗରେ ଅଧିକ କହିଥାନ୍ତେ ତେବେ ଭଲ ହୋଇଥାନ୍ତା।

## କେମିତି କଟିବ ଏ ସପ୍ତାହ

**ମେଷ** — ଗୃହରେ ମାଙ୍ଗଳିକ କାର୍ଯ୍ୟ ଅନୁଷ୍ଠିତ ହେବ। ଛାତ୍ରଛାତ୍ରୀମାନେ ଅଧିକ ପରିଶ୍ରମ କରି ସଫଳ ହେବେ। ଚାକିରି କ୍ଷେତ୍ରରେ ବିବାଦ ଲାଗି ରହିବ। ପରିବାରରେ ଅଶାନ୍ତି ଦେଖାଦେବ। ଆର୍ଥିକ ଚିନ୍ତାରୁ କିଛିମାତ୍ରାରେ ମୁକ୍ତି ମିଳିବ।

**ବୃଷ** — ବନ୍ଧୁଙ୍କ ଠାରୁ ସାହାଯ୍ୟ ମିଳିବ ନାହିଁ। ପାରିବାରିକ ଶାନ୍ତି ଅନୁଭବ କରିବେ। କର୍ମକ୍ଷେତ୍ରରେ ପଦୋନ୍ନତି ହେବାର ଅଧିକ ସମ୍ଭାବନା ରହିଛି। କୋର୍ଟକଚେରୀ ମାମଲାର ସମାଧାନ ଘଟିବ। ବିବାହ ଆଶାୟୀମାନେ ଶୁଭଫଳ ପାଇବେ।

**ମିଥୁନ** — ବ୍ୟବସାୟୀମାନେ ନିଜର ଯୋଜନାକୁ ଗୁପ୍ତ ରଖିବା ଉଚିତ। ପୂର୍ବ ବିବାଦର ସମାଧାନ ହେବ। ପିଲାଙ୍କ ସ୍ୱାସ୍ଥ୍ୟ ପ୍ରତି ଚିନ୍ତିତ ରହିବେ। ରାଜନୀତି କ୍ଷେତ୍ରରେ ବ୍ୟକ୍ତିଙ୍କୁ ଉଚ୍ଚପଦ ମିଳିପାରେ। ମାନସିକ ଦୁଶ୍ଚିନ୍ତା ଲାଗିରହିବ।

**କର୍କଟ** — କର୍ମକ୍ଷେତ୍ରରେ ପ୍ରଶଂସା ପାଇବେ। ଧନ ବୃଦ୍ଧିର ଶୁଭ ସଙ୍କେତ ମିଳିପାରେ। ରାଜନୈତିକ ବ୍ୟକ୍ତି କିଛିମାତ୍ରାରେ ଶୁଭଫଳ ପାଇବେ। ବ୍ୟବସାୟୀମାନେ ଅଧିକ ଲାଭରୁ ବଞ୍ଚିତ ହେବ।

**ସିଂହ** — ଗୃହରେ ଅଶାନ୍ତିର ବାତାବରଣ ଦେଖାଦେବ। ନୂତନ ଯାଜନ କ୍ରୟ କରି ଖୁସି ଅନୁଭବ କରିବେ। ଦୀର୍ଘ ଦିନରୁ ଲାଗି ରହିଥିବା ବିବାଦ ସମାଧାନ ହେବ। ରାଜନୀତି କ୍ଷେତ୍ରରେ ଥିବା ବ୍ୟକ୍ତିଙ୍କର ଭାଗ୍ୟ ଉଜ୍ଜ୍ୱଳ ହେବ।

**କନ୍ୟା** — ଶାରୀରିକ ସୁସ୍ଥତା ଅନୁଭବ କରିବେ। ଚାକିରିଆଙ୍କର ଦୂରସ୍ଥାନକୁ ବଦଳି ହୋଇପାରେ। ବିଦ୍ୟାର୍ଥୀମାନେ ଅଧିକ ପରିଶ୍ରମକରି ସଫଳ ହେବେ। ନୂତନ ଗୃହ ଉପକରଣ କ୍ରୟ କରିବାର ସମୟ ଆସିବ।

**ତୁଳା** — ସାମାଜିକ ତଥା ଆଧ୍ୟାତ୍ମିକ କାର୍ଯ୍ୟରେ ସମୟ କଟିବ। ଜମି କିଣା-ବିକା ବ୍ୟବସାୟରେ ଅଧିକ ଲାଭ ହେବ। ଛାତ୍ରଛାତ୍ରୀମାନେ ଶିକ୍ଷାକ୍ଷେତ୍ରରେ ଉନ୍ନତି ଲାଭ କରିବେ। ଆର୍ଥିକ ପରିସ୍ଥିତିରେ ପରିବର୍ତ୍ତନ ଘଟିବ।


**ବିଛା** — ଚାକିରିରେ ନିଜର ସୁରକ୍ଷା ଓ ପ୍ରତିପତ୍ତି ବଜାୟ ରହିବ। ନୂତନ ଗୃହ ନିର୍ମାଣ କରିବାର ସମୟ ଆସିବ। ବୈବାହିକ ଜୀବନ ସୁଖମୟ ହେବ। ଗୃହରେ ଶାନ୍ତିର ବାତାବରଣ ଖେଳିଯିବ। ମାନସିକ ସୁସ୍ଥତା ଅନୁଭବ କରିବେ।

**ଧନୁ** — ଆର୍ଥିକ ସମସ୍ୟା ଦୂର ହେବ। ଦାମ୍ପତ୍ୟଜୀବନ ସୁଖମୟ ରହିବ। ଧନ ପ୍ରାପ୍ତିର ପ୍ରବଳ ଯୋଗ ରହିଛି। ପରୀକ୍ଷାରେ ଛାତ୍ରଛାତ୍ରୀଙ୍କୁ ଭଲ ଫଳ ମିଳିବ। ବ୍ୟବସାୟୀମାନେ ଆଶାତୀତ ସଫଳତା ପାଇବେ।

**ମକର** — ନୂତନ କର୍ମକ୍ଷେତ୍ରରେ ଯୋଗ ଦେବେ। ବିଦ୍ୟାର୍ଥୀମାନେ ବିଦେଶରେ ପ୍ରଶଂସିତ ହେବେ। କଳା ଓ ସାହିତ୍ୟ କ୍ଷେତ୍ରରେ ଆଗକୁ ବଢ଼ିବେ। ଧନପ୍ରାପ୍ତିର ସୁଯୋଗ ଆସିପାରେ। ଶରୀର ସୁସ୍ଥ ରହିବ।

**କୁମ୍ଭ** — ତୀର୍ଥସ୍ଥାନ ଭ୍ରମଣର ସୁଯୋଗ ଆସିବ। ଛାତ୍ରଛାତ୍ରୀମାନେ ପାଠପଢ଼ାରେ କୃତିତ୍ୱ ଲାଭ କରିବେ। ବିଦେଶ ଯାତ୍ରାରେ ଅସୁବିଧା ଭୋଗ କରିବେ। ରାଜନୀତିରେ ଆଧିପତ୍ୟ ବଢ଼ିବ। ବିବାହ ଆଶାୟୀମାନେ ବିଫଳତା ହେବେ।

**ମୀନ** — ସରକାରୀ ଚାକିରିଆଙ୍କୁ ଅଧିକ ଲାଭ ମିଳିବ। ଛାତ୍ରଛାତ୍ରୀମାନେ ପାଠପଢ଼ା କ୍ଷେତ୍ରରେ ଚିନ୍ତିତ ରହିବେ। ଆର୍ଥିକ ସ୍ଥିତିରେ ପରିବର୍ତ୍ତନ ଦେଖାଦେବ। ଜମିଜମା ବିବାଦର ସମାଧାନ ଘଟିବ। ବ୍ୟବସାୟରେ ଉନ୍ନତି ହୋଇପାରେ।



ଚନ୍ଦ୍ରଶେଖର ମିଶ୍ର
ଜ୍ୟୋତିର୍ବିଦ୍ ଓ ବାସ୍ତୁବିଶାରଦ
କାକଟପୁର, ପୁରୀ
ମୋ-୯୭୭୭୦୬୩୪୧୧

# ଆତ୍ମନିର୍ଭର ଭାରତ ନିର୍ମାଣର ସାକ୍ଷୀ ନୂଆ ସଂସଦ ଭବନ

**ନୂଆଦିଲ୍ଲୀ :** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ନୂଆଦିଲ୍ଲୀର ସଂସଦ ମାର୍ଗରେ ଇଣ୍ଡିଆଗେଟ୍ ନିକଟରେ ନୂଆ ସଂସଦ ଭବନର ଶିଳାନ୍ୟାସ କରିଛନ୍ତି। କର୍ଣ୍ଣାଟକର ଶୃଙ୍ଗେରି ମଠର ୬ ଜଣ ପୂଜକ ଭୂମିପୂଜନ କରିଥିଲେ। ଏହି ସମୟରେ ସର୍ବଧର୍ମ ପ୍ରାର୍ଥନା ମଧ୍ୟରେ ଏହି ଶିଳାନ୍ୟାସ କରାଯାଇଥିଲା। ଏହି ଅବସରରେ ମୋଦୀ କହିଛନ୍ତି, ୧୩୦ କୋଟି ଭାରତୀୟଙ୍କ ପାଇଁ ଏହା ହେଉଛି ଏକ ଗର୍ବର ଦିନ। ନୂଆ ସଂସଦ ଭବନ ଏକବିଂଶ ଶତାବ୍ଦୀରେ ଭାରତର ଆଶା ଆକାଙ୍କ୍ଷା ପୂରଣ କରିବ। ଏହା ଆତ୍ମନିର୍ଭର ଭାରତ ନିର୍ମାଣର ସାକ୍ଷୀ ହେବ ଏବଂ ଏହି ଶିଳାନ୍ୟାସ ଉତ୍ସବ ଭାରତର ଗଣତାନ୍ତ୍ରିକ ଇତିହାସରେ ଏକ ମାଇଲ୍‌ଖୁଣ୍ଟ ଭାବେ ବିବେଚିତ ହେବ ବୋଲି ସେ କହିଛନ୍ତି। ପ୍ରଧାନମନ୍ତ୍ରୀ କହିଲେ, ୨୦୧୪ରେ ମୁଁ ଯେତେବେଳେ ପ୍ରଥମକରି ସଂସଦ ଭବନରେ ପ୍ରବେଶ କଲି ସେହି ମୁହୂର୍ତ୍ତକୁ ଆଦୌ ଭୁଲିପାରିବି ନାହିଁ। ମୁଁ ସଂସଦ ଭବନର ପ୍ରବେଶପଥରେ ପ୍ରତି ପାହାଚରେ ମଥାନତ କରିଥିଲି। ଏହା ମତେ ମୋର ସାମ୍ବିଧାନିକ ଦାୟିତ୍ୱ ସଫଳତାର ସହ ନିର୍ବାହ କରିବା ପାଇଁ ସାହାଯ୍ୟ କରିଛି। ଭାରତର ଗଣତନ୍ତ୍ରିକ ବ୍ୟବସ୍ଥା ଶତାବ୍ଦୀ ଶତାବ୍ଦୀ ଧରି ଅଭିଜ୍ଞତା ଦ୍ୱାରା ଅଧିକ ବିକଶିତ ହୋଇଛି ବୋଲି ପ୍ରଧାନମନ୍ତ୍ରୀ କହିଥିଲେ। ଏହି ସମାରୋହରେ ଲୋକସଭା ବାଚସ୍ପତି ଓମ୍ ବିର୍ଲା କହିଲେ, ବର୍ତ୍ତମାନର ସଂସଦ ଭବନର




ସାମ୍ପ୍ରସାରଣ ସମ୍ଭବ ନହେବାରୁ ନୂଆ ସଂସଦ ଭବନ ନିର୍ମାଣର ଆବଶ୍ୟକତା ପଡିଛି। ରାଜ୍ୟସଭାର ଉପାଧ୍ୟକ୍ଷ ହରିବଂଶ ନାରାୟଣ ସିଂ, ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହ, ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ, ସଂସଦୀୟ ବ୍ୟାପାର ମନ୍ତ୍ରୀ ପ୍ରହଲ୍ଲାଦ ଯୋଷୀ, ଗୃହ ଓ ସହରାଞ୍ଚଳ ବ୍ୟାପାର ମନ୍ତ୍ରୀ ହରଦୀପ ସିଂ ପୁରୀ ଏବଂ ବହୁ କେନ୍ଦ୍ରମନ୍ତ୍ରୀ, ସାଂସଦ ପ୍ରମୁଖ ଏହି ଅବସରରେ ଉପସ୍ଥିତ ଥିଲେ। ନୂଆ ସଂସଦ ଭବନ ନିର୍ମାଣରେ ୯୭୧ କୋଟି ଟଙ୍କା ଖର୍ଚ୍ଚ ହେବ ଏବଂ ୨୦୨୨ରେ ଦେଶ ସ୍ୱାଧୀନତାର ୭୫ ବର୍ଷ ପୂର୍ତ୍ତି ଅବସରରେ ନିର୍ମାଣ କାର୍ଯ୍ୟ ଶେଷ ହେବ। ଏହି ନିର୍ମାଣ କାର୍ଯ୍ୟରେ ଭାରତୀୟ ସଂସ୍କୃତି ଓ ଆଞ୍ଚଳିକ କଳା ନୈପୁଣ୍ୟ ପ୍ରତିଫଳିତ ହେବ।

### ସୁପ୍ରିମ୍‌କୋର୍ଟଙ୍କ ନିର୍ଦ୍ଦେଶ

## କରୋନା ରୋଗୀଙ୍କ ଘରେ ଲାଗିବନି ପୋଷ୍ଟର


**ନୂଆଦିଲ୍ଲୀ :** କରୋନା ରୋଗୀଙ୍କ ଘର ବାହାରେ ଆଉ ଲାଗିବନି ପୋଷ୍ଟର। ଏକ ଆବେଦନର ଶୁଣାଣି କରି ସୁପ୍ରିମ୍‌କୋର୍ଟ ଏହି ନିର୍ଦ୍ଦେଶ ଦେଇଛନ୍ତି। ଯଦି ଘର ବାହାରେ ପୋଷ୍ଟର ଲଗାଇବା ଅତି ଜରୁରୀ ଥାଏ, ତାହେଲେ ଏଥିପାଇଁ କେନ୍ଦ୍ର ସରକାରଙ୍କଠାରୁ ଅନୁମତି ଆଣିବାକୁ ପଡିବ। ଘର ବାହାରେ ପୋଷ୍ଟର ମାରିବା ଦ୍ୱାରା ରୋଗୀଙ୍କ ସହ ଭେଦଭାବ ହେଉଥିବା ସୁପ୍ରିମ୍‌କୋର୍ଟ କହିଛନ୍ତି। ଶୁଣାଣି ବେଳେ ସୁପ୍ରିମ୍‌କୋର୍ଟ କହିଥିଲେ, ଯେଉଁଠାରେ ଏଭଳି ପୋଷ୍ଟର ଲଗାଯାଇଛି, ସେଠାରେ ଲୋକଙ୍କର ବ୍ୟକ୍ତିତ୍ୱର ହନନ କରାଯାଉଛି। ଏହାସହ ପୋଷ୍ଟର ଲଗାଯିବା ଦ୍ୱାରା ରୋଗୀ ଏବଂ ସେମାନଙ୍କ ପରିବାର ଲୋକଙ୍କୁ ପଡୋଶୀଙ୍କଠାରୁ ଅନେକ ସମସ୍ୟାର ସାମ୍ନା କରିବାକୁ ପଡୁଛି। ଅନ୍ୟପକ୍ଷରେ ସରକାରଙ୍କ



ତରଫରୁ ପକ୍ଷ ରଖି ସଲିସିଟର ଜେନେରାଲ ତୁଷାର ମେହେଟ୍ଟା ସ୍ପଷ୍ଟ କରିଛନ୍ତି ଯେ, କେନ୍ଦ୍ର ସରକାର ଏଭଳି କୌଣସି ନିର୍ଦ୍ଦେଶନାମା ଜାରି କରିନାହାନ୍ତି। ପୋଷ୍ଟର ଲଗାଇବା ନିଷ୍ପତ୍ତି ରାଜ୍ୟ ସରକାରଙ୍କର ଥିଲା। ପଡୋଶୀ କିମ୍ବା ସେମାନଙ୍କ ସମ୍ପର୍କୀୟଙ୍କୁ ସତର୍କ କରାଇବା ପାଇଁ ରାଜ୍ୟ ସରକାରମାନେ ଏଭଳି ନିର୍ଦ୍ଦେଶନାମା ଜାରି କରିଥିଲେ। ଏହା ଉପରେ ସୁପ୍ରିମ୍‌କୋର୍ଟ କହିଛନ୍ତି, ବାସ୍ତବ ଚିତ୍ର ଅଲଗା କହୁଛି। ପୋଷ୍ଟର ଲଗାଯିବା ଦ୍ୱାରା ଲୋକେ ରୋଗୀଙ୍କୁ ଅଛୁଆଁ ଭାବୁଛନ୍ତି। ତେଣୁ ଏବେ କାହା ଘଣ ବାହାରେ ପୋଷ୍ଟର ଲାଗିବନି ବୋଲି ସୁପ୍ରିମ୍‌କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ସୂଚନାଯୋଗ୍ୟ ଯେ, ଭାରତରେ ଏବେ କରୋନା ପଜିଟିଭ୍ ମାମଲା ହ୍ରାସ ପାଇଛି। କରୋନା ଆକ୍ଟିଭ୍ ମାମଲାରେ ଭାରତ ଏବେ ସପ୍ତମରୁ ଅଷ୍ଟମ ସ୍ଥାନରେ ପହଞ୍ଚିଛି। ଆକ୍ଟିଭ୍ ମାମଲାରେ ସବୁଠାରୁ ଖରାପ ସ୍ଥିତି ଆମେରିକାରେ ରହିଛି। ଭାରତରେ ଏବେ ୩ଲକ୍ଷ ୭୯ ହଜାର ୯୦୯ ରୋଗୀଙ୍କ ଚିକିତ୍ସା ଚାଲିଛି। ସେହି ତୁଳନାରେ ଆମେରିକାରେ ୬୦.୯୬ ଲକ୍ଷ ରୋଗୀଙ୍କ ଚିକିତ୍ସା ଚାଲିଛି।

## ଏଭରେଷ୍ଟ ଉଚ୍ଚତା ୮୬ ସେ.ମି. ବୃଦ୍ଧି

**କାଠମାଣ୍ଡୁ :** ବଦଳିଲା ବିଶ୍ୱର ଉଚ୍ଚତମ ଶୃଙ୍ଗର ଉଚ୍ଚତା। ଦୀର୍ଘ ବର୍ଷ ଧରି ଏଭରେଷ୍ଟ ଶୃଙ୍ଗର ଉଚ୍ଚତାକୁ ନେଇ ଲାଗି ରହିଥିବା ବିବାଦର ଅନ୍ତ ହୋଇଛି ବୋଲି ଘୋଷଣା କରିଛନ୍ତି ଉଭୟ ନେପାଳ ଓ ଚୀନ୍। ନେପାଳ ଓ ଚୀନ୍ ପକ୍ଷରୁ ମିଳିତ ଭାବେ ସର୍ଭେ କରାଯାଇ ବିଶ୍ୱର ସବୁଠାରୁ ଉଚ୍ଚ ପର୍ବତ ମାଉଣ୍ଟ ଏଭରେଷ୍ଟର ପ୍ରକୃତ ଉଚ୍ଚତା ସମ୍ପର୍କରେ ଘୋଷଣା କରାଯାଇଛି। ସେମାନଙ୍କ ଘୋଷଣା ଅନୁଯାୟୀ, ମାଉଣ୍ଟ ଏଭରେଷ୍ଟର ଉଚ୍ଚତା ୮,୮୪୮.୮୬ ମିଟର ରହିଛି। ଶେଷଥର ପାଇଁ ଭାରତ ୧୯୫୪ରେ ମାଉଣ୍ଟ ଏଭରେଷ୍ଟର ଉଚ୍ଚତା ମାପିଥିଲା। ଏହି ସମୟରେ କୁହାଯାଇଥିଲା ଯେ, ଏହାର ଉଚ୍ଚତା ୮,୮୪୮ ମିଟର। ହେଲେ ଏବେ ଭାରତର ତଥ୍ୟ ତୁଳନାରେ ମାଉଣ୍ଟ ଏଭରେଷ୍ଟର ଉଚ୍ଚତା ଅଧିକ ୦.୮୬ ମିଟର ବା ୮୬ ସେମି ଅଧିକ ରହିଛି। ୨୦୧୫ ଭୂକମ୍ପ ଓ ଅନ୍ୟାନ୍ୟ କାରଣରୁ ମାଉଣ୍ଟ ଏଭରେଷ୍ଟର ଉଚ୍ଚତା ହ୍ରାସ ପାଇଛି ବୋଲି ସାଧାରଣରେ ଧାରଣା ପ୍ରକାଶ ପାଇଥିଲା।



ଏହାକୁ ଦୃଷ୍ଟିରେ ରଖି ନେପାଳ ସରକାର ମାଉଣ୍ଟ ଏଭରେଷ୍ଟର ଉଚ୍ଚତା ମାପିବାକୁ ନିଷ୍ପତ୍ତି ନେଇଥିଲେ। ନେପାଳର ଏହି ମାପଚୁପରେ ଚୀନ୍ ମଧ୍ୟ ସାମିଲ ହେବ ବୋଲି ଘୋଷଣା କରିଥିଲା। ଉଭୟ ଦେଶ ନିକଟରେ ମାଉଣ୍ଟ ଏଭରେଷ୍ଟର ଉଚ୍ଚତା ମାପିଥିଲା। ନେପାଳର ବୈଦେଶିକ ମନ୍ତ୍ରୀ ପ୍ରଦୀପ ଗୟାୱାଲି କହିଛନ୍ତି, ନେପାଳ ପକ୍ଷରୁ ମାଉଣ୍ଟ ଏଭରେଷ୍ଟର ପୁନଃ ମାପ କରାଯାଇଥିଲା। ଏବେ ବିଶ୍ୱର ସବୁଠାରୁ ଉଚ୍ଚ ପର୍ବତର ଉଚ୍ଚତା ୮,୮୪୮.୮୬ ମିଟର ରହିଛି। ୧୯୫୪ରେ ସର୍ଭେ ଅଫ୍ ଇଣ୍ଡିଆ ଏଭରେଷ୍ଟକୁ ମାପିଥିଲା। ଏହି ସମୟରେ ଏହା ଉଚ୍ଚତା ୮୮୪୮ ମିଟର ରହିଥିଲା। ସେହିପରି ଚୀନ୍ କରିଥିବା ମାପଚୁପ ବେଳେ ମାଉଣ୍ଟ ଏଭରେଷ୍ଟର ଉଚ୍ଚତା ୮୮୪୮.୪୩ ମିଟର ରହିଥିଲା। ଚୀନ୍ ୧୯୭୫ ଓ ୨୦୦୫ରେ ଦୁଇଥର ମାଉଣ୍ଟ ଏଭରେଷ୍ଟକୁ ମାପିଥିଲା। ୧୯୭୫ରେ ଏହା ୮୮୪୮.୧୩ ମିଟର ଓ ୨୦୦୫ରେ ୮୮୪୮.୪୩ ମିଟର ରହିଥିବା କୁହାଯାଇଥିଲା।

### କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟର ଘୋଷଣା

## ଖୁବ୍‌ଶୀଘ୍ର ଆସିବ କରୋନା ଟିକା

**ନୂଆଦିଲ୍ଲୀ :** ମହାମାରୀ କରୋନା ବିରୋଧରେ ଭାରତରେ ଆରମ୍ଭ ହୋଇଥିବା ଲଢ଼େଇ ଏବେ ନିର୍ଣ୍ଣାୟକ ମୋଡରେ ପହଞ୍ଚିଛି। ଆଉ ମାତ୍ର କିଛି ସପ୍ତାହ ମଧ୍ୟରେ ଭାରତରେ ଏକାଧିକ କରୋନା ଟିକା ଉପଲବ୍ଧ ହେବ। ଏହାପରେ ସମୂହ ଟିକାକରଣ ଆରମ୍ଭ ହେବ ବୋଲି ସରକାର ଘୋଷଣା କରିଛନ୍ତି। କେନ୍ଦ୍ର ସ୍ୱାସ୍ଥ୍ୟ ସଚିବ ରାଜେଶ ଭୂଷଣ ଟିକା ସମ୍ପର୍କରେ ସୂଚନା ଦେଇ କହିଛନ୍ତି ଯେ, ସେରମ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଇଣ୍ଡିଆ ଓ ଭାରତ ବାୟୋଟେକ୍ ସେମାନଙ୍କର କରୋନା ଟିକାର ଜରୁରୀକାଳୀନ ବ୍ୟବହାର ପାଇଁ ଆବେଦନ କରିଛନ୍ତି। ଟ୍ରାଏଲ ବେଳେ ଏହି ଟିକା ବେଶ ସୁରକ୍ଷିତ ଥିବା ଜଣାପଡିଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସମସ୍ତ ଟିକା ପ୍ରସ୍ତୁତକାରୀ କମ୍ପାନୀ ଓ ବୈଜ୍ଞାନିକମାନଙ୍କ ସହ ଆଲୋଚନା କରିଛନ୍ତି। ଭାରତରେ ୬ଟି ଟିକା କ୍ଲିନିକାଲ ଟ୍ରାଏଲ୍ ଷ୍ଟେଜରେ ରହିଛି। ସେରମର କୋଭିସିଲ୍ଡ ଓ ଭାରତ ବାୟୋଟେକର କୋଭାକ୍ସିନ ବ୍ୟତୀତ ଋଷର ସ୍ପୁଟନିକ-ଭି'ର ୩ୟ ପର୍ଯ୍ୟାୟ ଟ୍ରାଏଲ ମଧ୍ୟ ଚଳିତ ବର୍ଷ ଆରମ୍ଭ ହେବ। ଏହାବାଦ ଆହୁରି ଅନେକ ଟିକା ମଧ୍ୟ ବିକଶିତ ହେଉଛି। ଏହା ମଧ୍ୟରୁ କିଛି ଟିକା ଆସନ୍ତା ୪ ସପ୍ତାହ ମଧ୍ୟରେ ଅନୁମୋଦନ ପ୍ରାପ୍ତ କରିବାର ସମ୍ଭାବନା ରହିଛି। ଏହା ଉପରେ ଚୂଡାନ୍ତ ନିଷ୍ପତ୍ତି ଡିସିଜିଆଇ ନେବ। ତେଣୁ ଆମେ ଏହା ଉପରେ ଅଧିକ କିଛି କହିପାରିବୁ ନାହିଁ ବୋଲି ସେ କହିଛନ୍ତି। ଶ୍ରୀ ଭୂଷଣ ଆହୁରି କହିଥିଲେ ଯେ, ଟିକା ପାଇଁ ଲାଇସେନ୍ସ ମିଳିବା କ୍ଷଣି ଟିକାକରଣ ଆରମ୍ଭ କରାଯିବ। ପ୍ରଥମ ପର୍ଯ୍ୟାୟରେ ସ୍ୱାସ୍ଥ୍ୟ କର୍ମୀ, ସମ୍ମୁଖ ଯୋଦ୍ଧା ଓ ବୟସ୍କଙ୍କୁ ଟିକା ଦେବାକୁ ଯୋଜନା କରାଯାଇଛି। ଏହି ପର୍ଯ୍ୟାୟରେ ଡାକ୍ତର, ନର୍ସ, ପାରାମେଡିକାଲ ଷ୍ଟାଫଙ୍କ ଭଳି ୧ କୋଟି ଲୋକଙ୍କୁ ଟିକା ଦିଆଯିବ। ସେହିପରି ଅର୍ଦ୍ଧସାମରିକ ବାହିନୀ, ପୋଲିସଙ୍କ ଭଳି ୨ କୋଟି ଫ୍ରଣ୍ଟ ଲାଇନ ୱାର୍କରଙ୍କୁ ଟିକା ପ୍ରଦାନ କରାଯିବ। ୫୦ ବର୍ଷରୁ ଅଧିକ, ଏକାଧିକ ରୋଗରେ ଆକ୍ରାନ୍ତ ଥିବା ପ୍ରାୟ ୨୭ କୋଟି ଲୋକଙ୍କୁ ଟିକା ଦେବାର ବ୍ୟବସ୍ଥା କରାଯାଇଛି। ଏହାର ଅର୍ଥ ୩୦ କୋଟି ଲୋକଙ୍କୁ ଟିକା ଦେବାକୁ ବ୍ଲୁ ପ୍ରିଣ୍ଟ ପ୍ରସ୍ତୁତ ହୋଇଛି। ଲୋକଙ୍କୁ ଟିକା ଦେବାକୁ କେନ୍ଦ୍ର ଓ ରାଜ୍ୟ ସରକାର ମିଳିତ ଭାବେ ଟିକା ସଂରକ୍ଷଣ, ଟିକାକରଣ ଓ ଏହାର ପରିଚାଳନା ପାଇଁ ବ୍ୟାପକ ବ୍ୟବସ୍ଥା କରାଯାଇଛି।

## ଘୁଞ୍ଚିପାରେ ଗଗନଯାନ ଉତ୍କ୍ଷେପଣ

**ବେଙ୍ଗାଲୁରୁ :** ଭାରତର ପ୍ରଥମ ମାନବବାହୀ ମହାକାଶ ଯାତ୍ରା ଅଭିଯାନ 'ଗଗନଯାନ'ର ଉତ୍କ୍ଷେପଣ ଏକ ବର୍ଷ ଘୁଞ୍ଚିପାରେ ବୋଲି ଆଶଙ୍କା ପ୍ରକାଶ ପାଇଛି। ସଂପ୍ରତି କରୋନା ମହାମାରୀ ଯୋଗୁଁ ଏହି ପ୍ରକଳ୍ପରେ ବିଳମ୍ବ ଘଟୁଛି ବୋଲି ଭାରତୀୟ ମହାକାଶ ଗବେଷଣା ସଂଗଠନ (ଇସ୍ରୋ) ପକ୍ଷରୁ କୁହାଯାଇଛି। ଇସ୍ରୋ ଯୋଜନା ଅନୁଯାୟୀ ଡିସେମ୍ବର ୨୦୨୦ ଓ ଜୁଲାଇ ୨୦୨୧ରେ ମାନବ ବିହୀନ ମହାକାଶ ଅଭିଯାନ ସମ୍ପାଦିତ ହେବାପରେ ୨୦୨୧ ଡିସେମ୍ବରରେ ପ୍ରଥମ ଥର ମାନବବାହୀ ମହାକାଶ ଅଭିଯାନକୁ କାର୍ଯ୍ୟକାରୀ କରିବାକୁ ଇସ୍ରୋ ପକ୍ଷରୁ ଲକ୍ଷ୍ୟ ରଖାଯାଇଥିଲା। ଗଗନଯାନ ଅଭିଯାନକୁ ସଫଳ କରିବା ନିମନ୍ତେ ପ୍ରଥମେ ଦୁଇଥର ମାନବ ବିହୀନ ମହାକାଶ ଯାତ୍ରା ଅନୁଷ୍ଠିତ ହୋଇଥାନ୍ତା, ତେବେ କୋଭିଡ୍ ଯୋଗୁଁ ଏଥିରେ ବିଳମ୍ବ ଘଟୁଛି ବୋଲି ଇସ୍ରୋ ଅଧ୍ୟକ୍ଷ କେ.ଶିବନ ଏଠାରେ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ଏହି ପରିପ୍ରେକ୍ଷୀରେ ୨୦୨୨ ପ୍ରଥମାର୍ଦ୍ଧରେ ଏହାକୁ କାର୍ଯ୍ୟକାରୀ କରିବାକୁ ଚିନ୍ତା କରାଯାଉଥିବା ସେ କହିଛନ୍ତି। ଗଗନଯାନ ଅଭିଯାନ ନିମନ୍ତେ ଜିଏସଏଲଭି ଏମ୍‌କିଲ



ରକେଟକୁ ବ୍ୟବହାର କରିବାକୁ ଇସ୍ରୋ ନିଷ୍ପତ୍ତି ନେଇଥିଲା। ମନୁଷ୍ୟଙ୍କୁ ନେଇ ମହାକାଶ ଯାତ୍ରା ନିମନ୍ତେ ଏହି ରକେଟ୍‌ରେ ଥିବା ଉଚ୍ଚ କ୍ଷମତାସମ୍ପନ୍ନ ସଲିଡ୍ ପ୍ରୋପେଲାଣ୍ଟ ଷ୍ଟ୍ରାପ୍-ଅନ୍ ବୁଷ୍ଟର ଏସ-୨୦୦ ଗୁରୁତ୍ୱପୂର୍ଣ୍ଣ ଭୂମିକା ତୁଲାଇଥାଏ। ଏଥିପାଇଁ ସେଥିରେ ନୂତନ ଡିଜାଇନରେ ନିର୍ମିତ ହାର୍ଡୱେୟାର ଯନ୍ତ୍ରପାତି ଖଞ୍ଜାଯାଇଛି। ଏହି ରକେଟର ପ୍ରଥମ ପର୍ଯ୍ୟାୟ ବୁଷ୍ଟର ରକେଟର ବ୍ୟାସ ୩.୨ ମିଟର ଓ ଲମ୍ବ ୮.୫ ମିଟର ହୋଇଥିବାବେଳେ ଏହାର ଓଜନ ୫.୫ ଟନ ବୋଲି ଜଣାପଡିଛି। ସମ୍ପୂର୍ଣ୍ଣ ଘରୋଇ କାରିଗରୀ କୌଶଳରେ ଏଲ ଆଣ୍ଡ ଟି ଦ୍ୱାରା ନିର୍ମିତ ହୋଇଥିବା ଏହି ବୁଷ୍ଟର ରକେଟ ଇସ୍ରୋକୁ ହସ୍ତାନ୍ତର କରାଯାଇଛି। ଏହା ବ୍ୟତୀତ 'ଚନ୍ଦ୍ରଯାନ-୩' ଅଭିଯାନ ନିମନ୍ତେ ଲ୍ୟାଣ୍ଡର ଓ ରୋଭର ନିର୍ମାଣ କାର୍ଯ୍ୟ ଜୋରସୋରରେ ଆଗେଇ ଚାଲିଛି ବୋଲି ଶିବନ ସୂଚନା ଦେଇଛନ୍ତି। ତେବେ ଚନ୍ଦ୍ରଯାନ- ୩ର ଉତ୍କ୍ଷେପଣ ପାଇଁ ଇସ୍ରୋ ପକ୍ଷରୁ କୌଣସି ତାରିଖ ଧାର୍ଯ୍ୟ ହୋଇନଥିବା ସେ କହିଛନ୍ତି। ଶୁକ୍ର ଗ୍ରହ ପାଇଁ ଉଦ୍ଦିଷ୍ଟ 'ଶୁକ୍ରଯାନ'ର ପେଲୋଡ୍ କ'ଣ ହେବ, ତାହା ଏପର୍ଯ୍ୟନ୍ତ ଚୂଡାନ୍ତ ହୋଇନାହିଁ ବୋଲି ସେ କହିଛନ୍ତି। ତଥାପି ଏହି ପ୍ରକଳ୍ପକୁ ନେଇ ଇସ୍ରୋ ବୈଜ୍ଞାନିକମାନେ ଜୋରଦାର ପରିଶ୍ରମ ଜାରି ରଖିଥିବା ଶିବନ ସୂଚନା ଦେଇଛନ୍ତି। ଶୁକ୍ରଯାନ ଅଭିଯାନ ପାଇଁ ବିଗତ ଚାରିବର୍ଷ ହେଲା ଇସ୍ରୋ ପକ୍ଷରୁ ୨୦ଟି ମହାକାଶ ପରୀକ୍ଷା ନିରୀକ୍ଷାକୁ ସଂକ୍ଷିପ୍ତ ତାଲିକାଭୁକ୍ତ କରାଯାଇଛି। ଏଥିପାଇଁ ରୁଷ, ଫ୍ରାନ୍ସ, ସ୍ୱିଡେନ ଓ ଜର୍ମାନୀଠାରୁ ବୈଷୟିକ ସହାୟତା ମଧ୍ୟ ଲୋଡାଯାଇଛି। ୨୦୨୩ ଜୁନ ସୁଦ୍ଧା ଶୁକ୍ର ଗ୍ରହ ଉପଲକ୍ଷେ ଭାରତର ପ୍ରଥମ ମହାକାଶ ଅଭିଯାନକୁ କାର୍ଯ୍ୟକାରୀ କରାଯାଇପାରେ ବୋଲି ଶିବନ ଆଶାବ୍ୟକ୍ତ କରିଛନ୍ତି।

# ଜନଗଣନା ଆଧାରରେ ବଦଳୁଛି ସାଂସଦଙ୍କ ସଂଖ୍ୟା

**ନୂଆଦିଲ୍ଲୀ :** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଚଳିତମାସ ୧୦ରେ ନୂତନ ସଂସଦ ଭବନର ଶିଳାନ୍ୟାସ କରିବେ। ଏହି ନୂତନ ଭବନରେ ମୋଟ ୧୨୨୪ ଜଣ ସାଂସଦଙ୍କ (ଲୋକସଭା ୮୮୮ ଓ ରାଜ୍ୟସଭା ୩୮୪) ପାଇଁ ବସିବାର ବ୍ୟବସ୍ଥା କରାଯିବ। ସଂପ୍ରତି ସଂସଦରେ ଲୋକସଭାର ୫୪୩ ଓ ରାଜ୍ୟସଭାର ୨୪୫ ଜଣ ସାଂସଦ ବସିବାର ବ୍ୟବସ୍ଥା ରହିଛି। ଆଗକୁ ସାଂସଦଙ୍କ ସଂଖ୍ୟା ବୃଦ୍ଧି କରାଯିବାର ଲକ୍ଷ୍ୟ ରହିଥିବାରୁ ନୂତନ ଭବନରେ ବର୍ଦ୍ଧିତ ଆସନ ବ୍ୟବସ୍ଥାକୁ କାର୍ଯ୍ୟକାରୀ କରାଯିବ। ବିଗତ ୬୮ ବର୍ଷ ମଧ୍ୟରେ ସଂସଦରେ ସାଂସଦଙ୍କ ସଂଖ୍ୟା ବଦଳିବାରେ ଲାଗିଛି। ସ୍ୱାଧୀନତା ପୂର୍ବରୁ ଲେଜିସ୍‌ଲେଟିଭ୍ ଆସେମ୍ବ୍ଲିକୁ ଲୋକସଭା ଗୃହଭାବେ ବିବେଚନା କରାଯାଉଥିଲା। ଏଥିରେ ୧୪୫ ଜଣ ସଦସ୍ୟଙ୍କ ନିମନ୍ତେ ଆସନ ବ୍ୟବସ୍ଥା କରାଯାଇଥିଲା। ୧୯୪୭ରେ ଦେଶ ସ୍ୱାଧୀନ ହେବାପରେ ଏହି ଗୃହର ଆଧୁନିକୀକରଣ କରାଯାଇଥିଲା। ଲୋକସଭା ସଚିବାଳୟରେ ଉପଲବ୍ଧ ସୂଚନା ଅନୁଯାୟୀ ୧୯୫୨ରେ ଦେଶରେ ପ୍ରଥମ ସାଧାରଣ ନିର୍ବାଚନ ଅନୁଷ୍ଠିତ ହେବାସହିତ ପ୍ରଥମ ଲୋକସଭା ଗଠିତ ହୋଇଥିଲା। ଏଥିରେ ସାଂସଦଙ୍କ ସଂଖ୍ୟା ୪୬୧ ରହିଥିଲା। ତେବେ ତିନିବର୍ଷ ମଧ୍ୟରେ ଏହି ସଂଖ୍ୟା ୪୯୯କୁ ବୃଦ୍ଧି କରାଯାଇଥିଲା। ପରବର୍ତ୍ତୀ ସମୟରେ ଦୁଇଥର ଏହି ସଂଖ୍ୟା ଯଥାକ୍ରମେ ୫୨୨ ଓ ୫୩୦କୁ ବୃଦ୍ଧି ପାଇଥିବାବେଳେ ବର୍ତ୍ତମାନ ଏହି ସଂଖ୍ୟା ୫୪୫ରେ ଅଟକିଛି। ପୁରୁଣା ସଂସଦ ଭବନରେ ଏତେ ସଂଖ୍ୟକ ସାଂସଦଙ୍କ ବସିବା ନିମନ୍ତେ ଆସନର ଅଭାବ ପରିଲକ୍ଷିତ ହୋଇଥିଲା। ପୁନଶ୍ଚ ସଂସଦର ମିଳିତ ଅଧିବେଶନ ସମୟରେ ଏହି ସମସ୍ୟା ଆହୁରି ଉତ୍କଟ ରୂପ ଧାରଣ କରୁଛି। ତେଣୁ ଲୋକସଭା ହଲ୍‌ର ସ୍ତମ୍ଭଗୁଡିକ ପଛରେ କେତେକ ସାଂସଦଙ୍କ ପାଇଁ ଆସନର ବନ୍ଦୋବସ୍ତ କରିବାକୁ ପଡୁଛି। ଏପରିକି ଏଭଳି ଆସନରେ ବସିବାକୁ ସାଂସଦମାନେ ଅନିଚ୍ଛା ପ୍ରକାଶ କରୁଥିବା ଲକ୍ଷ୍ୟ କରାଯାଉଛି। ଏହି ଅସୁବିଧା ଦୂର କରିବାକୁ ପ୍ରସ୍ତାବିତ ନୂତନ ଭବନରେ ସାଂସଦଙ୍କ ଆସନ ସଂଖ୍ୟାକୁ ଯଥେଷ୍ଟ କରାଯିବ ବୋଲି ସ୍ଥପତି ଓ ଇଂଜିନିୟର ଦଳ ନିର୍ଭର ପ୍ରତିଶ୍ରୁତି ଦେଇଛନ୍ତି। ଫଳରେ କୌଣସି ସାଂସଦଙ୍କୁ ଏଣିକି ସ୍ତମ୍ଭ ପଛରେ ବସିବାକୁ ପଡିବ ନାହିଁ। ସମୟକ୍ରମେ ସମ୍ବିଧାନର ଏକାଧିକ ସଂଶୋଧନ ଜରିଆରେ ସାଂସଦଙ୍କ ସଂଖ୍ୟା ବୃଦ୍ଧି କରାଯାଉଛି। ଜନଗଣନାକୁ ଆଧାର କରି କେଉଁ ରାଜ୍ୟରୁ କେତେ ସଂଖ୍ୟକ ସାଂସଦ ନିର୍ବାଚିତ ହେବେ ତାହା ଧାର୍ଯ୍ୟ କରାଯାଇଥାଏ। ୧୯୭୧ ଜନଗଣନା ଭିତ୍ତିରେ ବର୍ତ୍ତମାନ ଲୋକସଭାରେ ୫୪୫ ଓ ରାଜ୍ୟସଭାରେ ୨୫୦ ସାଂସଦ ରହିବେ ବୋଲି ନିୟମ ପ୍ରଚଳିତ ହୋଇଆସୁଛି। ୨୦୨୬ ସୁଦ୍ଧା ଏହି ହିସାବ ଲୋପପାଇବ। ସେତେବେଳେ ୨୦୦୧ ଜନଗଣନା ଅନୁଯାୟୀ ସାଂସଦଙ୍କ ସଂଖ୍ୟା ଧାର୍ଯ୍ୟ କରାଯିବ। ତେଣୁ ସାଂସଦଙ୍କ ସଂଖ୍ୟା ବୃଦ୍ଧି ପାଇବା ସ୍ୱାଭାବିକ ବୋଲି ସମ୍ବିଧାନ ବିଶେଷଜ୍ଞମାନେ ଆଶାବ୍ୟକ୍ତ କରୁଛନ୍ତି। ନୂତନ ସଂସଦ ଭବନରେ ପ୍ରତ୍ୟେକ ସାଂସଦଙ୍କ ପାଇଁ ସ୍ୱତନ୍ତ୍ର ପ୍ରକୋଷ୍ଠର ବ୍ୟବସ୍ଥା କରାଯିବ। ବର୍ତ୍ତମାନ କେବଳ ମନ୍ତ୍ରୀମାନଙ୍କୁ ସଂସଦରେ ସ୍ୱତନ୍ତ୍ର ପ୍ରକୋଷ୍ଠର ସୁବିଧା ପ୍ରଦାନ କରାଯାଉଛି। ସାଂସଦଙ୍କ କାର୍ଯ୍ୟାଳୟ ନିର୍ମାଣ ପାଇଁ ପରିବହନ ଭବନ ଓ ଶ୍ରମ ଶକ୍ତି ଭବନକୁ ଭଙ୍ଗାଯିବାର ପରିକଳ୍ପନା ରହିଛି।

### ୨୦୨୧-୨୨ରୁ ଆରମ୍ଭ ହେବ 'ଗଣିତ କଳିକା'

# ଉପକୃତ ହେବେ ୧.୯ ମିଲିୟନ ଛାତ୍ରଛାତ୍ରୀ

**ଭୁବନେଶ୍ୱର :** ଆସନ୍ତା ୨୦୨୧-୨୨ରୁ ରାଜ୍ୟରେ ପ୍ରଥମରୁ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରଛାତ୍ରୀଙ୍କୁ ଗଣିତ ବିଷୟରେ ଅଧିକ ଦକ୍ଷ ଏବଂ ପାରଙ୍ଗମ କରିବା ପାଇଁ ରାଜ୍ୟ ସରକାର 'ଗଣିତ କଳିକା' ନାମରେ କାର୍ଯ୍ୟକ୍ରମ ରାଜ୍ୟବ୍ୟାପୀ ପ୍ରାଥମିକ ସ୍କୁଲଗୁଡ଼ିକରେ ଆରମ୍ଭ କରିବାକୁ ଯାଉଛନ୍ତି। ଥିପାଇଁ ମୋଟ୍ ୬କୋଟି ୯୯ଲକ୍ଷ ଟଙ୍କା ବ୍ୟୟ କରାଯିବ। ପ୍ରଥମ ପର୍ଯ୍ୟାୟରେ ୨୦ଟି ଜିଲ୍ଲାର ୩୪୬୪୨ ସ୍କୁଲକୁ ଏଥିରେ ସାମିଲ କରାଯିବ। ରାଜ୍ୟରେ ପ୍ରଥମରୁ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ୩୬ହଜାର ୭୦ ସ୍କୁଲ ରହିଛି। ତେବେ ଏହି ପ୍ରାଥମିକଶିକ୍ଷାରେ ମୋଟ୍ ପିଲାଙ୍କ ସଂଖ୍ୟା ୩୭ଲକ୍ଷ ୭୧ହଜାର ୨୪୯ ରହିଛି। ପ୍ରାଥମିକ ଶିକ୍ଷାରେ ପଢୁଥିବା ପିଲାମାନେ ଅନେକ ବିଷୟରେ ଦୁର୍ବଳ ହୋଇଥିବା ବେଳେ ସର୍ବାଧିକ ଗଣିତରେ ଦୁର୍ବଳ ହୋଇଛନ୍ତି। ୪ର୍ଥ ଓ ୫ମଶ୍ରେଣୀରେ ପଢୁଥିବା ପିଲାଙ୍କ ମଧ୍ୟରୁ ୮୦ପ୍ରତିଶତ ପିଲା ଗଣିତରେ ଦୁର୍ବଳ ଥିବା ବେଳେ ୭୨ପ୍ରତିଶତ ପିଲା ଠିକ୍ ଭାବେ ଗଣିତ ସୂତ୍ର ସମ୍ପର୍କରେ ଅବହୋଇନଥାନ୍ତି। ଏପରି ସମସ୍ୟାର ସମାଧାନ ଲାଗି ରାଜ୍ୟ ସ୍କୁଲ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ଉଦ୍ୟମ ହୋଇଛି। ପ୍ରଥମଥର ଲାଗି ପ୍ରଥମରୁ ପଞ୍ଚମ ଶ୍ରେଣୀ ପିଲାଙ୍କୁ ଗଣିତରେ ଦକ୍ଷତା ବଢ଼ାଇବା ସହ ସହ ସେମାନଙ୍କୁ ମାଷ୍ଟର ଇନ୍ ମାଥମେଟିକ୍ସର ପରିଚୟ ଦେବାକୁ ଲକ୍ଷ୍ୟ ରଖିଛି ବିଭାଗ। ସେଥିପାଇଁ 'ଗଣିତ କଳିକା' ନାମରେ ଯେଉଁ କାର୍ଯ୍ୟକ୍ରମ ଆରମ୍ଭ ହେବାକୁ ଯାଉଛି ତାହା କାର୍ଯ୍ୟକାରୀ ହେବାପରେ ଏହି ଯୋଜନାରେ ଦେଶରେ ଓଡ଼ିଶା ୩ୟ ରାଜ୍ୟ ଭାବେ ମାନ୍ୟତା ପାଇବ। ପୂର୍ବରୁ କର୍ଣ୍ଣାଟକ ଓ ଆନ୍ଧ୍ରପ୍ରଦେଶରେ ଏହି 'ଗଣିତ କଳିକା' କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। କାର୍ଯ୍ୟକ୍ରମରେ ବାଙ୍ଗାଲୋରର 'ଅକ୍ସରା ଫାଉଣ୍ଡେସନ' ପକ୍ଷରୁ ପିଲାଙ୍କୁ ଗଣିତ କିଟ୍ ପ୍ରଦାନ କରାଯିବ। ତେବେ ରାଜ୍ୟରେ ପାଇଲଟ ପ୍ରକଳ୍ପ ଭାବେ ରାୟଗଡ଼ା ଏବଂ ବଲାଙ୍ଗିର ଜିଲ୍ଲାରେ ଏହା କାର୍ଯ୍ୟକାରୀ ହୋଇଥିଲା। ଏହି ଜିଲ୍ଲାରେ ୪୨୦୦ସ୍କୁଲରେ ଏହି କାର୍ଯ୍ୟକ୍ରମ ଆରମ୍ଭ ହୋଇଥିବା ବେଳେ ଏଥିରେ ୨ଲକ୍ଷ ୪୦ହଜାର ଛାତ୍ରଛାତ୍ରୀ ଉପକୃତ ହୋଇଛନ୍ତି। ସଫଳତା ମିଳିବା ପରେ 'ଗଣିତ କଳିକା' କାର୍ଯ୍ୟକ୍ରମକୁ ରାଜ୍ୟବ୍ୟାପୀ ଲାଗୁ କରିବାକୁ ସ୍କୁଲ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ଉଦ୍ୟମ ହୋଇଛି। ତେବେ ୨୮ଟି ଜିଲ୍ଲାରେ ଏହି କାର୍ଯ୍ୟକ୍ରମ ଆରମ୍ଭ ହେବ। ପ୍ରଥମ ପର୍ଯ୍ୟାୟରେ ୨୦ଟି ଜିଲ୍ଲାକୁ ଚୟନ କରାଯାଇଛି। ୩୪ହଜାର ୬୪୨ଟି ସ୍କୁଲରେ ଆରମ୍ଭ ହେବାକୁ ଥିବା କାର୍ଯ୍ୟକ୍ରମ ମାଧ୍ୟମରେ ୧.୯ ମିଲିୟନ ଛାତ୍ରଛାତ୍ରୀ ଉପକୃତ ହେବେ। ତେବେ 'ଗଣିତ କଳିକା' କାର୍ଯ୍ୟକ୍ରମ ପାଇଁ 'ଅକ୍ସରା ଫାଉଣ୍ଡେସନ' ପକ୍ଷରୁ ପିଲାଙ୍କୁ ଯେଉଁ ଗଣିତ କିଟ୍ ପ୍ରଦାନ କରାଯିବ ସେଥିରେ ଗଣିତ ପାଠର ବିଭିନ୍ନ ଉପକରଣ ରହିଛି। ପ୍ରତ୍ୟେକ କିଟ୍‌ର ମୂଲ୍ୟ ୧୮ଶହ ଟଙ୍କା ଥିବା ବେଳେ ଏହା ପ୍ରତି ସ୍କୁଲକୁ ଗୋଟିଏ ଲେଖାଏଁ ବଣ୍ଟା ଯିବ। ମୋଟ୍ ଉପରେ ଏହି କିଟ୍ ଲାଗି ରାଜ୍ୟ ସରକାର ପୂର୍ବରୁ ପାଇଲଟ ପ୍ରକଳ୍ପରେ ୪ହଜାର ୨୦୦ ସ୍କୁଲ ପାଇଁ ୭୫ଲକ୍ଷ ୬୦ହଜାର ଟଙ୍କା ବ୍ୟୟ କରିଥିବା ବେଳେ ପ୍ରଥମ ପର୍ଯ୍ୟାୟରେ ଆରମ୍ଭ ହେବାକୁ ଥିବା ୩୪ହଜାର ୬୪୨ଟି ସ୍କୁଲ ଲାଗି ଏହି କିଟ୍ ବାବଦରେ ୬କୋଟି ୨୩ଲକ୍ଷ ୫୫ହଜାର ୬୦୦ଟଙ୍କା ବ୍ୟୟ କରିବେ। ମୋଟ ଉପରେ ଏହି ଯୋଜନାରେ ୬କୋଟି ୯୯ଲକ୍ଷ ୧୫ହଜାର ୬୦୦ଟଙ୍କା ଖର୍ଚ୍ଚହେବ। କାର୍ଯ୍ୟକ୍ରମ ମାଧ୍ୟମରେ ପିଲାଙ୍କୁ ଗଣିତର ସୂତ୍ର ସମ୍ପର୍କରେ ଅବଗତ କରିବା ସହ ପ୍ରତ୍ୟେକ ଛାତ୍ରଛାତ୍ରୀ ଗଣିତରେ ସର୍ବନିମ୍ନ ୬୫ପ୍ରତିଶତରୁ ଅଧିକ ମାର୍କ ରଖିବେ ବୋଲି ଆଶା କରାଯାଉଛି। ଏନେଇ ବିଭାଗ ପକ୍ଷରୁ ସ୍ୱତନ୍ତ୍ର ତାଲିମ ପ୍ରକ୍ରିୟା ଆରମ୍ଭ ହୋଇଛି। ତେବେ ଚଳିତବର୍ଷ ପାଇଲଟ ପ୍ରକଳ୍ପ ଭାବେ ଆରମ୍ଭ ହୋଇଥିବା ସମୟରେ 'ଅକ୍ସରା ଫାଉଣ୍ଡେସନ' ପକ୍ଷରୁ 'ଗଣିତ କଳିକା' କାର୍ଯ୍ୟକ୍ରମ ପ୍ରଶିକ୍ଷଣ ଲାଗି ୩୫୦ଜଣ ମାଷ୍ଟର ରିସୋର୍ସ ପର୍ସନ ବାଙ୍ଗାଲୋର, ଢେଙ୍କାନାଳ, ପୁରୀରେ ୪ହଜାର ଶିକ୍ଷକଙ୍କୁ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। କରୋନା ଲାଗି ପ୍ରକଳ୍ପ ଅଧାରେ ବନ୍ଦ ହୋଇଥିବା ବେଳେ ଆସନ୍ତା ଶିକ୍ଷାବର୍ଷରୁ ଏହାକୁ ପୂର୍ଣ୍ଣ ଭାବେ ଆରମ୍ଭ କରିବାକୁ ଯୋଜନା ଥିବା ବିଭାଗ ପକ୍ଷରୁ ଜଣାପଡ଼ିଛି।

## ଫୁଲବାଣୀରେ ପ୍ରତିଷ୍ଠା ହେବ ମେଡିକାଲ କଲେଜ

**ଭୁବନେଶ୍ୱର :** ଫୁଲବାଣୀରେ ପ୍ରତିଷ୍ଠା ହେବ ୧୦୦ ସିଟ୍ ବିଶିଷ୍ଟ ମେଡିକାଲ କଲେଜ ଓ ହସ୍ପିଟାଲ। ସେହିପରି କୋରାପୁଟରେ ଥିବା ମେଡିକାଲ କଲେଜର ସିଟ୍ ସଂଖ୍ୟା ୬୫୦କୁ ବୃଦ୍ଧି ହେବ। ଏନେଇ ଆସିଥିବା ଦୁଇ ପ୍ରସ୍ତାବରେ କ୍ୟାବିନେଟ ମୋହର ଲାଗିଛି। ମୁଖ୍ୟ ଶାସନ ସଚିବ ଅସିତ ତ୍ରିପାଠୀ କହିଛନ୍ତି ଯେ ଫୁଲବାଣୀରେ ମେଡିକାଲ କଲେଜ ଓ ହସ୍ପିଟାଲ ପ୍ରତିଷ୍ଠା ହେବ ବୋଲି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପୂର୍ବରୁ ପ୍ରତିଶ୍ରୁତି ଦେଇଥିଲେ। ତାହା ଏବେ ପାଳନ ହୋଇଛି। ଅନ୍ୟପକ୍ଷରେ କୋରାପୁଟ ମେଡିକାଲ କଲେଜରେ ମଧ୍ୟ ସିଟ୍ ସଂଖ୍ୟା ବୃଦ୍ଧି ପାଇବ। ଦୁଇ ମେଡିକାଲ କଲେଜର ନିର୍ମାଣ ନିମନ୍ତେ ୬୮୦ କୋଟି ଟଙ୍କା ବ୍ୟୟ ଅଟକଳ ହୋଇଛି। ଏଥିପାଇଁ 'ଟର୍ଣ୍ଣ-କି ଟେଣ୍ଡର'କୁ ମେସର୍ସ ସାପୁର୍ଜି ପାଲୋଞ୍ଜି ଆଣ୍ଡ କମ୍ପାନୀକୁ ନ୍ୟସ୍ତ କରାଯାଇଛି। ନିର୍ମାଣ କାର୍ଯ୍ୟ ୩୬ ମାସ ଭିତରେ ଶେଷ ହେବ। ଶ୍ରୀ ତ୍ରିପାଠୀ କହିଥିଲେ, ଓଡ଼ିଶା ସରକାର ସ୍ୱାସ୍ଥ୍ୟ ଭିତ୍ତିଭୂମି ବିକାଶ ଉପରେ ଗୁରୁତ୍ୱ ଦେଇଛନ୍ତି। ବିଭିନ୍ନ ସ୍ୱାସ୍ଥ୍ୟ ଅନୁଷ୍ଠାନ ତଥା ଡାକ୍ତରଖାନାଗୁଡ଼ିକରେ ଯୋଗ୍ୟ ଡାକ୍ତରଙ୍କ ଆବଶ୍ୟକତା ପୂରଣ ପାଇଁ ପ୍ରୟାସ ଆରମ୍ଭ ହୋଇଛି। ନୂଆ ମେଡିକାଲ କଲେଜ ସ୍ଥାପନ ଓ ସିଟ୍ ସଂଖ୍ୟା ବୃଦ୍ଧି ପାଇଁ ନୀତିଗତ ନିଷ୍ପତ୍ତି ନିଆଯାଇଛି। ରାଜ୍ୟରେ ଯୋଗ୍ୟ ଡାକ୍ତରଙ୍କ ଆବଶ୍ୟକତା ପୂରଣ ଓ ମେଡିକାଲ ଶିକ୍ଷାର ପ୍ରସାର ପାଇଁ ସରକାର ମେଡିକାଲ କଲେଜ ଭିତ୍ତିଭୂମି ବୃଦ୍ଧି କରୁଛନ୍ତି ବୋଲି ସେ ପ୍ରକାଶ କରିଥିଲେ।

## କାର୍ଯ୍ୟକାରୀ ହେଉନି ସରକାରଙ୍କ ଦ୍ୱାରା ପ୍ରକାଶିତ ୧୧୨ ପୋଲିସ୍ ସହାୟତା କେନ୍ଦ୍ର

**ଭୁବନେଶ୍ୱର :** ମୋ ସରକାର ସପ୍ତାହ ତଳେ ଘୋଷଣା କରିଥିଲେଯେ, ଆଗରୁ ପ୍ରଚଳିତ ଥିବା ୧୦୦,୧୦୧, ୧୦୨, ୧୦୪, ୧୦୮ ଓ ୧୮୧ ନମ୍ବର ଆଉ ବ୍ୟବହାର କରାଯିବା ପରିବର୍ତ୍ତେ ୧୧୨ ନମ୍ବରରେ ଯୋଗାଯୋଗ କରାଯିବ। ଏଥିପାଇଁ ଏହାକୁ ମୁଖ୍ୟମନ୍ତ୍ରୀ ମଧ୍ୟ ଅନୁମୋଦନ କରିଥିଲେ। ବହୁ ଆଗରୁ ପୁରୁଣା ନମ୍ବର ଗୁଡିକ କାମ କରୁଥିବାରୁ ଜନସାଧାରଣ ଦମକଳ ବାହିନୀ, ପୋଲିସ୍ ପିସିଆର ଭ୍ୟାନ ଓ ମହିଳା ହେଲ୍ପ ଡେସ୍କ ସହିତ ଯୋଗାଯୋଗ କରି ସେମାନଙ୍କର ଗୁହାରୀ ଜଣାଇ ପାରୁଥିଲେ। ଜନସାଧାରଣ ମାନଙ୍କୁ ମୋ ସରକାର ଯୋଜନା କାର୍ଯ୍ୟକ୍ଷମ ହେବା ପରେ ଦଳକୁ ଲୋକ ମାନଙ୍କ ନିକଟତର ହେବାପାଇଁ ଯେଉଁ ପ୍ରୟାସ ୧୧୨ଯୋଜନା ଆରମ୍ଭ କରିଥିଲେ ତାହା ପ୍ରହସନରେ ପରିଣତ ହେଲାଣି। ଆଜକୁ ଏକ ସପ୍ତାହ ଅତିକ୍ରାନ୍ତ କରିଥିଲେ ସୁଦ୍ଧା ଏହା କାର୍ଯ୍ୟକ୍ଷମ ହୋଇପାରିନାହିଁ, ଏପରିକି ପୁରୁଣା ଟୋଲ ଫ୍ରି ନମ୍ବର ଗୁଡିକୁବି ଅକାମି କରିଦିଆଯାଇଛି। ଏହି ନୂତନ ସେବା ପାଇଁ ୪ ଜଣ ଡିଏସ୍‌ପି ପାହ୍ୟାର, ୧୫୧ଜଣ ଏସ୍‌ଆଇ ପାହ୍ୟାର, ୨୦୩ ଜଣ ଏଏସ୍‌ଆଇ ପାହ୍ୟାର ଓ ୭୪୦ଜଣ କନେଷ୍ଟବଳଙ୍କୁ ନିୟୋଜିତ କରିଥିବାର ଗଣ ମାଧ୍ୟମ ଆଗରେ ପ୍ରକାଶ କରିଥିବାବେଳେ ଏଥିରେବି କାର୍ଯ୍ୟକ୍ଷମ ନହେବା ଘଟଣାକୁ ନେଇ ରାଜନୈତିକ ମହଲରେ ଚର୍ଚ୍ଚା ହେଉଥିବାବେଳେ ବୁଦ୍ଧିଜୀବି ମାନେ ଏ ଦିଗରେ ମୁଖ୍ୟମନ୍ତ୍ରୀ ଦୃଷ୍ଟି ଦେବାକୁ ଦାବି ଜଣାଇଛନ୍ତି।

## ଏମ୍‌ବିବିଏସ୍ ପରୀକ୍ଷା ତାରିଖ ପ୍ରକାଶ

**ଭୁବନେଶ୍ୱର :** ଓଡ଼ିଶା ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ନ୍ୟାସନାଲ୍ ମେଡିକାଲ୍ କାଉନସିଲ୍ ଗାଇଡଲାଇନ୍ ଅନୁସାରେ ଏମ୍‌ବିବିଏସ୍ ପରୀକ୍ଷା ଲାଗି ତାରିଖ ପ୍ରକାଶ ପାଇଛି। ରାଜ୍ୟରେ ଥିବା ସମସ୍ତ ବିଶ୍ୱବିଦ୍ୟାଳୟ ଲାଗି ୨୦୨୧ରୁ ୨୦୨୪ ମସିହା ଲାଗି ଏମ୍‌ବିବିଏସ୍ ପରୀକ୍ଷା ତାରିଖ ସ୍ଥିର ହୋଇଛି। ଏଥିସହ ପରୀକ୍ଷା ଫଳ କେବେ ପ୍ରକାଶ ପାଇବ ସେନେଇ ସୂଚନା ଦିଆଯାଇଛି। ୨୦୧୯ ବ୍ୟାଚରେ ନାମ ଲେଖାଇଥିବା ଛାତ୍ରଛାତ୍ରୀଙ୍କ ପ୍ରଥମ ବର୍ଷ ଏମ୍‌ବିବିଏସ୍ ପରୀକ୍ଷା ଆନାଟୋମି (ପ୍ରଥମ ଭାଗ) ୨୦୨୧ ଜାନୁଆରୀ ୧୧, ଆନାଟୋମି (ଦ୍ୱିତୀୟ ଭାଗ) ୨୦୨୧ ଜାନୁଆରୀ ୧୫, ଫିଜିଓଲୋଜି (ପ୍ରଥମ ଭାଗ) ୨୦୨୧ ଜାନୁଆରୀ ୧୮, ଫିଜିଓଲୋଜି (ଦ୍ୱିତୀୟ ଭାଗ) ୨୦୨୧ ଜାନୁଆରୀ ୨୨, ବାଓକେମିଷ୍ଟ୍ରୀ (ପ୍ରଥମ ଭାଗ) ୨୦୨୧ ଜାନୁଆରୀ ୨୭ ଓ ବାଓକେମିଷ୍ଟ୍ରୀ (ଦ୍ୱିତୀୟ ଭାଗ) ୨୦୨୧ ଜାନୁଆରୀ ୩୦ ତାରିଖ। ୨୦୧୮ ବ୍ୟାଚରେ ନାମ ଲେଖାଇଥିବା ଛାତ୍ରଛାତ୍ରୀଙ୍କ ଦ୍ୱିତୀୟ ବର୍ଷ ଏମ୍‌ବିବିଏସ୍ ପରୀକ୍ଷା ପାଥୋଲୋଜି (ପ୍ରଥମ ଭାଗ) ୨୦୨୧ ମାର୍ଚ୍ଚ ୨, ପାଥୋଲୋଜି (ଦ୍ୱିତୀୟ ଭାଗ) ୨୦୨୧ ମାର୍ଚ୍ଚ ୬, ଫାର୍ମାକୋଲୋଜି (ପ୍ରଥମ ଭାଗ) ୨୦୨୧ ମାର୍ଚ୍ଚ ୧୦, ଫାର୍ମାକୋଲୋଜି (ଦ୍ୱିତୀୟ ଭାଗ) ୨୦୨୧ ମାର୍ଚ୍ଚ ୧୫, ମାଇକ୍ରୋବାଓଲୋଜି (ପ୍ରଥମ ଭାଗ) ୨୦୨୧ ମାର୍ଚ୍ଚ ୧୯, ମାଇକ୍ରୋବାଓଲୋଜି (ଦ୍ୱିତୀୟ ଭାଗ) ୨୦୨୧ ମାର୍ଚ୍ଚ ୨୪ ଓ ଏଫ୍‌ଏମ୍‌ଟି ପରୀକ୍ଷା ୨୦୨୧ ମାର୍ଚ୍ଚ ୩୦ ତାରିଖରେ ହେବ। ସେହିପରି ୨୦୧୭ ବ୍ୟାଚରେ ନାମଲେଖାଇଥିବା ଛାତ୍ରଛାତ୍ରୀଙ୍କ ୩ୟ ବର୍ଷ ଏମ୍‌ବିବିଏସ୍ ପରୀକ୍ଷା ଏବଂ ୨୦୧୬ ବ୍ୟାଚ୍‌ରେ ନାମଲେଖାଇଥିବା ପିଲାଙ୍କର ତୃତୀୟବର୍ଷ ଚୂଡ଼ାନ୍ତ କାର୍ଯ୍ୟ ସୁଚୀ ପ୍ରକାଶ ପାଇଛି।

### ଆରଟିଓଙ୍କ ଏଜେଣ୍ଟ ଥଇଥାନ ପ୍ରସଙ୍ଗ

## 'ମାସେ ମଧ୍ୟରେ ଅଦାଲତଙ୍କ ନିର୍ଦ୍ଦେଶ କାର୍ଯ୍ୟକାରୀ କର'

**କଟକ :** ଆର୍‌ଟିଓଙ୍କ ଏଜେଣ୍ଟ ଥଇଥାନ ପ୍ରସଙ୍ଗରେ ରୁଜୁ ଏକ ଅଦାଲତ ଅବମାନନା ମାମଲାର ଶୁଣାଣିକରି ହାଇକୋର୍ଟ ଗତ ୨୦୧୯ମସିହା ନଭେମ୍ବର ୧୫ତାରିଖରେ ପ୍ରଦତ୍ତ ଆଦେଶକୁ କାର୍ଯ୍ୟକାରୀ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ହାଇକୋର୍ଟ ବିଚାରପତି ବିଶ୍ୱନାଥ ରଥଙ୍କୁ ନେଇ ଗଠିତ ଖଣ୍ଡପୀଠ ଅଦାଲତଙ୍କ ପୂର୍ବ ନିର୍ଦ୍ଦେଶକୁ ଏକମାସ ମଧ୍ୟରେ କାର୍ଯ୍ୟକାରୀ କରିବାକୁ ଆଦେଶ ଦେଇଛନ୍ତି। ଯଦି ଉଦ୍ଦେଶ୍ୟମୂଳକ ଭାବେ ହାଇକୋର୍ଟଙ୍କ ଏହି ଆଦେଶକୁ କାର୍ଯ୍ୟକାରୀ କରାନଯାଏ ତେବେ ଅଦାଲତଙ୍କ ଆଦେଶର ଉଲ୍ଲଂଘନ ବୋଲି ଗ୍ରହଣ କରାଯିବ। ମାମଲାର ବିବରଣୀ ଅନୁଯାୟୀ କେନ୍ଦ୍ର ସରକାର ମୋଟରଯାନ ଆଇନରେ ସଂଶୋଧନ ଆଣିବା ପରେ ଏହାକୁ ଉଲ୍ଲଂଘନ କରୁଥିବା ବ୍ୟକ୍ତିବିଶେଷଙ୍କ ନିମନ୍ତେ ଜୋରିମାନା ରାଶି ଦିଗୁଣିତ କରିଥିଲେ। ରାଜ୍ୟ ସରକାର ସଂଶୋଧିତ ମୋଟରଯାନ ଆଇନ ୧୯୮୮କୁ କଡାକଡି କରିବା ପରେ ପ୍ରତ୍ୟେକ ଦିନ ନିୟମ ଉଲ୍ଲଂଘନ କରୁଥିବା ବ୍ୟକ୍ତିବିଶେଷଙ୍କ ନିକଟରୁ ଲକ୍ଷାଧିକ ଟଙ୍କାର ଜୋରିମାନା ଆଦାୟ କରାଯାଇଥିଲା। ଏଥିଯୋଗୁଁ ଗାଡି ଚଳାଉଥିବା ବ୍ୟକ୍ତିବିଶେଷ ନିଜର ଲାଇସେନ୍ସ ତଥା ଗାଡି କାଗଜପତ୍ର ଠିକ୍ କରିବାକୁ ତତ୍ପରତା ପ୍ରକାଶ କରିଥିଲେ। ଫଳରେ ରାଜ୍ୟର ସମସ୍ତ ଆର୍‌ଟିଓ କାର୍ଯ୍ୟାଳୟରେ ଅସମ୍ଭବ ଭିଡ଼ ପରିଲକ୍ଷିତ ହୋଇଥିଲା। ପରେ ବିଜ୍ଞପ୍ତି ପ୍ରକାଶ କରି ରାଜ୍ୟର ସମସ୍ତ ଆର୍‌ଟିଓ ପରିସରରୁ ଏଜେଣ୍ଟମାନଙ୍କୁ ଉଚ୍ଛେଦ କରାଯାଇଥିଲା। ତେବେ ବିଜ୍ଞପ୍ତି ନମାନି ଆର୍‌ଟିଓ କାର୍ଯ୍ୟାଳୟରେ ଏଜେଣ୍ଟମାନେ ପ୍ରବେଶ କରିବାରୁ ସେମାନଙ୍କୁ ବିଭିନ୍ନ ପର୍ଯ୍ୟାୟରେ ଗିରଫ କରାଯାଇଥିଲା।

### ନବୀନଙ୍କୁ ଚିଠି ଲେଖିଲେ ଶିବରାଜ

# 'ସୁନ୍ଦରୀ'ର ଯତ୍ନ ନେବାକୁ ଅନୁରୋଧ



**ଭୁବନେଶ୍ୱର :** ବାଘ ବଂଶ ବୃଦ୍ଧି ପାଇଁ ସତକୋଶିଆ ଅଭୟାରଣ୍ୟକୁ ଆସିଥିବା ବାଘୁଣୀ 'ସୁନ୍ଦରୀ' ମଧ୍ୟପ୍ରଦେଶ ଫେରିଯିବ। ତାକୁ କାହ୍ନା ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପ ଅନ୍ତର୍ଗତ ଘୋରେଲା କେନ୍ଦ୍ରରେ ରଖାଯିବ। ବାଘୁଣୀ ସୁନ୍ଦରୀକୁ ଉତ୍ତମ ପରିବେଶ ମଧ୍ୟରେ ରଖିବାକୁ ଅନୁରୋଧ କରି ମଧ୍ୟପ୍ରଦେଶ ମୁଖ୍ୟମନ୍ତ୍ରୀ ଶିବରାଜ ସିଂହ ଚୌହାନ, ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଚିଠି ଲେଖିଛନ୍ତି । ତେବେ ସେଠାରେ ବାଘୁଣୀକୁ ରଖିବା ପାଇଁ ପ୍ରସ୍ତୁତି ଚୂଡ଼ାନ୍ତ ହେବା ପର୍ଯ୍ୟନ୍ତ 'ସୁନ୍ଦରୀ'ର ଯତ୍ନ ନେବାକୁ ଓଡ଼ିଶା ସରକାରଙ୍କୁ ଅନୁରୋଧ ମଧ୍ୟ କରାଯାଇଛି। ଏନେଇ ସେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଚିଠି ଲେଖିଛନ୍ତି। ଏନେଇ ଶିବରାଜ ଟ୍ୱିଟ୍ କରି ମଧ୍ୟ ଜଣାଇଛନ୍ତି। ୨୦୧୮ ମସିହାରେ ବାଘୁଣୀ 'ସୁନ୍ଦରୀ' ଓ ତାହାର ସାଥୀ ବାଘକୁ ନ୍ୟାସନାଲ୍ ଟାଇଗର କଞ୍ଜରଭେସନ୍ ଅଥରିଟି ଓ ଓଡ଼ିଶା ସରକାରଙ୍କ ଅନୁରୋଧ କ୍ରମେ ମଧ୍ୟପ୍ରଦେଶ ସରକାର ପ୍ରଦାନ କରିଥିଲେ। ତେବେ ସାତକୋଶିଆରେ ବାଘର ମୃତ୍ୟୁଘଟିଥିବା ବେଳେ 'ସୁନ୍ଦରୀ' କୋର ଏରିଆକୁ ଗଲାନାହିଁ। ଅଭୟାରଣ୍ୟର ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ବାଘୁଣୀ ଘୁରି ବୁଲିଲା। ଆଉ ସୁଯୋଗ ଦେଖି ଶିକାର ମଧ୍ୟ କଲା। ଯାହାକୁ ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଥିଲା। ଅସନ୍ତୋଷ ତୀବ୍ରତର ହେବା ପରେ ବନ ବିଭାଗ 'ସୁନ୍ଦରୀ'କୁ କାବୁ କରି ଅଭୟାରଣ୍ୟର ରାଇଗୋଡ଼ା ଏନ୍‌କ୍ଲୋଜରେ ରଖିଛି। ଚଳିତବର୍ଷ ରାଷ୍ଟ୍ରୀୟ ବ୍ୟାଘ୍ର ସଂରକ୍ଷଣ ପ୍ରାଧିକରଣ ଓ ଓଡ଼ିଶା ସରକାରଙ୍କ ଅନୁରୋଧକ୍ରମେ, ମଧ୍ୟପ୍ରଦେଶରୁ ଏକ ବିଶେଷଜ୍ଞ ଦଳ ସୁନ୍ଦରବନ ଆସି ସୁନ୍ଦରୀକୁ ମୁକ୍ତ ପରିବେଶରେ ଛାଡ଼ିବା ନେଇ ଅନୁଧ୍ୟାନ କରିଥିଲେ । ହେଲେ ବିଶେଷଜ୍ଞ ଦଳ ଆଶଙ୍କା କରିଥିଲେ ଯେ ବର୍ତ୍ତମାନ ପରିସ୍ଥିତିରେ ଯଦି ବାଘୁଣୀ ସୁନ୍ଦରୀକୁ ମୁକ୍ତ ବିଚରଣ କରିବାକୁ ଦିଆଯାଏ ତେବେ ତାହା ଉଭୟ ସୁନ୍ଦରୀ ଓ ପ୍ରକଳ୍ପ ଅଞ୍ଚଳରେ ରହୁଥିବା ସାଧାରଣ ଲୋକଙ୍କ ପାଇଁ ବିପଦ ସୃଷ୍ଟି କରିପାରେ । ବର୍ଷେରୁ ଅଧିକ ସମୟ ଧରି 'ସୁନ୍ଦରୀ' ବନ୍ଦୀ ଜୀବନ କାଟୁଛି। ପରିବେଶବିତଙ୍କ ଅସନ୍ତୋଷ ପରେ ସୁନ୍ଦରୀକୁ ଫେରାଇ ନେବାକୁ ମଧ୍ୟପ୍ରଦେଶ ସରକାରଙ୍କୁ ଓଡ଼ିଶା ସରକାରଙ୍କୁ ଅନୁରୋଧ କରିଥିଲେ। ଶେଷରେ ମଧ୍ୟପ୍ରଦେଶ ସରକାର ଏହାର ଜବାବ ଦେଇଛନ୍ତି। 'ସୁନ୍ଦରୀ'କୁ ଫେରାଇ ନେବା ପାଇଁ ରାଜି ହୋଇଛନ୍ତି।

## ବରଗଡ଼ରେ ହେବ ୨ ମେଗା ଜଳ ପ୍ରକଳ୍ପ

**ଭୁବନେଶ୍ୱର :** ଗ୍ରାମାଞ୍ଚଳରେ ବସବାସ କରୁଥିବା ଜନଧାରଣଙ୍କୁ ବିଶୁଦ୍ଧ ପାନୀୟ ଜଳ ଦେବାକୁ ରାଜ୍ୟ ସରକାର ପ୍ରାଥମିକତା ଦେଇଛନ୍ତି। ଏଥିପାଇଁ କାର୍ଯ୍ୟକାରୀ ହୋଇଛି 'ବସୁଧା' ଯୋଜନା। ଉକ୍ତ ଯୋଜନାରେ ବରଗଡ଼ ଜିଲ୍ଲାରେ ୭୨୪.୦୬ କୋଟି ଟଙ୍କା ବ୍ୟୟରେ ୨ଟି ମେଗା ପାଇପ ଜଳଯୋଗାଣ ପ୍ରକଳ୍ପ ହେବ। ପ୍ରକଳ୍ପ କାର୍ଯ୍ୟ ୨୪ମାସ ମଧ୍ୟରେ ଶେଷ କରିବାକୁ ଲକ୍ଷ୍ୟଧାର୍ଯ୍ୟ ହୋଇଛି। ଏହି ଟେଣ୍ଡରକୁ ରାଜ୍ୟ କ୍ୟାବିନେଟ ମଞ୍ଜୁରୀ ପ୍ରଦାନ କରିଛନ୍ତି। ବରଗଡ଼ ଜିଲ୍ଲାରେ ୪୩ଟି ପଞ୍ଚାୟତରେ ୧୬୬ଟି ଗାଁକୁ ପାନୀୟ ଜଳ ଯୋଗାଣ ପାଇଁ ଦୁଇଟି ମେଗା ପାଇପ ଜଳଯୋଗାଣ ପ୍ରକଳ୍ପ ହେବ। ଏଥିରେ ୭ଟି ବ୍ଲକର ୭.୩୭ ଲକ୍ଷ ଲୋକ ଉପକୃତ ହେବେ। ପ୍ରକଳ୍ପ କାର୍ଯ୍ୟ ନିମନ୍ତେ ସର୍ବନିମ୍ନ ଟେଣ୍ଡର ଦର ୨୧୫.୩୧ ଲକ୍ଷ ଟଙ୍କାରେ ମେସର୍ସ କେଇସି-କାଭେରୀ ଓ୍ୱାରଙ୍ଗଲକୁ ଅନୁମତି ଦିଆଯାଇଛି। ପ୍ରକଳ୍ପର ଟେଣ୍ଡରକୁ ମଞ୍ଜୁରୀ ମିଳିଛି। ବରପାଲି ବ୍ଲକରେ ସେମିତି ୨୨ଟି ପଞ୍ଚାୟତରେ ୧.୦୧ଲକ୍ଷ ଓ ଭେଡେନ ବ୍ଲକର ୧.୨୭ଲକ୍ଷ ଲୋକଙ୍କୁ ପାନୀୟ ଜଳ ଯୋଗାଣ କରାଯାଇପାରିବ। ମେଗା ପାନୀୟ ଜଳ ପ୍ରକଳ୍ପ ନିମନ୍ତେ ମେସର୍ସ ଏଲଆଣ୍ଡଟି, ଚେନ୍ନାଇକୁ ୫୦୮.୭୫ କୋଟି ଟଙ୍କାର ସର୍ବନିମ୍ନ ଟେଣ୍ଡର ଅନୁମତି ମିଳିଛି। ଅତାବିରା ବ୍ଲକର ୧.୩୯ଲକ୍ଷ, ବରପାଲି ବ୍ଲକର ୫୭୬୬, ବିଜେପୁର ବ୍ଲକର ୧.୦୬ ଲକ୍ଷ, ଗାଇସିଲେଟ୍ ବ୍ଲକର ୯୨.୯୭୬ ଜଣ ଓ ବରଗଡ଼ ବ୍ଲକର ୧.୬୩ଲକ୍ଷ ଲୋକଙ୍କୁ ପାନୀୟ ଜଳ ସୁବିଧା ମିଳିବ। ଅର୍ଥାତ ବରଗଡ଼ର ୫ଟି ବ୍ଲକର ୯୫ଟି ପଞ୍ଚାୟତରେ ପ୍ରାୟ ୫.୦୮ଲକ୍ଷ ଲୋକଙ୍କୁ ପାନୀୟ ଜଳ ଯୋଗାଣ କରିବାରେ ଏହି ପ୍ରକଳ୍ପ ସକ୍ଷମ ହେବ।


### ରାଜ୍ୟ କ୍ୟାବିନେଟ୍‌ରେ ପ୍ରସ୍ତାବ ଅନୁମୋଦିତ

# ୫୦% ଏମ୍‌ଏସ୍‌ପି ବୃଦ୍ଧି ପାଇଁ ସଂକଳ୍ପବଦ୍ଧ

**ଭୁବନେଶ୍ୱର :** କୃଷିକୁ ଅଧିକ ଲାଭ ଦାୟକ ଓ ସମ୍ମିଳିତ କରି କୃଷି କ୍ଷେତ୍ରରେ ଦ୍ରୁତ ଅଭିବୃଦ୍ଧି ହାସଲ ଲକ୍ଷ୍ୟ ନେଇ ସରକାର ନୂଆ କୃଷିନୀତି-୨୦୨୦ 'ସମୃଦ୍ଧି' କାର୍ଯ୍ୟକାରୀ କରିଛନ୍ତି। ସ୍ୱାମୀନାଥନ କମିଟିର ସୁପାରିସ ଅନୁସାରେ ଫସଲର ହାରାହାରି ଉତ୍ପାଦନ ଖର୍ଚ୍ଚଠାରୁ ଅତିକମରେ ୫୦ ପ୍ରତିଶତ ଅଧିକ ଏମଏସପି ହେବା ଉଚିତ। ତେଣୁ ରାଜ୍ୟ ସରକାର ଏହାକୁ କାର୍ଯ୍ୟକାରୀ ନିମନ୍ତେ କେନ୍ଦ୍ର ସରକାରଙ୍କୁ ଅନୁରୋଧ ପାଇଁ ଆଜି କ୍ୟାବିନେଟରେ ପ୍ରସ୍ତାବ ଅନୁମୋଦିତ ହୋଇଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଭିଡିଓ କନ୍‌ଫରେନ୍ସିଂ ମାଧ୍ୟମରେ କ୍ୟାବିନେଟ୍ ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ ମୋଟ ୧୨ଟି ପ୍ରସ୍ତାବକୁ ଅନୁମୋଦନ ମିଳିଛି। ବୈଠକ ସମ୍ପର୍କରେ ଗଣମାଧ୍ୟମକୁ ସୂଚନା ଦେଇ ମୁଖ୍ୟ ଶାସନ ସଚିବ ଅସୀତ କୁମାର ତ୍ରିପାଠୀ କହିଛନ୍ତି ଯେ ସରକାର ଚାଷୀଙ୍କ ସର୍ବାଙ୍ଗୀନ କଲ୍ୟାଣ ନିମନ୍ତେ ଉର୍ତ୍ସଗୀକୃତ ଭାବେ କାର୍ଯ୍ୟ କରୁଛନ୍ତି। କୃଷକମାନଙ୍କର ଆୟ ବୃଦ୍ଧି ଦିଗରେ ସର୍ବନିମ୍ନ ସହାୟକ ମୂଲ୍ୟ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ। ଅନ୍ୟାନ୍ୟ କ୍ଷେତ୍ରରେ ନିୟୋଜିତ ବ୍ୟକ୍ତିଙ୍କ ଆୟର ଅଭିବୃଦ୍ଧି ତଥା ଚାଷ ଜନିତ ଖର୍ଚ୍ଚର ବୃଦ୍ଧି ସହିତ ତାଳଦେଇ କୃଷକଙ୍କର ଆୟ ବୃଦ୍ଧି ହେବା ଆବଶ୍ୟକ। ଚାଷୀଙ୍କୁ ସେମାନଙ୍କର ଉତ୍ପାଦନର ଉପଯୁକ୍ତ ମୂଲ୍ୟ ଦେବା ନିମନ୍ତେ ରାଜ୍ୟ ବିଧାନସଭାରେ ୨୦୧୭ ଓ ୨୦୧୮ରେ ଏକ ସର୍ବସମ୍ମତ ସଂକଳ୍ପ ପ୍ରସ୍ତାବ ପାରିତ ହୋଇଛି। ତେଣୁ ଏମ୍‌ଏସ୍‌ପି ୫୦% ବୃଦ୍ଧି ନିମନ୍ତେ କେନ୍ଦ୍ର ସରକାରଙ୍କୁ ରାଜ୍ୟ ସରକାର ଅନୁରୋଧ କରିବେ। ଏଥିପାଇଁ କ୍ୟାବିନେଟରେ ଏକ ପ୍ରସ୍ତାବ ଅନୁମୋଦିତ ହୋଇଛି। ଏହି ପ୍ରସ୍ତାବରେ କୁହାଯାଇଛି, ଚାଷୀ ହେଉଛି ଆମ ଅର୍ଥନୀତିର ଆତ୍ମା ଓ ମୌଳିକ ଶକ୍ତି। ଚାଷୀର ଉନ୍ନତିରେ ହିଁ ଆମ ଦେଶ ଓ ସମାଜ ସମୃଦ୍ଧ ହୋଇଥାଏ। ତେଣୁ ଚାଷୀ ଓ ଚାଷ ପ୍ରତି ଅବହେଳା ଆତ୍ମଘାତି ସଦୃଶ ହୋଇଥାଏ। ରାଜ୍ୟ ସରକାର ପ୍ରଥମରୁ ହିଁ କୃଷିକୁ ପ୍ରାଥମିକତା ଦେଇଆସିଛନ୍ତି ଓ ଚାଷୀମାନଙ୍କ କଲ୍ୟାଣ ପାଇଁ ବିଭିନ୍ନ କାର୍ଯ୍ୟକ୍ରମ ଗ୍ରହଣ କରିଛନ୍ତି। ତା ସହିତ ଚାଷୀର ରୋଜଗାରକୁ ଦୁଇଗୁଣ କରିବା ପାଇଁ ଆନ୍ତରିକତାର ସହ କାର୍ଯ୍ୟ କରୁଛନ୍ତି। ନୂଆ କୃଷି ନୀତି-୨୦୨୦ 'ସମୃଦ୍ଧି' ଠାରୁ ଆରମ୍ଭ କରି ସରକାରଙ୍କ ବିଭିନ୍ନ ନୀତି ଓ କାର୍ଯ୍ୟକ୍ରମ ଦ୍ରୁତ କୃଷି ଅଭିବୃଦ୍ଧି ଉପରେ ହିଁ କେନ୍ଦ୍ରୀଭୂତ ହୋଇଆସିଛି। ଚାଷକୁ ଲାଭଜନକ କରିବା ଏବଂ ଏହି କ୍ଷେତ୍ରରେ ବ୍ୟାପକ ନିଯୁକ୍ତି ସୁଯୋଗ ସୃଷ୍ଟି କରିବା ପ୍ରମୁଖ ଲକ୍ଷ୍ୟ ବୋଲି ପ୍ରସ୍ତାବରେ କୁହାଯାଇଛି। ଗତ ୧୬ ବର୍ଷ ମଧ୍ୟରେ ଆମ ରାଜ୍ୟରେ ମୋଟ ଘରୋଇ କୃଷି ଉତ୍ପାଦନ ଦୁଇ ଗୁଣ ହୋଇଥିବା ବେଳେ ଅଭିବୃଦ୍ଧି ହାର ୪.୫ରେ ପହଞ୍ଚିଛି। ସୂଚନାଯୋଗ୍ୟ, କୃଷି କ୍ଷେତ୍ରରେ ଜାତୀୟ ଅଭିବୃଦ୍ଧି ହାର ୩.୧ରେ ସୀମିତ ରହିଛି। କୃଷିର ବିକାଶ ତଥା କୃଷକର କଲ୍ୟାଣ ପାଇଁ ରାଜ୍ୟ ସରକାର ସ୍ୱତନ୍ତ୍ର କୃଷି କ୍ୟାବିନେଟ ଗଠନ ଠାରୁ ଆରମ୍ଭ କରି ସ୍ୱତନ୍ତ୍ର କୃଷି ବଜେଟ କାର୍ଯ୍ୟକାରୀ କରୁଥିବା ବେଳେ କାଳିଆ ଯୋଜନା ପରି ଐତିହାସକ ପଦକ୍ଷେପ




ଗ୍ରହଣ କରି ସାରା ଭାରତର ଦୃଷ୍ଟି ଆକର୍ଷଣ କରିପାରିଛନ୍ତି। ଚାଷୀର ରୋଜଗାର ବୃଦ୍ଧିରେ ଏହା ଏକ ଉଲ୍ଲେଖନୀୟ ପଦକ୍ଷେପ। ସେହିପରି ଆମର ଆଦିବାସୀ ଅଞ୍ଚଳମାନଙ୍କର ଚାଷୀମାନଙ୍କ କଲ୍ୟାଣ ପାଇଁ ଆମେ ଆରମ୍ଭ କରିଥିବା ମାଣ୍ଡିଆ ମିଶନ ରୋଜଗାର ବୃଦ୍ଧିରେ ଏକ ମହତ୍ୱପୂର୍ଣ୍ଣ ପଦକ୍ଷେପ ଭାବରେ ପରିଗଣିତ ହୋଇଅଛି। ନିକଟ ଅତୀତରେ ଭୂମିହୀନ ଏବଂ ଛୋଟ ଚାଷୀ ଯେପରି ସୁବିଧାରେ ଋଣ ପାଇପାରିବେ, ସେଥିପାଇଁ ରାଜ୍ୟ ସରକାର ବଳରାମ ଯୋଜନା ଆରମ୍ଭ କରିଛନ୍ତି। ରାଜ୍ୟର ୪୦ଟି ପଛୁଆ ବ୍ଲକରେ ଏଗ୍ରିକଲଚର ପ୍ରଡକସନ୍ କ୍ଲଷ୍ଟର ପ୍ରୋଗ୍ରାମ୍ ମଧ୍ୟ କାର୍ଯ୍ୟକାରୀ କରାଯାଉଛି । ଏହି ପରିପ୍ରେକ୍ଷୀରେ ଚାଷୀଙ୍କ ରୋଜଗାରକୁ ବୃଦ୍ଧି କରିବା ପାଇଁ ସର୍ବନିମ୍ନ ସହାୟକ ମୂଲ୍ୟକୁ ରାଜ୍ୟ ସରକାର ଏକ ଗୁରୁତ୍ୱପୂର୍ଣ୍ଣ ମାଧ୍ୟମ ଭାବରେ ବିଚାର କରନ୍ତି । ବିଶିଷ୍ଟ କୃଷି ଅର୍ଥନୀତିଜ୍ଞ ଡ.ଏମ୍.ଏସ୍. ସ୍ୱାମୀନାଥନଙ୍କ ଅଧ୍ୟକ୍ଷତାରେ ଜାତୀୟ କୃଷକ କମିସନ ସର୍ବନିମ୍ନ ସହାୟକ ମୂଲ୍ୟକୁ ହାରାହାରି ଉତ୍ପାଦନ ଖର୍ଚ୍ଚର ଦେଢ ଗୁଣକୁ ବୃଦ୍ଧି କରିବା ପାଇଁ ସୁପାରିଶ କରିଥିଲେ। ସ୍ୱାମୀନାଥନ କମିଟିର ସୁପାରିଶକୁ କାର୍ଯ୍ୟକାରୀ କରିବା ପାଇଁ ରାଜ୍ୟ କାବିନେଟ ତା'ର ଦାବିକୁ ପୁଣିଥରେ ଦୋହରାଉଛି। ଭାରତ ପରି ଦେଶରେ ସର୍ବନିମ୍ନ ସହାୟକ ମୂଲ୍ୟ ଚାଷୀର ଅଧିକାର। ଚାଷୀ ଖରା ବର୍ଷା ସହି କ୍ଷେତରେ ଖଟିଲେ ସବୁ ପରିବାରର ରୋଷେଇ ଘରେ ଚୁଲି ଜଳେ। ତେଣୁ ଚାଷୀ ଯଦି ତା'ର ଉତ୍ପାଦିତ ଦ୍ରବ୍ୟର ଉପଯୁକ୍ତ ମୂଲ୍ୟ ପାଇବାରେ ସନ୍ଦେହରେ ରହେ, ତେବେ ଚାଷୀ ଓ ଚାଷ ସହିତ ଅର୍ଥନୀତି ସଂକଟକୁ ଆସିଯିବ। ଚାଷୀର ସ୍ୱାର୍ଥକୁ ଅଣଦେଖା କରି ବିକାଶର ସ୍ୱପ୍ନ ଅବାସ୍ତବ। କରୋନା ସମୟରେ ଅର୍ଥନୀତିର ପ୍ରାୟ ସବୁ ଗୁରୁତ୍ୱପୂର୍ଣ୍ଣ କ୍ଷେତ୍ର ମାନ୍ଦା ଅବସ୍ଥାରେ ଥିବାବେଳେ, ଚାଷୀର ପରିଶ୍ରମ ହିଁ ସଂଜୀବନୀ ସଦୃଶ ଅର୍ଥନୀତିକୁ ବଞ୍ଚାଇ ରଖିଛି। ତେଣୁ ଅନ୍ୟ ସବୁ କ୍ଷେତ୍ରରେ ରୋଜଗାରରେ ଯେପରି ବୃଦ୍ଧି ଘଟୁଛି, ତା ସହିତ ତାଳ ଦେଇ ଚାଷୀର ରୋଜଗାର ମଧ୍ୟ ବଢ଼ିବା ଉଚିତ। କୃଷି କ୍ଷେତ୍ରରେ ଉତ୍ପାଦନ ଖର୍ଚ୍ଚକୁ ଦୃଷ୍ଟିରେ ରଖି ରୋଜଗାର ବଢ଼ିବା ଦରକାର । ଚାଷକୁ ଲାଭଜନକ କରିବା ଏବଂ ଚାଷୀକୁ ସମସ୍ତ ପ୍ରକାର ଆଶଙ୍କାରୁ ସୁରକ୍ଷା ଦେବା ପାଇଁ କୃଷିଜାତ ଦ୍ରବ୍ୟ ଗୁଡ଼ିକର ସର୍ବନିମ୍ନ ସହାୟକ ମୂଲ୍ୟକୁ ଏକ ବାସ୍ତବବାଦୀ ଦୃଷ୍ଟିଭଙ୍ଗୀ ନେଇ ସ୍ଥିରୀକୃତ କରିବା ଆବଶ୍ୟକ । ସର୍ବନିମ୍ନ ସହାୟକ ମୂଲ୍ୟ ନେଇ ସ୍ୱାମୀନାଥଙ୍କ କମିଟିର ସମସ୍ତ ସୁପାରିଶକୁ ସବୁ ଶସ୍ୟ ପାଇଁ ଲାଗୁ କରିବାକୁ ଓଡ଼ିଶା ସରକାର ତାଙ୍କ ସଂକଳ୍ପକୁ ପୁନଃଘୋଷଣା କରିଥିବା କୁହାଯାଇଛି।



EKAMAATRA
ଏକମାତ୍ର
ଅନୁସନ୍ଧାନ ପରେ ଖବର

ଭୁବନେଶ୍ୱର, ୧୪ - ୨୦ ଡିସେମ୍ବର, ୨୦୨୦

# ବଦଳୁଥିବା ସମୟ ଓ ଅଜଣା ଭୟ

**ଧୀ**ରେ ଧୀରେ ଭାଙ୍ଗିଯାଉଛି ବିଶ୍ୱାସର ବଳୟ। ମଣିଷ ପ୍ରତି ମଣିଷର ଭଲପାଇବା ଓ ଆତ୍ମୀୟତା କମିକମି ଯାଉଛି। ସବୁଠି ଗୋଟେ ଅହଙ୍କାରୀ ଦାନବର କ୍ରୁର ଉପହାସ ମଣିଷ ସମାଜକୁ ଯେମିତି ତାଚ୍ଛଲ୍ୟ କରୁଛି। ସର୍ବୋତ୍କୃଷ୍ଟ ପ୍ରାଣୀ ଭାବେ ବିବେଚିତ ହେଉଥିବା ମଣିଷର ଭିତରଟା ଏତେ କଳୁଷିତ ହୋଇଗଲାଣି ଯେ, ସେଠାରେ ସ୍ନେହ, ପ୍ରେମ ଓ ଉତ୍ତମ ଭାବନା ଯେଭଳି ମୂଲ୍ୟହୀନ। ପରିବାରରୁ ଆରମ୍ଭ କରି ରାଷ୍ଟ୍ର, ରାଷ୍ଟ୍ରରୁ ବହୁରାଷ୍ଟ୍ର ସବୁଠି ଏହି ଅହଂକାର ଓ ଅବିଶ୍ୱାସ ମହାଦ୍ରୁମର ଆକାର ଧାରଣ କରିଚାଲିଛି। ପରିବାର କଥା ବିଚାରକଲେ ଦେଖାଯାଏ, ପୂର୍ବେ ଯୌଥ ପରିବାର ଥିଲା। ଗୋଟିଏ ଘରେ ଅନେକ ମଣିଷ ଅନେକ ଅସୁବିଧାରେ ଥାଇ ସୁଦ୍ଧା ହସଖୁସିରେ ଜୀବନ ବିତାଉଥିଲେ। ସାମର୍ଥ୍ୟ ଅନୁସାରେ ସମସ୍ତେ ପରିଶ୍ରମ କରି ଯାହା ଉପାର୍ଜନ କରୁଥିଲେ, ସେଥିରେ ଘର ଖର୍ଚ୍ଚ ସହ ପରିବାର ପାଇଁ ଯେତିକି ସର୍ବନିମ୍ନ ଆବଶ୍ୟକତା ତାହା ପୂରଣ କରାଯାଉଥିଲା। ଚାଷ ହିଁ ଥିଲା ମୂଳ ବେଉସା। ଧୀରେ ଧୀରେ ଶିକ୍ଷାର ଉନ୍ନତି ଘଟିବା ଫଳରେ ଲୋକ ଶିକ୍ଷିତ ହେବା ସହିତ ରୋଜଗାରର ଅନ୍ୟ ପନ୍ଥା ଅବଲମ୍ବନ କଲେ। ତାହାରି ଭିତରେ କୃଷି ପ୍ରତି ବିମୁଖ ଭାବ ବଢ଼ିବା ଆରମ୍ଭ ହୋଇଗଲା। ଜଣେ ଜଣକୁ ଅନୁକରଣ କରି ଆଧୁନିକ ସମାଜରେ ବାସ କରିବାର ସ୍ୱପ୍ନ ଦେଖିଲେ। ଉଚ୍ଚ ଶିକ୍ଷା ଓ ଉଚ୍ଚ ଅଭିଳାଷ ଜାଗରଣ ଭିତରେ ମଣିଷର ମନ ବଦଳିବାକୁ ଲାଗିଲା। ସହରରେ କିଭଳି ସ୍ୱଚ୍ଛନ୍ଦରେ ରହିହେବ, ସେହି ଚିନ୍ତା ଘାରିବା ଫଳରେ ଗାଁ ଠାରୁ ଦୂରେଇଯିବାକୁ ଅନେକ ଚେଷ୍ଟା ଜାରି ରଖିଲେ। ବସ୍ତୁବାଦର ମୋହ ମଣିଷକୁ ଏତେ ଆକର୍ଷିତ କରିନେଲା ଯେ, ସେଠାରେ ଭାଇଚାରା ଓ ସମ୍ପର୍କ ମୂଲ୍ୟହୀନ ହୋଇଗଲା। କାହା ଦୁଃଖରେ କେହି ଠିଆ ହେବାକୁ ଏବେ ଉପଯୁକ୍ତ ମଣୁନାହାନ୍ତି। ନିଜ ସ୍ୱାର୍ଥକୁ ନେଇ ମଣିଷ ଏତେମାତ୍ରାରେ ସଙ୍କୁଚିତ ହୋଇପଡିଛି ଯେ, ସେଥିରେ ଅନ୍ୟର ପ୍ରବେଶକୁ ସହଜରେ ବରଦାସ୍ତ କରିହେଉନାହିଁ। ଯାହାଫଳରେ ଯାବତୀୟ ସମସ୍ୟା ଏବେ ମଣିଷକୁ ଘେରିବସିଛି। ମିଛ ଆଭିଜାତ୍ୟ, ଅନ୍ୟକୁ ଦେଖେଇ ହେବାର ମାନସିକତା ପରିବାର ଭିତରେ ଅଶାନ୍ତି ତିଆରି କରୁଛି। ପିଲାଙ୍କୁ ଉଚ୍ଚ ଶିକ୍ଷା ଦେବାର ଅର୍ଥ ନୁହେଁ ଯେ, ଅନାବଶ୍ୟକ ଖର୍ଚ୍ଚ କରିବା। ଯେଉଁମାନେ ପିଲା ଭଲ ମଣିଷ ହୋଇ ପରିବାରକୁ ଆଗକୁ ନେଇଯିବାର ସ୍ୱପ୍ନ ଦେଖିଥିଲେ, ସେଥିରେ ଭଟ୍ଟା ପଡିଲା ଭଳି ଲାଗୁଛି। କାରଣ ଅନେକ ପରିବାରରେ ଶିକ୍ଷିତ ପୁଅ ଝିଅ ନିଜେ ଉପାର୍ଜନ କରିବା ବଦଳରେ ପ୍ରତି ଘଟଣା ପାଇଁ ବାପା ମା'ଙ୍କୁ ଦୋଷ ଦେଉଛନ୍ତି। ଯେଉଁଥିପାଇଁ ଅଶାନ୍ତି ଲାଗିରହୁଛି। କେହି ନିଜ ସାମର୍ଥ୍ୟ, ଯୋଗ୍ୟତାକୁ ନପରଖି କିଭଳି ଇଚ୍ଛା ମୁତାବକ କାର୍ଯ୍ୟ ହାସଲ ହୋଇପାରିବ, ତାହା ଚିନ୍ତା କରିବାରେ ବ୍ୟସ୍ତ। ଯେଉଁ ପରିବାରରେ ଉତ୍ତମ ପିଲା ଅଛନ୍ତି ବା ପିତା ମାତାଙ୍କ ନିୟନ୍ତ୍ରଣରେ ପିଲା ରହୁଛନ୍ତି, ସେଠାରେ ଏକପ୍ରକାର ଆତ୍ମସନ୍ତୋଷ ବା ଖୁସି ରହିଛି। ଅନେକ ପରିବାରର ମୁଖିଆ ଦୁର୍ନୀତି ଉପାୟରେ ଅଧିକ ଅର୍ଥ ଉପାର୍ଜନ କରୁଥିବା ହେତୁ, ତାଙ୍କ ପିଲାମାନେ ଯେଉଁ ବିଳାସମୟ ଜୀବନ ଜିଉଛନ୍ତି,

ସମ୍ପାଦକୀୟ



ତାରକ ମହାନ୍ତି

ତାହାର ପ୍ରଭାବ ମଧ୍ୟ ଅନ୍ୟ ଉପରେ ପଡୁଛି। ହେଲେ ସମସ୍ତେ ଦୁର୍ନୀତି କରିବାର କଳା ଜାଣିନଥାନ୍ତି ବା ସମସ୍ତଙ୍କ ନିକଟରେ ସେଭଳି ସୁଯୋଗ ନଥାଏ। ଏ କଥାଟିକୁ ବିଚାର ନକରି ଯେଉଁମାନେ, ଲୋଭ ବଶତଃ ବସ୍ତୁବାଦର ମାୟାରେ ପଡୁଛନ୍ତି ସେମାନେ ବିପଦକୁ ଡାକି ଆଣୁଛନ୍ତି। ଅଧିକନ୍ତୁ ଲୋକ ଋଣଗ୍ରସ୍ତ ଓ ରୋଗଗ୍ରସ୍ତ ହୋଇପଡିବାକୁ ବାଧ୍ୟ। ଆବଶ୍ୟକ ପୂରଣ କରିବା ଓ ଅନାବଶ୍ୟକ ଖର୍ଚ୍ଚ ତୁଲାଇବା ସମାନ କଥାନୁହେଁ। ପରିବାର ଚଳାଇବା କ୍ଷେତ୍ରରେ ଆଜିକାଲି ଏଭଳି କିଛି ଅସାମଞ୍ଜସ୍ୟ ଦେଖିବାକୁ ମିଳୁଛି। ନିଜେ ଯୋଗ୍ୟ ହେବା ଠାରୁ ପିତାମାତା କେତେ ଠୁଳ କଲେ ତାହା ହିଁ ମୁଖ୍ୟ ପ୍ରସଙ୍ଗ ହୋଇଯାଇଛି।

ଅଧିକାଂଶ ପିଲା ନିଜେ ରୋଜଗାର କରି ପରିବାରକୁ ଦେବା ଅପେକ୍ଷା ପରିବାର ନିକଟରୁ କେତେ ନେଇହେବ, ସେଭଳି ମାନସିକତା ଦେଖାଇବା ଦ୍ୱାରା ଘରେ ଘରେ ତୀବ୍ର ଅଶାନ୍ତି ଦେଖାଦେଉଛି। ବାପା କେତେ ସଞ୍ଚୟ କରିଛି, କେତେ ସ୍ଥାବର ଅସ୍ଥାବର ସମ୍ପତ୍ତି ଅଛି, ଏହାର ହିସାବ ମଧ୍ୟ ଖୋଜପଡୁଛି। ସାମ୍ପ୍ରତିକ ସମୟରେ ସମୂହ ସ୍ୱାର୍ଥ ଅପେକ୍ଷା ବ୍ୟକ୍ତି ସ୍ୱାର୍ଥର ପରାକ୍ରମ ଏତେ ଅଧିକ ଯେ, ସଭିଏଁ କିଭଳି ନିଜେ ସ୍ୱଚ୍ଛନ୍ଦରେ ରହିବେ, ଭଲ ଘର, ଭଲ ପୋଷାକ ଓ ଅଧିକ ବିଳାସପୂର୍ଣ୍ଣ ଜୀବନ ଚିନ୍ତାରେ ହିଁ ବିତୁଛି। ବିବେକ ଓ ମାନବିକତା ଭଳି ଦୁର୍ଲଭ ଭାବନା ହରାଇ ମଣିଷ ଯେତେବେଳେ ସ୍ୱାର୍ଥସର୍ବସ୍ୱ ହୋଇପଡେ ଏଥିରେ ସମାଜର ଅବକ୍ଷୟ ହୋଇଥାଏ। ତେଣୁ ସାମାଜିକ ଅବକ୍ଷୟ ଦ୍ୱାରା ପରମ୍ପରା, ପ୍ରଥା ଓ ଚଳଣି କ୍ଷତିଗ୍ରସ୍ତ ହେବା ଫଳରେ ଭବିଷ୍ୟତ ପାଇଁ ବିପଦ ସୃଷ୍ଟିହୁଏ। ସବୁ ଦୃଷ୍ଟିକୋଣରୁ ବିଚାର କଲେ ମଣିଷ ଶୃଙ୍ଖଳିତ ରହିଲେ ସମାଜ ସୁସ୍ଥ ରହେ। ଏଥିପାଇଁ ସୁସ୍ଥ ବିଚାରଧାରା, ଭଲ ଚିନ୍ତନର ଆବଶ୍ୟକତା ରହିଛି। ସ୍ୱାଧୀନତା ଆଳରେ ସ୍ୱେଚ୍ଛାଚାରିତା ଦେଖାଇବା ଦ୍ୱାରା ଅବକ୍ଷୟ କ୍ଷୀପ୍ରରୁ କ୍ଷୀପ୍ରତର ହୋଇଯାଏ। ଯାହାର ପ୍ରଭାବ ସମାଜ ଓ ସଂସ୍କାର ଉପରେ ପଡିବା ଫଳରେ ନାନାଦି ସମସ୍ୟାର ଉତ୍ପନ୍ନ ହୁଏ। ପରେ ଏହି ସମସ୍ୟା ମଣିଷର ଭାବନା ସହ ସମାଜକୁ କଳୁଷିତ କରେ। ତେଣୁ ପ୍ରତ୍ୟେକ କ୍ଷେତ୍ରରେ ବିଜ୍ଞତା ନଥିଲେ ବି ଉତ୍ତମ ଆଚାର ବିଚାର, ବ୍ୟବହାରରେ ସାଧୁତା ଓ ଶୁଦ୍ଧତା ନିତାନ୍ତ ଆବଶ୍ୟକ। ଜନାଦୃତ ହେବା ପାଇଁ କାର୍ଯ୍ୟଧାରାରେ ପରିବର୍ତ୍ତନ ଆଣି ସ୍ୱଚ୍ଛ ଓ ନିର୍ମଳ ଚିନ୍ତାଧାରା ବ୍ୟକ୍ତ କରିବା ବଦଳରେ ଆମେ ଯଦି ସବୁଥିରେ କଳହ, ବିବାଦ ଓ ସ୍ୱାର୍ଥ ଭର୍ତ୍ତି କରିବା, ତଦ୍ୱାରା ସମାଜର ପ୍ରଭୃତ କ୍ଷତି ଘଟିବ। ଯେଉଁ କ୍ଷତିର ଭରଣା ପାଇଁ ଯେତେ ଉଦ୍ୟମ କଲେ ବି ତାହା ନିଅଣ୍ଟ ପଡିବ। ତେଣୁ ଜୀବନରେ ଏଭଳି କିଛି କରାଯିବା ଉଚିତ ନୁହେଁ, ଯେଉଁଥିରେ ସମୂହ ସ୍ୱାର୍ଥ ଉଜୁଡିଯିବ। ବିବେକବାନ ବ୍ୟକ୍ତି ସବୁଥିରେ ନିଜ ସ୍ୱାର୍ଥ ଅପେକ୍ଷା ସାମାଜିକ ବ୍ୟବସ୍ଥାକୁ ଅଧିକ ପ୍ରାଧାନ୍ୟ ଦିଅନ୍ତି। ଏତେବଡ ବିଶ୍ୱରେ ମଣିଷ ସର୍ବପ୍ରଥମେ ପ୍ରକୃତିର ସୁରକ୍ଷା ପ୍ରତି ଅଧିକ ଧ୍ୟାନ ଦେବା ବଦଳରେ ଯଦି ଏହାର ବିପୁଳ କ୍ଷତି କରିଚାଲିବ, ତେବେ ଏହାର କୁପରିଣାମ ସେହି ମଣିଷ ହିଁ ଭୋଗ କରିବ। କାରଣ ପ୍ରକୃତି ସନ୍ତୁଳନ ହରାଇଲେ ଏହାର କୁପ୍ରଭାବ ବ୍ୟବସ୍ଥା ଓ ସମାଜକୁ ବିଗାଡିଦେବ। ଜଳବାୟୁ ପରିବର୍ତ୍ତନ ଠାରୁ ଆରମ୍ଭ କରି ସମସ୍ତ ଜୀବଜଗତ ଏହାଦ୍ୱାରା ପ୍ରଭାବିତ ହେବେ। ସେହିଭଳି ସ୍ୱାର୍ଥପର ଲୋକ ନିଜ ସ୍ୱାର୍ଥକୁ ନେଇ ଅନ୍ଧ ହୋଇପଡିଲେ, ଏହାର କୁପ୍ରଭାବ ପରିବାର, ସମାଜ, ଦେଶ ଓ ବିଶ୍ୱ ଉପରେ ପଡିବ। ପ୍ରଦୂଷଣଜନିତ କୁପ୍ରଭାବ, ନୂତନ ବ୍ୟାଧି ଏବେ ବିଶ୍ୱକୁ ଦୋହଲାଇ ଦେଲାଣି। ଗତବର୍ଷେ ହେବ ମହାମାରୀ କରୋନା ମଣିଷ ସମାଜ ପ୍ରତି ନୂତନ ଆହ୍ୱାନ ସୃଷ୍ଟି କରିଛି। ଏଣୁ, ବର୍ତ୍ତମାନ ପରିସ୍ଥିତି ଦେଖି ଭବିଷ୍ୟତକୁ ପରିକଳ୍ପନା କରିବା ଗୁରୁତ୍ୱପୂର୍ଣ୍ଣ। ଆଗକୁ ଆହୁରି ମାରାତ୍ମକ ବ୍ୟାଧି ଆସିପାରେ, ପ୍ରାକୃତିକ ବିପର୍ଯ୍ୟୟ ମଧ୍ୟ ସାମ୍ନା କରିବାକୁ ପଡିବ। ତେଣୁ ଏବେଠୁ ନିଜ ଚଳଣି ଓ ଚିନ୍ତାଧାରାରେ ପରିବର୍ତ୍ତନ ଆଣିପାରିଲେ ପୁଣି କିଛି ବର୍ଷ ଭଲରେ ରହିପାରିବା।

ଯୋଗାଯୋଗ ଠିକଣା
ଏକମାତ୍ର, ପ୍ଲଟ୍-୧୮୬, ଲେନ୍-୨, ବିମାନଘାଟୀ ଅଞ୍ଚଳ
ଭୁବନେଶ୍ୱର-୭୫୧୦୨୦, ଓଡ଼ିଶା
ଦୂରଭାଷ : ୦୯୩୩୮୨୨୫୯୩୦, ୯୪୩୭୧୩୩୭୭୭

# ମଦ ଓ ବିଜୁବାବୁଙ୍କ ମାଡ଼ ତତ୍ତ୍ୱ



ବାଦଲ ଭୂୟାଁ

ମଦ ଗରିବର ସଂସାର ଉଜାଡୁଛି। ନିରୀହ ଆଦିବାସୀଟିର ପରିବାରକୁ ଛାରଖାର କରୁଛି। ଅକାଳରେ ତାର ଜୀବନ ଚାଲିଯାଉଛି। ଆଉ ତାର ପିଲାମାନେ ବାପ ଛେଉଣ୍ଡ ହେଉଛନ୍ତି। ଏକଥା ବହୁ ପୂର୍ବରୁ ବୁଝିପାରିଥିଲେ ତତ୍କାଳୀନ ମୁଖ୍ୟମନ୍ତ୍ରୀ ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକ। ୧୯୯୦ରୁ ୧୯୯୫ ତାଙ୍କ ମୁଖ୍ୟମନ୍ତ୍ରୀତ୍ୱ ସମୟରେ ୨୦ଟି ଆଦିବାସୀ ଅଧ୍ୟୁଷିତ ଜିଲ୍ଲାରେ ଥିବା ଆଉଟ ଷ୍ଟିଲ ମଦ ଉତ୍ପାଦନ ଓ ବିକ୍ରି (ମହୁଲ ଫୁଲରୁ ତିଆରି) ଲାଇସେନ୍ସ ଦେବା ବନ୍ଦ କରିଦେଇଥିଲେ। ବିଜୁ ବାବୁ ଜାଣିଥିଲେ ମଦ ପିଇବା ଆଦିବାସୀମାନଙ୍କ ସଂସ୍କୃତିରେ ରହିଛି। ମହୁଲ ଫୁଲରୁ ତିଆରି ମଦ ଓ ସଲପ ରସ ପିଇବା ସେମାନଙ୍କ ପରମ୍ପରାର ଅଂଶବିଶେଷ। କିନ୍ତୁ ବାହାର ରାଜ୍ୟର ମଦ ବେପାରୀ ଯେ ନିରୀହ ଆଦିବାସୀଙ୍କୁ ନିଶା ଅଭ୍ୟସ୍ତ କରାଇ ସେମାନଙ୍କ ସମସ୍ତ ରୋଜଗାର ହଡ଼ପ କରି ନେଉଛନ୍ତି। ସେଥିପାଇଁ ୯୦ ଦଶକରେ ମେଳି କରି ମଦ ଭାଟି ଭାଙ୍ଗିବାକୁ ବିଜୁ ବାବୁ ଆଦିବାସୀ ମହିଳାମାନଙ୍କୁ ଆହ୍ୱାନ ଦେବା ସହ ମଦୁଆ ସ୍ୱାମୀମାନଙ୍କୁ ଛାଞ୍ଚୁଣୀରେ ବାଡ଼େଇବାକୁ ପରାମର୍ଶ ଦେଇଥିଲେ।

ବିଜୁବାବୁଙ୍କ ଏହି ମାଡ଼ ଅନୁଭୂତି ବୟାନ କରି ପୂର୍ବତନ ଅବକାରୀ ମନ୍ତ୍ରୀ ତଥା ବିଜୁ ବାବୁଙ୍କ ସମୟରେ ପଞ୍ଚାୟତିରାଜ ମନ୍ତ୍ରୀ ଭାବେ ଦାୟିତ୍ୱ ତୁଲାଇଥିବା ଦାମୋଦର ରାଉତ ରୋଚକ ତଥ୍ୟ କହିଛନ୍ତି। ଡାକ୍ତର ରାଉତ କହିଥିଲେ ୧୯୯୪ ମସିହାରେ ରାୟଗଡ଼ା ଜିଲ୍ଲା ଗୁଡ଼ାରୀ ବ୍ଲକର ଏକ ସ୍ଥାନରେ ପୂର୍ବତନ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକଙ୍କ ଏକ ସଭା ଆୟୋଜନ କରାଯାଇଥିଲା। ସେ ସଭାକୁ ବିଜୁ ବାବୁଙ୍କ ସହ ସେ ନିଜେ ମଧ୍ୟ ଯାଇଥିଲେ। ସଭାସ୍ଥଳରେ ପ୍ରାୟ ୫ ହଜାର ମହିଳା ଓ ପୁରୁଷଙ୍କ ସମାଗମ ହୋଇଥିଲା। ସେମାନଙ୍କ ଭିତରୁ ପ୍ରାୟ ୭୦୦ ଆଦିବାସୀ ମହିଳା ଏକାଠି ମେଳି କରି ବସିଥିଲେ। ସଭାକାର୍ଯ୍ୟ ସାଙ୍ଗ ହେବା ପରେ ବିଜୁ ବାବୁ ମଞ୍ଚ ତଳକୁ ଓହ୍ଲାଇ ଆସି ସିଧାସଳଖ ଚାଲି ଚାଲି ମହିଳାମାନେ ବସିଥିବା ସ୍ଥାନକୁ ଯାଇଥିଲେ। ବିଜୁ ବାବୁ ଅତି ନିକଟରେ ପାଇଥିବା ଦେଖି ସବୁ ଆଦିବାସୀ ମହିଳା ଠିଆ ହୋଇପଡ଼ିଲେ। ଜଣେ ୫୦ରୁ ୫୫ ବର୍ଷ ବୟସ୍କ ମହିଳାଙ୍କ କାନ୍ଧରେ ବିଜୁ ବାବୁ ହାତ ପକାଇ କହିଲେ 'ଆରେ ମା ତୁ ମୋତେ ଚିହ୍ନିବୁ?' ମହିଳା ଜଣକ କହିଲେ 'ହଁ ତୁ ପରା ଆମ ବିଜୁ ବାବୁ। ତତେ କଣ ଆମେ ଜାଣିପାରିବୁନି କି ? ପୁଣି ବିଜୁ ବାବୁ ପଚାରିଥିଲେ, କଣ ତୁମ୍ଭମାନଙ୍କର ସୁବିଧା ଅସୁବିଧା କୁହ।' ତତ୍କ୍ଷଣାତ ଆଉ ଜଣେ କମ୍ ବୟସର ମହିଳା କହିଥିଲେ ବାବୁ ଆମେ କାମକୁ ଯାଉଛୁ, ମାଇପି ଲୋକ ଯାହା ରୋଜଗାର କରୁଛୁ ଘର ଚଳୁଛି। ଆମ ମରଦ ବି କାମୁ ଯାଉଛି, ହେଲେ ଯାହା ରୋଜଗାର କରୁଛି, ସେ ସବୁ ଟଙ୍କା ମଦ ଭାଟି ବାଲାକୁ ଦେଇ ମଦ ପିଇ ଦେଉଛି। ରାତିରେ ଘରକୁ ଆସି ଆମକୁ ବାଡ଼ଉଛି। କଣ କରିବୁ ବାବୁ ପିଲାଛୁଆ ଭଲ କରି ଗଣ୍ଡେ ଖାଇବାକୁ ପାଉନାହାନ୍ତି। ଏକଥା ଶୁଣି ବିଜୁ ବାବୁ ଟିକିଏ ଗମ୍ଭୀର ହୋଇ ରହିଗଲେ। କହିଲେ ହଉ ତମେମାନେ ଗୋଟିଏ କାମ କର। ମେଳି କରି ସମସ୍ତେ ମଦ ଭାଟି ଅଛି ସବୁ ଭାଙ୍ଗ। ଆଉ ତମ ମାନଙ୍କ ମରଦ ମଦ ପିଇ ଘରକୁ ଆସିଲେ ସେମାନଙ୍କୁ ଛାଞ୍ଚୁଣିରେ ବାଡ଼ାଅ। ଯାହା ହବ ମୁଁ ବୁଝିବି। ବିଜୁ ବାବୁଙ୍କ ମୁହଁରୁ ପେଟେଣ୍ଟ ମେଡ଼ିସିନ କଥା ଶୁଣି ସେଠାରେ ଥିବା ଅନ୍ୟମନ୍ତ୍ରୀ ଓ ରାଜନେତାମାନେ ମୁହଁରେ ରୁମାଲ ଲଗାଇ ହସିଉଠିଲେ। ପରେ ବିଜୁବାବୁଙ୍କ କଥା ଅନୁସାରେ ମହିଳାମାନେ ମଦ ଭାଟି ଭାଙ୍ଗିଲେ। ମୁଖ୍ୟମନ୍ତ୍ରୀଙ୍କ କଥା ଅନୁସାରେ ମହିଳାମାନେ ସିନା ମଦ ଭାଙ୍ଗିଦେଲେ। ହେଲେ ଆଇନ ଆଗରେ ସମସ୍ତେ ସମାନ। ଲାଇସେନ୍ସ ପାଇଥିବା ମଦ ଭାଟି ମାଲିକମାନେ ସେମାନଙ୍କ ନାଁରେ ଥାନାରେ ଏତଲା ଦେଲେ। ଫଳରେ ଆନ୍ଦୋଳନକାରୀଙ୍କୁ ମଧ୍ୟ ଥାନାରେ ଅଟକ ରଖାଗଲା। ଏହାକୁ ନେଇ ପ୍ରାୟ ୧୫ଜଣ ଆଦିବାସୀ ମହିଳା ଓ ଜଣେ ପୁରୁଷ ଭୁବନେଶ୍ୱର ଆସି ନବୀନ ନିବାସରେ ବିଜୁ ବାବୁଙ୍କୁ ଗୁହାରୀ କଲେ। ସବୁ ଶୁଣିବା ପରେ ବିଜୁ ବାବୁ ତତ୍କାଳୀନ ପୁଲିସ ଡିଜି ପ୍ରଫୁଲ୍ଲ ରଥଙ୍କୁ ଫୋନ କରି ସବୁ ଆନ୍ଦୋଳନକାରୀ ମହିଳାଙ୍କୁ ଛାଡ଼ି ଦେବା ପାଇଁ ନିର୍ଦ୍ଦେଶ ଦେଲେ। କହିଥିଲେ, ମଦଭାଟି ଭାଙ୍ଗିବା ପାଇଁ ମହିଳାମାନଙ୍କୁ ସେ ନିଜେ କହିଥିଲେ। ଏଥିରେ ପୁଲିସ ହସ୍ତକ୍ଷେପ କରିବା ଦରକାର ନାହିଁ। ବିଜୁ ବାବୁଙ୍କଠୁ ଅଭୟ ପାଇ ଆଦିବାସୀ ମହିଳା ଫେରିଗଲେ। ପରେ ସଚିବାଳୟ ଆସି ବିଜୁ ବାବୁ ଏକ ଉଚ୍ଚସ୍ତରୀୟ ବୈଠକ କରି ସବୁ ଆଦିବାସୀ ଅଧ୍ୟୁଷିତ ଜିଲ୍ଲାରେ ଥିବା ମଦ ଦୋକାନ ଓ ମଦ ଉତ୍ପାଦନ ପାଇଁ ପ୍ରଦାନ କରାଯାଇଥିବା ଲାଇସେନସ୍ ରଦ କରିବା ସହ ଆଉ ଆଉଟ ଷ୍ଟିଲ ଲାଇସେନସ୍ ପ୍ରଦାନ ବ୍ୟବସ୍ଥା ରହିବନି ବୋଲି ଘୋଷଣା କରିଥିଲେ। ଲାଇସେନସ୍ ଦିଆନଗଲେ ଅବକାରୀ ରାଜସ୍ୱ କମିବ ବୋଲି ତତ୍କାଳୀନ ମୁଖ୍ୟ ଶାସନ ସଚିବ ରବି ନାରାୟଣ ଦାସ କହିବାରୁ ବିଜୁ ବାବୁ ଭୀଷଣ ବିରକ୍ତ ହୋଇଥିଲେ। କହିଥିଲେ ଗରିବ ଆଦିବାସୀଙ୍କ ରୋଜଗାର ଯିଏ ଛଡ଼େଇ ନଉଛି , ସେଭଳି ରାଜସ୍ୱ ମୋର ଦରକାର ନାହିଁ। ଅବକାରୀ ବିଭାଗର ତଥ୍ୟ ଅନୁଯାୟୀ ଏବେ ସମ୍ବଲପୁର, ବରଗଡ଼, ଝାରସୁଗୁଡ଼ା, ଦେବଗଡ଼, କଳାହାଣ୍ଡି, ନୂଆପଡ଼ା, ବଲାଙ୍ଗୀର, ସୋନପୁର, ବୌଦ୍ଧ, କୋରାପୁଟ, ରାୟଗଡ଼ା, ନବରଙ୍ଗପୁର, ମାଲକାନାଗିରି, ସୁନ୍ଦରଗଡ଼, ଅନୁଗୁଳ, କେନ୍ଦୁଝର, ମୟୂରଭଞ୍ଜ, ଗଞ୍ଜାମ, ଗଜପତି ଓ ଢେଙ୍କାନାଳ ଜିଲ୍ଲାରେ ୫୫୧ଟି ଆଉଟ ଷ୍ଟିଲ ମଦ ଉତ୍ପାଦନ ଓ ବିକ୍ରି କେନ୍ଦ୍ର ଖୋଲିଛି। ଏହାସହିତ ୧୪୫୮ଟି ଶାଖା ଦୋକାନା ମଧ୍ୟ ଏସବୁ ଜିଲ୍ଲାରେ ରହିଛି।

ମଦ ଦୋକାନ ଖୋଲିଲେ ରାଜସ୍ୱ ଆସେ। ବାସ୍ତବରେ ଏହି ଧାରଣାରେ ସେପରି ସତ୍ୟତା ନାହିଁ। ଓଡ଼ିଶା ସରକାରଙ୍କ ଅବକାରୀ ବିଭାଗର ତଥ୍ୟ ଦେଖିଲେ ଜଣାପଡ଼େ ଗତ ୧୦ ବର୍ଷ ଭିତରେ ଆଇଏମ୍ଏଫ୍ଏଲ୍, କଣ୍ଟ୍ରି ସ୍ପିରିଟ ଓ ଆଉଟ ଷ୍ଟିଲ ମଦ ବିକ୍ରି ଉପରେ ସରକାର ଅବକାରୀ ରାଜସ୍ୱ ଆଦାୟ ନେଇ ଯେତିକି ଲକ୍ଷ୍ୟ ଧାର୍ଯ୍ୟ କରିଥିଲେ, ସେଥିରେ ସେତେଟା ସଫଳତା ମିଳିନି। ୫ ବର୍ଷ ଧରି ସରକାର ଧାର୍ଯ୍ୟ ଲକ୍ଷ୍ୟ ଠାରୁ କମ୍ ରାଜସ୍ୱ ସଂଗ୍ରହ କରିଛନ୍ତି। ଏହା ସହିତ ରାଜସ୍ୱ ସଂଗ୍ରହ ହାର ୮%ରୁ ୨୯% ଭିତରେ ସୀମିତ ରହିଛି। ୨୦୦୯-୧୦ ବର୍ଷରେ ଧାର୍ଯ୍ୟ ଲକ୍ଷ୍ୟ ୮୦୦ କୋଟି କିନ୍ତୁ ସଂଗ୍ରହ ୮୪୮.୯୭ କୋଟି, ୨୦୧୦-୧୧ରେ ଧାର୍ଯ୍ୟ ଲକ୍ଷ୍ୟ ୧୦୫୦ କୋଟି, ସଂଗ୍ରହ ୧୦୯୪.୩୮ କୋଟି, ୨୦୧୧-୧୨ରେ ଧାର୍ଯ୍ୟ ଲକ୍ଷ୍ୟ ୧୩୫୦ କୋଟି, ସଂଗ୍ରହ ୧୩୭୯.୯୧ କୋଟି, ୨୦୧୨-୧୩ରେ ଧାର୍ଯ୍ୟ ଲକ୍ଷ୍ୟ ୧୭୦୦ କୋଟି, ସଂଗ୍ରହ ୧୪୯୯.୯୧ କୋଟି, ୨୦୧୩-୧୪ରେ ଧାର୍ଯ୍ୟ ଲକ୍ଷ୍ୟ ୧୯୦୦ କୋଟି, ସଂଗ୍ରହ ୧୭୮୦.୨୯ କୋଟି, ୨୦୧୪-୧୫ରେ ଧାର୍ଯ୍ୟ ଲକ୍ଷ୍ୟ ୨୧୫୦ କୋଟି, ସଂଗ୍ରହ ୨୦୩୮.୭୯ କୋଟି, ୨୦୧୫-୧୬ରେ ଧାର୍ଯ୍ୟ ଲକ୍ଷ୍ୟ ୨୫୦୦ କୋଟି, ସଂଗ୍ରହ ୨୫୬୮.୬୮ କୋଟି, ୨୦୧୬-୧୭ରେ ଧାର୍ଯ୍ୟ ଲକ୍ଷ୍ୟ ୩୩୦୦ କୋଟି, ସଂଗ୍ରହ ୨୭୮୬.୨୩ କୋଟି, ୨୦୧୭-୧୮ରେ ଧାର୍ଯ୍ୟ ଲକ୍ଷ୍ୟ ୩୬୦୦ କୋଟି, ସଂଗ୍ରହ ୩୨୨୧.୦୩ କୋଟି ଏବଂ ୨୦୧୮-୧୯ରେ ଧାର୍ଯ୍ୟ ଲକ୍ଷ୍ୟ ୩୮୦୦ କୋଟି କିନ୍ତୁ ସଂଗ୍ରହ ୩୯୨୫.୪୧ କୋଟି।

*୪ଜି, ପ୍ରତାପ ଆପାର୍ଟମେଣ୍ଟ,*
*୭ଏକ୍ସଟେନ୍‌ସନ ରୋଡ଼, ପୁରୁଣା*
*ସୋନାରୀ, ଜାମସେଦପୁର*
*ଦୂରଭାଷ : ୯୨୦୪୬୫୨୦୬୫*

# ବିବାଦରେ ସରକାରଙ୍କ ନୂଆ ଚିକିତ୍ସା ନୀତି



ଡାକ୍ତର ସମ୍ରାଟ କର

ଏକ ଜନମଙ୍ଗଳ ରାଷ୍ଟ୍ରରେ ସ୍ୱାସ୍ଥ୍ୟସେବା ସରକାରଙ୍କ ପାଇଁ ଅତ୍ୟନ୍ତ ଅପରିହାର୍ଯ୍ୟ ଓ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ। ଗଣତାନ୍ତ୍ରିକ ବ୍ୟବସ୍ଥାରେ ଗଢ଼ା ଯାଇଥିବା ଏକ ଜନପ୍ରଶସନାଭିମୁଖୀ ସରକାରଙ୍କ ମୁଖ୍ୟ ଦାୟିତ୍ୱ ହେଉଛି ଜନସାଧାରଣଙ୍କ ସ୍ୱାସ୍ଥ୍ୟ, ଧନଜୀବନ ସୁରକ୍ଷା ସହ, ଶିକ୍ଷା ଓ ସେମାନଙ୍କ ଭିତରେ ସଚେତନତା ସୃଷ୍ଟି କରିବା। ସ୍ୱାସ୍ଥ୍ୟଗତ ଦୃଷ୍ଟିକୋଣକୁ ଦେଖିଲେ ଚିକିତ୍ସା ପ୍ରଣାଳୀ ଭିନ୍ନ ଭିନ୍ନ ଭାବେ ରହିଛି। ଗୋଟିଏ ହେଉଛି ଏଲୋପ୍ୟାଥିକ ଅନ୍ୟଟି ହେଉଛି ହୋମିଓପାଥିକ ସେହିପରି ଆଉ ଗୋଟିଏ ହେଉଛି ଆର୍ୟୁବେଦିକ ଏବଂ ଅନ୍ୟ ଏକ ହେଉଛି ପ୍ରାକୃତିକ ପ୍ରଣାଳୀକୁ ନେଇ ନେଚରପାଥି। ବର୍ତ୍ତମାନର କରୋନା ମହାମାରୀ ସମୟକୁ ଦେଖିଲେ ନିଜ ଜୀବନକୁ ବାଜିରେ ଲଗାଇ ସମଗ୍ର ବିଶ୍ୱର ତମାମ ଡାକ୍ତରମାନେ ଜନସାଧାରଣଙ୍କୁ ଚିକିତ୍ସା ସେବା ଯୋଗାଇ ଦେଉଛନ୍ତି। ସେମାନଙ୍କ ଭିତରୁ ଅଧିକାଂଶ ଚିକିତ୍ସକ ରୋଗୀର ସେବା କରିବା ଭିତରେ ନିଜ ପ୍ରାଣବଳୀ ଉତ୍ସର୍ଗ କରିବାକୁ ପଛାଉ ନାହାଁନ୍ତି। ଅନେକ ଚିକିତ୍ସକ ନିଜ ସୁବିଧା, ସୁଖ, ସବୁକିଛିକୁ ପଛରେ ପକାଇ ଜନସାଧାରଣଙ୍କ ସ୍ୱାସ୍ଥ୍ୟକୁ ପ୍ରାଥମିକତା ପ୍ରଦାନ କରି ଯେଉଁ ସେବା ଦେଉଛନ୍ତି ତାହା ବାସ୍ତବରେ ଅତୁଳନୀୟ। ଏହିପରି ଏକ ସମୟରେ ଭାରତ ସରକାରଙ୍କ ସେଣ୍ଟ୍ରାଲ କାଉନ୍‌ସିଲ ଅଫ୍ ଇଣ୍ଡିଆନ ମେଡ଼ିସିନ ଦ୍ୱାରା ଗତ ନଭେମ୍ବର କୋଡିଏ ତାରିଖରେ ଜାରି କରାଯାଇଥିବା ଗେଜେଟ ନୋଟିଫିକେସନକୁ ଜନସାଧାରଣଙ୍କ ହିତ ଦୃଷ୍ଟିରୁ ଭାରତୀୟ ଚିକିତ୍ସକ ସଂଘ ତରଫରୁ ଦୃଢ଼ ବିରୋଧ କରାଯିବା ସହିତ ଏହାକୁ ସମ୍ପୂର୍ଣ୍ଣ ରୂପେ ପ୍ରତ୍ୟାହାର କରାଯିବା ପାଇଁ ସମଗ୍ର ଦେଶରେ ପ୍ରତିବାଦ କରାଯାଉଅଛି। ଏହି ବ୍ୟବସ୍ଥା ଲାଗୁ କରାଗଲେ ଏହା ଜନସାଧାରଣଙ୍କ ଚିକିତ୍ସା କ୍ଷେତ୍ରରେ ବହୁତ ବଡ଼ ଅଡୁଆ ପରିସ୍ଥିତି ସୃଷ୍ଟି କରିବ। ଭାରତ ପରି ଏକ ଜନବହୁଳ ରାଷ୍ଟ୍ରରେ ବର୍ଷ ବର୍ଷ ଧରି ଅନେକ ସ୍ଥାନରେ କେଉଁଠି ଡାକ୍ତର ନାହାଁନ୍ତି ତ କେଉଁଠି ସ୍ୱାସ୍ଥ୍ୟକର୍ମୀ ନାହାଁନ୍ତି, କେଉଁଠି ସରକାରୀ ଚିକିତ୍ସା ସେବାର ଭିତ୍ତିଭୂମି ଅସଜଡ଼ା ଥିବାବେଳେ ଅନେକ ସ୍ଥାନରେ ଗମନାଗମନର ସୁବିଧା ନଥାଏ। ଏସବୁ ସତ୍ତ୍ୱେ ଡାକ୍ତରମାନେ ସବୁ ପ୍ରତିବନ୍ଧକ ଭିତରେ ଚିକିତ୍ସା ସେବା ଜାରି ରଖିଛନ୍ତି। ଭାରତୀୟ ଚିକିତ୍ସା ବିଜ୍ଞାନ କ୍ଷେତ୍ରରେ ଏକ ଅସ୍ୱାଭାବିକ ଏବଂ ଅଶୋଭନୀୟ ପରିସ୍ଥିତି ସୃଷ୍ଟି କରିବ।

ଆଜିର ସମାଜରେ ବ୍ୟକ୍ତିବିଶେଷ ମାନଙ୍କର ଉପଯୁକ୍ତ ଶିକ୍ଷା ନିମନ୍ତେ ଏଲୋପ୍ୟାଥି, ଆୟୁର୍ବେଦିକ ଓ ହୋମିଓପାଥିକ ଆଦି ଭିନ୍ନ ଭିନ୍ନ ବିଭାଗ ଗୁଡ଼ିକୁ ଏକତ୍ର କରି ଚିକିତ୍ସା କରାଗଲେ ଚିକିତ୍ସା ବିଜ୍ଞାନ କ୍ଷେତ୍ରରେ ବହୁ ବାଧାବିଘ୍ନ ସୃଷ୍ଟି ହେବ ଏବଂ ଏହାର କୁପରିଣାମ ଜନସାଧାରଣଙ୍କ ଉପରେ ପଡ଼ିବ। କାରଣ ସମସ୍ତଙ୍କର ଚିକିତ୍ସା ପ୍ରଣାଳୀ ଭିନ୍ନ। ଏହି ସମସ୍ତ ବିଭାଗ ଗୁଡ଼ିକୁ ନିଜସ୍ୱ ଶିକ୍ଷା ପ୍ରଣାଳୀ ଦ୍ୱାରା ରୋଗୀ ଚିକିତ୍ସା କରିବାରେ ସମସ୍ତ ସୁବିଧା ଓ ସହଯୋଗ ଏକାନ୍ତ ଆବଶ୍ୟକ। ସମୂହ ବିଭାଗ ଗୁଡ଼ିକ ଏକତ୍ରିତ କରି ଚିକିତ୍ସା କରାଗଲେ ବହୁ ଜଟିଳ ପରିସ୍ଥିତି ସୃଷ୍ଟି ହେବାର ସମ୍ଭାବନା ଥିବାରୁ ସରକାର ଜାରି କରିଥିବା ବିଜ୍ଞପ୍ତିକୁ ତୁରନ୍ତ ପ୍ରତ୍ୟାହାର କରିବା ପାଇଁ ଭାରତୀୟ ଚିକିତ୍ସକ ସଂଘ ତରଫରୁ ଦାବି କରାଯାଇଅଛି। ଏହାର ଏକ ଅସ୍ୱାଭାବିକ ଦିଗ ହେଉଛି 'ବିଛା ମନ୍ତ୍ର ନ ଜାଣି, ସାପ ଗାତରେ ହାତ ପୁରାଇବା ପରି' ଆଜିକାଲିକା ସମୟରେ ଘରେ ବସି ବା ମୋବାଇଲ ବା କୌଣସି ନା କୌଣସି ଏକ ବିଦ୍ୟାଳୟରୁ ଡାକ୍ତରୀ ସାର୍ଟିଫିକେଟଟି ସିଏ ନେଚରପାଥି ହେଉ ବା ୟୁନାନି ଜଣେ ପରବର୍ତ୍ତୀ ସମୟରେ କେଉଁ ପ୍ରକାରର ଚିକିତ୍ସା ଜଣେ ମୁମୂର୍ଷୁକୁ ଯୋଗାଇବ ସହୃଦୟ ପାଠକମାନେ ଭଲ ଭାବେ ଚିନ୍ତା କରନ୍ତୁ। କାରଣ ଏବେ ବି ଅନେକ ସଚେତନତା ସତ୍ତ୍ୱେ ଭାରତରେ ଓ ଓଡ଼ିଶାରେ ମଧ୍ୟ କ୍ୱାକ୍ ବା ନକଲି ଡାକ୍ତରଙ୍କ ହାତରେ ଅନେକ ନିରୀହଙ୍କ ଜୀବନଦୀପ ଅକାଳରେ ନିର୍ବାପିତ ହୋଇଯାଉଛି। ତେଣୁ ଏପରି ଏକ ସମୟରେ ସରକାରଙ୍କ ଏହି ନୂଆ ନୀତି ଅନେକ ନକଲି ଡାକ୍ତରଙ୍କୁ ସୃଷ୍ଟି କରିବା ସହ ଅନେକଙ୍କ ମୂଲ୍ୟବାନ ଜୀବନ ଅକାଳରେ ଝଡ଼ିପଡ଼ିବ। ଏବଂ ପରବର୍ତ୍ତୀ ସମୟରେ ଏହାକୁ ନେଇ ଯେଉଁ ନୂଆ ଅନ୍ଧବିଶ୍ୱାସ ଓ ଆଇନ ଶୃଙ୍ଖଳା ପରିସ୍ଥିତି ସୃଷ୍ଟି ହେବ ତାହା ସାମାଜିକ ପରିବେଶକୁ ବିଗାଡ଼ି ଦେବ ନିଶ୍ଚୟ। ଏହି କ୍ରମରେ ଭାରତୀୟ ଚିକିତ୍ସକ ସଂଘ, ଓଡ଼ିଶା ଶାଖା ଆନୁକୂଲ୍ୟରେ, ଆଧୁନିକ ଚିକିତ୍ସା ପଦ୍ଧତିର ପୃଥକ ପରିଚୟ ଏବଂ ଅସ୍ତିତ୍ୱକୁ ବଜାୟ ରଖିବା ପାଇଁ ମେଡ଼ିକାଲ ଶିକ୍ଷକ ସଂଘ ସଂଗଠନ, ସରକାରୀ ଡାକ୍ତର, ରେସିଡେଣ୍ଟ ଡାକ୍ତର, ନର୍ସିଂହୋମ ଆସୋସିଏସନ ଏବଂ ରାଜ୍ୟର ସମସ୍ତ ମେଡ଼ିକାଲ ଛାତ୍ର ସଂଗଠନ ତରଫରୁ ଏହାକୁ ଦୃଢ଼ ସମର୍ଥନ ଜଣାଇଛନ୍ତି। ଡିସେମ୍ବର ଦୁଇ ତାରିଖରୁ ଏଗାର ତାରିଖ ପର୍ଯ୍ୟନ୍ତ ଏ ସମ୍ବନ୍ଧରେ ଆନ୍ଦୋଳନାତ୍ମକ କାର୍ଯ୍ୟକ୍ରମ ଆୟୋଜନ କରିବାକୁ ସଂଘ ନିଷ୍ପତ୍ତି ନେଇଛି। ଏହା କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ ଆଧୁନିକ ଚିକିତ୍ସା ବିଜ୍ଞାନର ସମସ୍ତ ବିଭାଗ, ହସ୍ପିଟାଲ ଆସୋସିଏସନ ଓଏମ୍‌ଟିଏ, ଓଏମ୍‌ଏସ୍‌ଏ। ମେଡ଼ିକାଲ ଛାତ୍ର ସଂଗଠନର କର୍ମକର୍ତ୍ତାମାନେ ଭାରତୀୟ ଚିକିତ୍ସକ ସଂଘ ସହିତ ସ୍ୱର ମିଳାଇ ଏହି ପ୍ରତିବାଦରେ ସାମିଲ ହୋଇଛନ୍ତି। ଆସନ୍ତା ଆଠ ତାରିଖ ଦିନ ସଚେତନତା ପାଇଁ ଏକ ଶୋଭାଯାତ୍ରାର ଆୟୋଜନ କରାଯାଇଅଛି। ଏତଦ୍ ବ୍ୟତୀତ ଆସନ୍ତା ଏଗାର ତାରିଖ ଦିନ ରାଜ୍ୟର ସମସ୍ତ ବେସରକାରୀ ହସ୍ପିଟାଲ ସକାଳ ଛଅଟାରୁ ସନ୍ଧ୍ୟା ଛଅଟା ପର୍ଯ୍ୟନ୍ତ ବନ୍ଦ ରଖିବା ପାଇଁ ନିଷ୍ପତ୍ତି ନିଆଯାଇଅଛି। ମାତ୍ର ଜନସାଧାରଣଙ୍କ ହିତ ଦୃଷ୍ଟିରୁ ସମସ୍ତ ଜରୁରୀ କାଳୀନ ଚିକିତ୍ସା ବ୍ୟବସ୍ଥା ଚାଲୁ ରହିବ। ଏହି ମିକ୍ସୋପ୍ୟାଥି ବ୍ୟବସ୍ଥା କାର୍ଯ୍ୟକାରୀ କରିବା ପାଇଁ ଜାରି କରାଯାଇଥିବା ବିଜ୍ଞପ୍ତିର ସମ୍ପୂର୍ଣ୍ଣ ପ୍ରତ୍ୟାହାର ନ ହେବା ପର୍ଯ୍ୟନ୍ତ ଏହି ଆନ୍ଦୋଳନ ଜାରି ରହିବ ବୋଲି ଭାରତୀୟ ଚିକିତ୍ସକ ସଂଘ ପକ୍ଷରୁ ସୂଚୀତ କରାଯାଇଛି। ସମଗ୍ର ବିଶ୍ୱରେ ଭାରତ ଏକ ଏପରି ରାଷ୍ଟ୍ର ଯେଉଁଠି ସ୍ୱାସ୍ଥ୍ୟକ୍ଷେତ୍ରରେ ଏବେ ବି ଭିତ୍ତିଭୂମି ସୁଦୃଢ଼ ନାହିଁ। ପ୍ରତିବର୍ଷ ବଜେଟରେ ସ୍ୱାସ୍ଥ୍ୟ ପାଣ୍ଠି ପାଇଁ ସରକାରୀ ଭାବେ ଆଖିଦୃଶିଆ ବଜେଟ ବଢ଼ାଯାଇନଥାଏ। ବିଶ୍ୱର ଅନେକ ବିକାଶଶୀଳ ଦେଶରେ ସ୍ୱାସ୍ଥ୍ୟକ୍ଷେତ୍ରକୁ ଗୁରୁତ୍ୱ ଦିଆଯାଇ ସ୍ୱାସ୍ଥ୍ୟଭିତ୍ତିଭୂମିକୁ ପ୍ରାଥମିକତା ପ୍ରଦାନ କରାଯାଇଥାଏ। ବର୍ତ୍ତମାନ କରୋନା ମହାମାରୀ ସମୟରେ ଏହାର ପ୍ରାସଙ୍ଗିକତା ଅନେକ ଭାବେ ବଢ଼ି ଯାଇଛି। ଭାରତରେ ସରକାରୀ ଭାବେ ଚିକିତ୍ସା ସେବା ଉନ୍ନତମାନର ସେବା ପ୍ରଦାନରେ ସ୍ୱଚ୍ଛତା ଆଣିବାକୁ ହେଲେ ସରକାର ଏକ ସ୍ୱତନ୍ତ୍ର ନୀତି ପାଳନ କରି ସ୍ୱାସ୍ଥ୍ୟକ୍ଷେତ୍ରକୁ ଗୁରୁତ୍ୱ ଦେବାକଥା। ମେଧାବୀ ଡାକ୍ତରୀ ଛାତ୍ରମାନେ ଯେପରି ନିଜ ଦେଶରେ ପାଠପଢ଼ି ସରକାରୀ ପ୍ରୋତ୍ସାହନ ପାଇ ରୋଗୀ ସେବାକୁ ଗୁରୁତ୍ୱ ଦେବେ ସେ କ୍ଷେତ୍ରରେ ସରକାରଙ୍କ ସୁଯୋଗ, ପ୍ରୋତ୍ସାହନ ଓ ସହଯୋଗ ଅତ୍ୟନ୍ତ ଅପରିହାର୍ଯ୍ୟ।

*ମାନସିକ ରୋଗ ବିଶେଷଜ୍ଞ*
*ଦି'ବ୍ରେନ୍, ପୁରୀଘାଟ ରୋଡ଼, କଟକ*
*ଦୂରଭାଷ : ୯୧୩୨୪୩୩୩୩୩*

## ଅଦ୍ରୋହ :-

*(ପୂର୍ବପ୍ରକାଶ ଉତ୍ତାରୁ)*

ଶ୍ମଶାସନରେ ମରିଯାଉଥିବା ଲୋକ ପାଇଁ ଦିଆଯାଉଥିବା ପିଣ୍ଡକୁ ନେଇ ଚିତା ଉପରେ ସେକି ଖାଉଥିଲା। କେତେବେଳେ ଅନ୍ୟମାନଙ୍କ ଘରେ ନିଆଁ ଲଗାଇ ଦେଉଥିଲା। ଚୋରୀ କରିବା, ପିଲାମାନଙ୍କୁ ଉଠାଇ ନେଇ କୂଅରେ ପକାଇବା, ଅସ୍ତ୍ରଶସ୍ତ୍ର ଧରି ବୁଲିବା, ଝଗଡା କରିବା, ମା' ବାପାଙ୍କ ସାଥିରେ ଝଗଡା ମାଡପିଟା କରି ଟଙ୍କା ପଇସା ଛଡାଇ ନେଇ ବୈଶ୍ୟା ପାଖକୁ ଯିବା ଏ ସବୁ କରୁଥିଲା। ଚଣ୍ଡାଳମାନେ ତାର ବିଶେଷ ମିତ୍ର ଥିଲେ। ମା ଦୁଃଖି ହୋଇ କୂଅକୁ ଡେଇଁ ଆତ୍ମହତ୍ୟା କଲା। ପିତା ଜପତପ କରିବା ପାଇଁ ଘର ଛାଡି ଜଙ୍ଗଲକୁ ଚାଲିଗଲେ। ଚୋରି କରି ଯେଉଁ ବୈଶ୍ୟା ମାନଙ୍କୁ ସନ୍ତୁଷ୍ଟ କରୁଥିଲା ସେମାନେ ଭାବିଲେ ଧୁଁଧକାରୀ ଯଦି ଧରାପଡି ଆମ ମାନଙ୍କୁ ଧରା ପକାଇବ ତେବେ ଧନ ତ ଯିବ ଏବଂ ଆମେ ମଧ୍ୟ ଦଣ୍ଡନୀୟ ହେବା ତେଣୁ ଚାଲ ସମସ୍ତେ ମିଶି ତାକୁ ଫାସିରେ ଲଟକାଇ ଦେବା ଓ ଧନ ନେଇ ଏଠାରୁ ଅନ୍ୟ ସ୍ଥାନକୁ ଚାଲିଯିବା। ସେମାନେ ଧୁଁଧକାରୀକୁ ଫାସିରେ ଲଗଟାଇଲେ, ସେ ମରୁ ନଥିବାରୁ ତା ମୁହଁରେ ଜଳନ୍ତା ଅଙ୍ଗାର ଭର୍ତ୍ତି କରିଦେଲେ। ଶେଷରେ ସେ ମରିଯିବାରୁ ସବୁ ସମ୍ପତ୍ତି ନେଇ ସେଠାରୁ ଚାଲିଗଲେ। ଆମ ସମାଜରେ ଆଜିକାଲି ଏଭଳି ବହୁତ ଘଟଣା ଘଟୁଛି। ସମାଜରେ ଏହି ବୃତ୍ତି ନ ରହୁ, ସରଳ ବୃତ୍ତି ରହୁ ଓ ଛୋଟ ବଡ ବାଳ ବୃଦ୍ଧ ସମସ୍ତଙ୍କ ଭିତରେ ଐକ୍ୟ ରହୁ ଏହାହିଁ ଅଦ୍ରୋହ।





ମୂଳ ଗୁଜୁରାଟୀ- ସ୍ୱାମୀ ଶ୍ରୀ ଆଧ୍ୟାତ୍ମାନନ୍ଦ ସରସ୍ୱତୀ ମହାରାଜ


ଦୈବୀ ସମ୍ପଦା



ଅନୁବାଦ- ଉପାଳୀ ଦାଶ

ଶ୍ରୀକୃଷ୍ଣ କୁହନ୍ତି ସମାଜସେବା ନ କରି ପାରୁଛ ଯଦି ନାହିଁ କିନ୍ତୁ କିଛି କରି ତାର ଡେଙ୍ଗୁରା ପିଟିବା ମଧ୍ୟ ସମାଜ ସାଥିରେ ଦ୍ରୋହ ଅଟେ। ମୋର ବହୁତ ଧନ ଅଛି ଆହୁରି ମଧ୍ୟ ମିଳିବାର ଅଛି, ମୁଁ ଏମିତି କଲି ଓ ସେମିତି କଲି ଏଭଳି ବଡ ବଡ କରି କହିବା, ଯିଏ ମୋର ଶତ୍ରୁଥିଲା ତାକୁ ମାରିଦେଲି ଆଉ ଯିଏ ମୋତେ କଣ କହିବ ତାକୁ ମାରିଦେବି ଏଭଳି କହିବା, ନିଜକୁ ସମାଜର ସ୍ୱାମୀ ଭାବିବା, ବଳବାନ ଭାବିବା ଇତ୍ୟାଦି ସାମାଜିକ ଦ୍ରୋହ ହିଁ ଅଟେ। ଗୁରୁଦେବ ସ୍ୱାମୀ ଶ୍ରୀ ଚିଦାନନ୍ଦଜୀ ମହାରାଜ କୁହନ୍ତି ଆଜି ସିକନ୍ଦର କାହିଁ ? ଜିନ୍ନା ଓ ଗାନ୍ଧୀ କାହାନ୍ତି ? ନେପୋଲିୟନ ହିଟଲର କାହାନ୍ତି ? ତେବେ ସମୟର ଏକ ତୋଫାନ ଆସେ ବଡ ବଡ ରାଜା ମହାରାଜାଙ୍କର ନାମ ନିଶାନ ଲିଭାଇ ଦିଏ। ସମସ୍ତଙ୍କୁ ଗୋଟିଏ ସ୍ଥାନକୁ ଗଢ଼ି। ଶେଷରେ ପାଞ୍ଚମିଟର କପଡାରେ ଗୁଡାଇ ମଶାଣିରେ ଜଳିବାର ଅଛି। ତେବେ ଅହଂକାର କ'ଣ ପାଇଁ ? ଦ୍ରୋହ କ'ଣ ପାଇଁ ?

(କ୍ରମଶଃ)



ମାଟିମନସ୍କ କଥକତା, ସ୍ମୃତି ସଜଳ କାହାଣୀ ଅବତାରଣା, ବଳିଷ୍ଠ କାହାଣୀ ଧର୍ମିତା, ଚମତ୍କାର ଉପମାଯୁକ୍ତ ଭାଷା ବିନ୍ୟାସ ତଥା ଅପୂର୍ବ କ୍ଷୀରୋଦୀୟ ଶୈଳୀରେ ଲିଖିତ ଗାଳ୍ପିକ, ଔପନ୍ୟାସିକ କ୍ଷୀରୋଦ ଦାସଙ୍କ ଗଳ୍ପ ଓ ଉପନ୍ୟାସ ଅଗଣିତ ପାଠକମାନଙ୍କୁ ମୋହାବିଷ୍ଟ ତଥା ମନ୍ତ୍ରମୁଗ୍ଧ କରିବା ସହିତ ଏକ ଅନନ୍ୟ ଉପଲବ୍ଧିରେ ବିଗଳିତ କରିପକାଇବାର ସାମର୍ଥ୍ୟ ବହନ କରେ। ସଦା ସୃଜନମଗ୍ନ ଏଇ ଔପନ୍ୟାସିକଙ୍କର ପ୍ରତିଟି ସୃଷ୍ଟିରେ ଭରି ରହିଛି ଜୀବନ ପାଇଁ ଅସୀମ ଶ୍ରଦ୍ଧା ଓ ଭୁଷୁଡ଼ି ପଡୁଥିବା ସମ୍ପର୍କ ଏବଂ ମୂଲ୍ୟବୋଧ ପାଇଁ ଆଞ୍ଜୁଳା ଆଞ୍ଜୁଳା ଆହାପଣ। 'ସମ୍ପର୍କର ସୂତାଖିଅ' ଉପନ୍ୟାସ ତାଙ୍କର ଏକ ସାର୍ଥକ ସୃଷ୍ଟି, ଯାହା ପାଠକମାନଙ୍କୁ ଚମତ୍କୃତ କରିବ ବୋଲି ଆମର ବିଶ୍ୱାସ।

କ୍ଷୀରୋଦ ଦାସ

ଭାଗ-୩୮

# ସମ୍ପର୍କର ସୂତାଖିଅ

ଅପ୍ରତିଭ ହେଲା ମମତା। କଣ୍ଡକ୍ଟରକୁ ଡାକି ଧୀରେ ପଚାରିଲା ଶାରଳା ମନ୍ଦିର କେଉଁ ଛକ?

ଓ ଶାରଳା ରୋଡ୍ ଯିବେ? - କଣ୍ଡକ୍ଟର ଟିକେଟ୍ କାଟିବାକୁ ଉଦ୍ୟତ ହେଲା।

-ନା, ତା'ପର!

-କଲେଜ ଛକ?

-ନା, ତା'ପର!

-ଜୟପୁର ବଜାର?

-ମୁଣ୍ଡ ହଲାଇଲା ମତା ନାହିଁର ସୂଚନା ଦେଇ।

-ଥାନାଗଡା?

-ନା...ନା...

-ତାରପୁର ବଜାର?

-ନା

-ଫିଲ୍ଡହଲ୍ ଛକ?

-ନା।

ରଘୁନାଥପୁର ବଜାର?

ମିଳିଗଲା ଇପ୍ସିତ ସ୍ଥାନର ଠିକଣା। 'ହଁ' ବୋଲି ଶବ୍ଦଟେ ତା' ପାଟିରୁ ଶୁଣି ଚାରି ଛ'ଜଣ ଲୋକ ଏପରି ବୁଲି ଚାହିଁଲେ ଯେ ଆଉ କେଉଁ ସମୟ ହୋଇଥିଲେ ଲାଜରେ ସଢ଼ି ଯାଇଥାନ୍ତା ମମତା।

ହେଲେ ବର୍ତ୍ତମାନର କଥା ନିଆରା। ସମ୍ପୂର୍ଣ୍ଣ ଅଲଗା। ଆଶ୍ଚର୍ଯ୍ୟ ମିଶା ହସ ଧାରେ କଣ୍ଡକ୍ଟରର ଓଠଧାରରେ ଉଙ୍କିମାରି ମିଳାଇଯିବା ପୂର୍ବରୁ ଟିକେଟ୍ କାଟି ସେ ଅନ୍ୟ ଯାତ୍ରୀମାନଙ୍କ ପାଖକୁ ଆଗେଇ ଗଲା।

ବସ୍ ଭିତରେ ପ୍ରଚୁର ଭିଡ। ତା ବାମ ପାଖକୁ ବସିଥିଲେ ସ୍ୱାମୀ ସ୍ତ୍ରୀ ଦୁଇଜଣ। ଅଧା ଅବଗୁଣ୍ଠନବତୀ ସ୍ତ୍ରୀ ଲୋକଟିର କୋଳରେ ସାତ ଆଠ ମାସର କୁନି ପିଲାଟାଏ। ପୁଅଟିଏ କି ଝିଅଟିଏ କେଜାଣି? ସ୍ତ୍ରୀ ଲୋକଟିର ହାତରେ ପାଣିକାଚ, ଶଙ୍ଖା ଓ ସୁନାକାଚ ହୋଇ ମେଞ୍ଚାଏ। ବେକରେ ଚେନ୍‌ଟିଏ। ସିନ୍ଥିରେ ସିନ୍ଦୁର। ମୁହଁରେ ସାରା ପୃଥିବୀର ସୁଖ ହାତ ମୁଠାରେ ଥିବା ଭଳି ପ୍ରସନ୍ନ ବିଭୋରପଣ। ମମତା ଅନୁମାନ କଲା, ଦୁଇବର୍ଷ ପାଖାପାଖି ହୋଇଥିବ ବୋଧହୁଏ ସେମାନଙ୍କର ବାହାଘର।

ହସ ହସ ଲଜ୍ୟାବନତ ମୁହଁରେ ଧୀରେ ଧୀରେ କଣ୍ଠରେ ସେ କଥା ହେଉଥିଲା ତା ସ୍ୱାମୀ ସହିତ। ବ୍ୟାଗ୍ ଭିତରୁ ସେଓଟିଏ ବାହାର କରି ତାକୁ ଦୁଇଫାଳ କଲେ ସ୍ୱାମୀ ଜଣକ ଏବଂ ଖଣ୍ଡେ ବଢ଼ାଇ ଦେଲେ ସ୍ତ୍ରୀ ଆଡକୁ। ଆଃ କି ସୁନ୍ଦର ଯୋଡ଼ି! ସ୍ତ୍ରୀ ଲୋକଟି ପ୍ରତି ତା' ମନ ଭିତରର କେଉଁ ଗଳିରେ ଇର୍ଷାର କଣ୍ଟାଟିଏ ଫୋଡି ହୋଇ ରୁକ୍‌ରୁକ୍ କରି ଉଠିଲା। ପରେ ପରେ ଦୁଃଖର, ଅନୁଶୋଚନାର ପାହାଡ ତଳେ ଚାପିହୋଇ ଯାଉ ଯାଉ ମମତା ଶୁଣିଲା ସ୍ତ୍ରୀ ଲୋକଟିର କୋଳର ପିଲାଟି ଖୁବ୍ ଜୋର୍‌ରେ କାନ୍ଦି ଉଠୁଛି।

ବ୍ୟସ୍ତ ହୋଇପଡ଼ି ସ୍ତ୍ରୀ ଲୋକଟି ପିଲାଟିକୁ ଆହୁରି ଛାତି ଭିତରକୁ ଟାଣିନେଲା ଏବଂ ଲୁଗା ଆଡୁଆଳ କରି, ବ୍ଲାଉଜର ବୋତାମ୍ ଖୋଲି ନିଜ ସ୍ତନରେ ଗୁଞ୍ଜିଦେଲା ପିଲାଟିର ମୁହଁକୁ।

ନାହିଁନଥିବା ଏକ ଶିହରଣ ମମତାର ସର୍ବାଙ୍ଗରେ ଝିମ୍‌ଝିମ୍ କରି ଉଠିଲା। ନଖାଗ୍ରରୁ କେଶାଗ୍ର ପର୍ଯ୍ୟନ୍ତ ଶିତେଇ ଉଠିଲା। ତା' ଆଖି ସାମ୍ନାରେ ସଂଘଟିତ ହେଉଥିଲା ଅତିନ୍ଦ୍ରୀୟ ଦୃଶ୍ୟଟିଏ। ଏ ଦୃଶ୍ୟ ତୁଳନାରେ ପୃଥିବୀର ସବୁ ଦୃଶ୍ୟ ତୁଚ୍ଛ। ଏ ଅନୁଭବ ତୁଳନାରେ ବୋଧହୁଏ ଅନ୍ୟ ସମସ୍ତ ଅନୁଭବ ମୂଲ୍ୟହୀନ। ଏଇ ଟିକିଏ ପ୍ରାପ୍ତି ହିଁ ଜୀବନର ସର୍ବଶ୍ରେଷ୍ଠ ପ୍ରାପ୍ତି। ଏଇ ମୁହୂର୍ତ୍ତ ହିଁ ଜୀବନର ସର୍ବଶ୍ରେଷ୍ଠ ମୁହୂର୍ତ୍ତ। ଏହାହିଁ ସବୁ ତପସ୍ୟାର ତଥାସ୍ତୁ।

ଆଃ... ଏଭଳି ଅନନ୍ୟ ଅନୁଭବଟିଏ ପାଇଁ ତାକୁ ଆଉ କେତେ ଜନ୍ମ ଦରକାର? -କରୁଣ ବ୍ୟାକୁଳତା ମାଡିଯାଇଥିଲା ତା' ଛାତିରେ। କେତେ ଅୟୁତ ବର୍ଷ ଦରକାର ଜଣେ ସ୍ତ୍ରୀ ହେବା ପାଇଁ? କେତେ ଅର୍ବୁଦ ବର୍ଷ ଦରକାର ଜଣେ ମା' ହେବା ପାଇଁ? ଚିନ୍ତା ନାହିଁ। ଏଭଳି ଏକ ଅପୂର୍ବ ଅନୁଭବକୁ ଅଙ୍ଗେ ନିଭାଇବା ପାଇଁ ଧୂଳିମାଟିର ଏ ଦୁଃଖଦ ପୃଥିବୀରେ କୋଟି କୋଟି ଥର ଜନ୍ମ ହେବା ପାଇଁ ତା'ର ଆପତ୍ତି ନାହିଁ। ତା'ର ଦରକାର, ସେ ହେବ ଜଣେ ବୋହୂ, ଥୁରୁଥୁରୁ ଗୋଟେ ଶାଶୂବୁଢ଼ୀର। ସେ ହେବ ସ୍ତ୍ରୀ, ପାଞ୍ଚ ଫୁଟ ଦଶଇଞ୍ଚର ଜଣେ ପୁରୁଷର। ସେ ହେ 'ମା', ଡଉଲ ଡାଉଲ ଗୋଟେ ଛୁଆର।

ଭାବନା ଅପସରି ଗଲା। କଳା ମେ ସୂର୍ଯ୍ୟକୁ ଢାଙ୍କି ପକାଇବା ପରି ଗାଢ଼ ଦୁଃଖଟେ ଢାଙ୍କି ପକାଇଲା ମମତାକୁ। ସୁରେନ୍ଦ୍ରକୁ ସେ ପାଇବ ତା ଗାଁ'ରେ? ଯଦି ପାଏ, ତାକୁ କେମିତି ଗ୍ରହଣ କରିବ ସେ? ଯେଉଁ ସ୍ତ୍ରୀ ତା' ସ୍ୱାମୀଙ୍କୁ ଚାପୁଡା ମାରିପାରେ, ଯେଉଁ ସ୍ତ୍ରୀ ଶଶୁରଙ୍କ ପାଇଁ ଶୁଦ୍ଧି ହୁଏନା, ଯେଉଁ ସ୍ତ୍ରୀ ଶାଶୁ ଶଶୂର ସ୍ୱାମୀ ନଣନ୍ଦଙ୍କୁ ଜୀବନରେ ଟିକିଏ ବି ମମତା ଦେଇପାରେନା, ସେଭଳି ସ୍ତ୍ରୀ କ'ଣ ଆଶା କରିପାରେ ତା' ସ୍ୱାମୀଠାରୁ?

ଭାବନାର ବୁଢ଼ୀଆଣି ଜାଲରେ ଛନ୍ଦି ହୋଇ ପଡୁଥିବା ବେଳେ ହେଲ୍‌ପର ଟୋକାଟା ଡାକ ପକାଇଲା- ରଘୁନାଥପୁର ....ରଘୁନାଥପୁର....

ଏକମାତ୍ର ଆଟାଚ୍‌ଟିକୁ ହାତରେ ଧରି ମମତା ଓହ୍ଲାଇ ପଡିଲା ବସ୍ ଭିତରୁ।

ସେଦିନ କେଉଁ ଦୁଃଖରେ କେଜାଣି ଆକାଶଟା ଗୁମୁରି ଗୁମୁରି କାନ୍ଦୁଥିଲା।

ଟପ୍‌ଟପ୍ ଲୁହ ତା' ଆଖିରୁ ଖସିପଡି ତିନ୍ତାଉଥିଲା ପୃଥିବୀର ଛାତିକୁ। ଆକାଶର ଦୁଃଖରେ ଅଭିଭୂତ ହୋଇ ପବନ ବି ଥୟ ଧରି ବସି ପାରୁନଥିଲା ଗୋଟିଏ ସ୍ଥାନରେ। ଅସ୍ଥିର ହେଉଥିଲା। ରଘୁନାଥପୁର ବଜାରର ଅଧିକାଂଶ ଦୋକାନ ବଜାର ବନ୍ଦ। ବିଜୁଳି ଆଲୁଅ ନଥିଲା। ରାତି ଆଠଟା ଦଶ ମିନିଟ୍ ଲାଗୁଥିଲା ଅର୍ଦ୍ଧରାତ୍ରି ଭଳି।

କୁଆଡେ ଯିବେ?-ଗରାଖର ଆଶାରେ ମେଘ ପବନକୁ ବରଦାସ୍ତ କରି ତଥାପି ବସି ରହିଥିବା ଏକମାତ୍ର ଅଟୋ ଡ୍ରାଇଭର୍ ଜଣକ ତା' ପାଖକୁ ଆସି ପଚାରିଲା।

କ'ଣ ତ ସେ ଗା' ନାଁ'? ମନେମନେ ହେଜିହେଲା ମମତା- କ...ରେ ଆରମ୍ଭ... ନା... ବ..ରେ ଆରମ୍ଭ... ନାନା ପ..ପ...ପା..

ପାଟପୁର? -ଅଟୋ ଡ୍ରାଇଭର ପଚାରିଲା।

ରାସ୍ତାଟିଏ ସହସା ଦିଶିଗଲା ଆଖି ସାମ୍ନାରେ। ଅନ୍ଧାକାର ଦୂରେଇ ଉଜ୍ଜ୍ୱଳ ଆଲୋକର ସୁସଜ୍ଜିତ ରାସ୍ତାଟିଏ। ସେ ରାସ୍ତାର ଡାହାଣ ପାଖରେ ତାଳତମାଳ ଘେରା, ଗଛପତ୍ର ଆଚ୍ଛାଦିତ ସବୁଜ ଗାଁ' ଟିଏ। ସେ ଗାଁ', ଶେଷ ମୁଣ୍ଡରେ ନଡାଛପର ଘରଟିଏ। ସେ ଘର ହେଉଛି ତା ଶାଶୁଘର।

ସରୁ, ଅଣଓସାରିଆ, ଖାଲଢ଼ିପ ସମ୍ବଳିତ ରାସ୍ତା ଉପରେ ଢ଼ିପେଇ ଢିପେଇ ଚାଲିଥିଲା ଅଟୋରିକ୍ସା। ଦୁଇପାଖରେ ବିଲଜମି, ତା'ର ବିପୁଳ ସବୁଜିମା ହଜିଯାଇଥିଲା ଜୀବନ୍ତ ଅନ୍ଧକାର ଭିତରେ। ଶୁଭୁଥିଲା ବେଙ୍ଗ ଓ ଝିଙ୍କାରୀମାନଙ୍କର ହର୍ଷୋଲ୍ଲାସ। କୁଣ୍ଡା ଝରିବା ପରି ବର୍ଷା ଓ ସୁଲୁସୁଲିଆ ପବନ ଚେତାବନୀ ଶୁଣାଉ ଥିଲା ଯେ ଯୁଆଡେ ଅଛ ପଳାଇ ଯାଅ ନିଜ ନିଜ ଘରକୁ। ରାତିରେ ଆହୁରି କାନ୍ଦିବ ଆକାଶ, ଆହୁରି ଅମାନିଆ ହେବ ପବନ, ଆହୁରି ନିଷ୍ପେସିତ ହେବ ବସୁଧା।

ଖତେଇ ହେବା ଭଳି ରହି ରହି ବିଜୁଳିଟାଏ ମାରିଦେଉଥିଲା।

(କ୍ରମଶଃ)

# ହେମନ୍ତ ସକାଳ



## ରାହାସ କୁମାର ବେହେରା



ସମ୍ପର୍କର ମିଠା ମିଠା ଭାଷା
କଅଁଳ ଫୁଲର ଛନଛନ ହସରେ
ଆଜି ବେଶ ମନୋରମ
ପ୍ରକୃତିର ପାନ୍ଥ ନିବାସେ ଲୁଚକାଳି ଖେଳେ
ଭାବନାର ପ୍ରଜାପତି ଝାଡି ଦୁଇ ଡେଣା।
କେମିତି ସେ ପ୍ରଥମ ଓଦାପଣ
କାକରର ମୋହ
ଦେହ ଭିଜିଯାଏ ମଜିଯାଏ ସ୍ୱପ୍ନର ତାଜମହଲ
ସୂର୍ଯ୍ୟର ପହିଲି ସୁନେଲି କିରଣେ
ଲମ୍ବା ରାତିପାହି ସକାଳ ଆସିଲେ
ମନର ସୁସ୍ଥ ଦରଜା ସେପାଖେ।
ବହୁଦୂରେ ବଗୁଲା, ବଗୁଲୀ
ଖଣ୍ଡ ଖଣ୍ଡ ମେଘର ମେଳଣ
ଖୁଲି ଖୁଲି ହୃଦୟ ଖୋଲା ଚାହାଣିକୁ
କାଶତଣ୍ଡୀର ମଧୁର ମିଳନେ
ସୁଲୁ ସୁଲୁ ଶୀତଳ ପବନର ଅବୁଝାପଣ
ବାରିହୁଏ ବୁକୁତଳେ
ଯେତେ ସବୁ ଦୁଷ୍ଟାମି କାରଣ।
ଝରୁଛି ଝରା ପତ୍ର
ଖୋଜୁଛି ଏତେ ଟିକେ ଉଷୁମ ଆସ୍ତରଣ
ଦୁଇଟି ହୃଦୟ, ଦୁଇଟି ପ୍ରାଣ ଯେଣୁ ଏକାକାର
ଭଲପାଇବାର ଅପୂର୍ବ ପର୍ବରେ
ଯେମିତି ଫୁଟିଛି ହେମନ୍ତର
ନାଳିମାର ଓଠ ଧାରେ କାହା ପାଇଁ କଇଁ / ପଦ୍ମ।
ପଥ ପ୍ରାନ୍ତେ ଚଷାପୁଅ
ଫଳେଇ ଦେଇଛି ସୁନାର ଫସଲ
ନୀଳସାଗର, ପାଖ ଗାଡିଆର ସଫା ଜଳ
ଚିନ୍ତା ଓ ଚେତନା ମଣିଷର ଭାବାବେଗ
ପରିବେଶ ନିହାତି ନିଜର
ପିନ୍ଧୁଛି ଦେଖ କି'ସୁନ୍ଦର ଏବେ ମୁକୁତାର ହାର।

*ବାଲ୍ୟମ୍ବା, ଭାପୁର, ଢେଙ୍କାନାଳ*
*ଦୂରଭାଷ : ୯୪୩୮୧୧୪୩୬୮*

# ସୃଷ୍ଟି ଓ ସ୍ରଷ୍ଟା

## ବର୍ଣ୍ଣାଳୀ



***କବି : ଅନିତା ରାୟ***
***ପ୍ରକାଶକ : ମାୟା ପବ୍ଲିକେଶନ, କଟକ***
***ମୂଲ୍ୟ : ୧୨୫ ଟଙ୍କା , ପୃଷ୍ଠା : ୧୧୨***

ସାଂସାରିକ ଜୀବନରେ ପରିବାର ଜଞ୍ଜାଳ ଓ ସୁଗୃହିଣୀ ହେବାର ଦାୟିତ୍ୱ ଭିତରେ କବିତା ଲେଖିବାର ନିଶା ସତରେ ଭିନ୍ନ। କଲେଜ ଜୀବନରୁ ଅନିତା କବିତାର ମୋହରେ ଛନ୍ଦି ହୋଇପଡିଥିଲେ। ନିକଟରେ ପ୍ରକାଶିତ କବିତା ପୁସ୍ତକ 'ବର୍ଣ୍ଣାଳୀ' ତାଙ୍କର ଦ୍ୱିତୀୟ କବିତା ସଂକଳନ। ଏଥିରେ ସନ୍ନିବେଷିତ ହୋଇଥିବା କବିତା ଗୁଡିକ ନିତିପ୍ରତି ଘଟୁଥିବା ସମାଜର ନିଚ୍ଛକ କାହାଣୀ ଭଳି। ଯେଉଁଥିରେ ଜୀବନର ରଙ୍ଗ ଓ ଯନ୍ତ୍ରଣା ଭରି ରହିଛି। କେବେ ବର୍ଷାର ଶବ୍ଦଟିଏ ହୋଇ ଆସିଛି କବିତା ତ ଆଉ କେବେ ଆଲିଙ୍ଗନରେ ଭରି ଦେଇଛି ହୃଦୟ। ବେଳେବେଳେ ଜରାଜୀର୍ଣ୍ଣ ଜୀବନର ଛବିଟିଏ ଭଳି ଶୂନ୍ୟସ୍ଥାନ ସୃଷ୍ଟି କରିଛି ବର୍ଣ୍ଣାଳୀ। ଚେତନା, ବନ୍ଧୁତ୍ୱ, ଚଲାପଥ, ଯୌବନ ଓ ପ୍ରେମକୁ ନେଇ ଉଦ୍‌ଭାସିତ ହୋଇଉଠିଛି କବିତାର ପଂକ୍ତି। ଗୁମସୁମ୍ ଜହ୍ନ ରାତିରେ ଝରକା ମୋର ଖୋଲାଥାଉ ଭଳି ଅନନ୍ୟ ଉପମାରେ ନିଜ ଅନୁଭବକୁ ସାବ୍ୟସ୍ତ କରିଛନ୍ତି କବି। ତାହାରି ଭିତରେ କିଛି ସ୍ମୃତି, ପ୍ରଣୟ ଓ ନିରବତା ସ୍ଥାନ ପାଇଛି। ପରିଚିତ ପୃଥିବୀରେ ଲଜ୍ଜାର ଆବରଣ, ଅମାନିଆ ଭ୍ରମରର ଶିହରଣ ମୁକୁଳା ଆକାଶ ତଳେ କବିଙ୍କୁ ବିବଶ ବି କରିଛି। ଅଭିମାନକୁ ନେଇ ଘର ସଂସାର। ସାରା ଦିନର ପରିଶ୍ରମ ପାହାଡ ଲଦିଲା ପରି ମୁଣ୍ଡରେ ଲଦି ହୋଇଛି ତ ସେ ଭିତରେ ସୁଖ ଓ ଦୁଃଖର ଫେଣ୍ଟାଫେଣ୍ଟି ଅନୁଭବକୁ ସାଇତି ରଖି ଆଗକୁ ବାଟ ଚାଲିବାର ଦମ୍ଭ ଦେଖାଇବା ସହଜ ହୋଇନଥିଲେ ମଧ ଛାତିର ଦରଜ ସବୁକୁ ପଛ କରି କେମିତି କେମିତି ଉଷ୍ମ ଅନୁଭବର ଆବେଗକୁ ନେଇ ବଞ୍ଚି ହେବ 'ବର୍ଣ୍ଣାଳୀ'ରେ ତାହାହିଁ ସ୍ଥାନ ପାଇଛି। 'ପରଶ' କବିତାରେ କବି ଲେଖିଛନ୍ତି – ଜଟିଳ ଗଣିତ ତମେ / ମୋ ଅର୍ଦ୍ଧାଙ୍ଗ ଜୀବନରେ / ମୁଁ ବି କରୁଛି ସମାଧାନ / ଅତି ଲାଗେ କଠି। ସେହିଭଳି 'ସ୍ନିଗ୍ଧତା' କବିତାରେ ସିକ୍ତ ଅଦୃଶ୍ୟର ଝରଣାଟିଏ ପରି / ମୁଁ ପରା ଚଞ୍ଚଳିକା ସାଧବ ବୋହୂଟିଏ / ଏମିତି ପ୍ରତ୍ୟୟ ପ୍ରୀତିମୟ / କିଏ ସେହି ଯାଦୁକର / ଶୂନ୍ୟ ଦିଗନ୍ତ ଭିତରେ ମୋତେ ପୁଣି ତୋଳିଦେଲା। 'ମନକଥା'ରେ ପ୍ରତିଟି ସ୍ପନ୍ଦନେ ପ୍ରତି ନିଃଶ୍ୱାସରେ / ପ୍ରତି ଅନୁଭବେ କିଏ / ଅଧୁରା ସେ ବୋଧେ ଶିହରଣ ବିନ୍ଦୁ / ସଂଜ୍ଞାହୀନ ପଦଟିଏ। ଅନେକ ରୋମାଞ୍ଚକର ଶବ୍ଦ ଭରି ରହିଥିବା 'ବର୍ଣ୍ଣାଳୀ'ରେ ଅନିତାଙ୍କ ଶବ୍ଦ ଗୁଡିକ ବେଶ୍ ମାର୍ମିକ ଓ ହୃଦୟସ୍ପର୍ଶୀ। ଯେମିତି 'ଶବ୍ଦଟିଏ' କବିତାରେ ସେ ଲେଖିଛନ୍ତି – ତୁମେ ଆସୁଥିବ ଶବ୍ଦ ହୋଇ ଟିକେ / ମିଳନରୁ ତୃପ୍ତି ଯାଏ / ସୃଷ୍ଟି କରିଦେବ ଜହ୍ନର ପିଠିରେ / ବେଦନାର ସ୍ୱରଟିଏ।

ଡିଜିଟାଲ ଯୁଗରେ ହାତଲେଖା ଚିଠି ପ୍ରତି ବିଶ୍ୱାସ ରଖିଥିବା ଅନିତାଙ୍କ ସୁନ୍ଦର ଚିଠି ପାଇଁ କେହି ନା କେହି ଚାହିଁ ରହିଥିବାରେ ଭରସା ରଖିଛନ୍ତି। ଅସଜଡା ଅକ୍ଷରକୁ ସଜାଡୁ ସଜାଡୁ କେବେ ଜୀବନ ହସଖୁସିରେ ଭରିଯାଇଛି ତ ଆଉ କେବେ ଯନ୍ତ୍ରଣା ଜର୍ଜରିତ ହୋଇଉଠିଛି। ତାହାରି ଭିତରେ ହାତ ପାପୁଲିରେ ଆଖିର ଲୁହ ଟୋପାକୁ ପୋଛି ସର୍ଜନଶୀଳ ମଣିଷ ଭାବ ପ୍ରକଟ କରିବା ପାଇଁ ମୋବାଇଲର ସାହାରା ନେଉଛନ୍ତି। ତେଣୁ କବିତା ଗୁଡିକ ନିଶ୍ଚିତ ଭାବେ ସୁଖପାଠ୍ୟ।

# ଅନ୍ତଃହୀନ ଅନ୍ୱେଷଣ

## ବିନୟ ଭୂଷଣ ପାଣିଗ୍ରାହୀ



ଏଇଠି ଆମ ଗହଣରେ
ଉପରକୁ ଠିକ୍ ଆମ ପରି ବଞ୍ଚୁଥିବା
ଏମିତି କାହିଁ କେତେଲୋକ
ଖୋଜୁଥାନ୍ତି ଅନବରତ
ଅବ୍ୟକ୍ତ ଅନେକ ପ୍ରଶ୍ନର ଉତ୍ତର
ନୀରବରେ ନ ଜଣାଇ ନିଜେବି ନିଜକୁ।
ଆମ ଏଇ ଦୁନିଆ ଭିତରେ
ମହୁମାଛି ଫେଣା ପରି
ସେମାନଙ୍କ ନିଜ ଦୁନିଆରେ
ନିର୍ବିକାରେ ଭୋଗନ୍ତି ସେମାନେ
ନିଜନିଜ ଭାଗର ଦୁଃଖକୁ
ପଥୁରିଆ ଛାତିରେ ଜଡାଇ।

କେହି କେହି ଖୋଜୁଥାନ୍ତି
ସହରର ସେହି ସ୍ଥାନ ସବୁ
ପ୍ରଥମେ ଯେଉଁଠୁ
ଦୁନିଆକୁ ଶୁଭିଥିଲା
ସେମାନଙ୍କ କୁଆଁକୁଆଁ ଶବ୍ଦ
ଗଲାଆଇଲା ଲୋକେ
ଘୃଣାରେ ଟେକିଥିଲେ ନାକ
ପାପର ସନ୍ତକ କହି।




ଆଉ କିଛି ଖୋଜୁଥାନ୍ତି ଏମିତି କିଛି
ଯାହା ଆଦୌ ଖୋଜିବା ଜରୁରୀ ନୁହେଁ
ତମ ଆମପାରି ଅନେକଙ୍କ ପାଇଁ
ଅଥଚ,
ସବୁଠୁଁ ଜରୁରୀ ସେମାନଙ୍କ ପାଇଁ;
କିଏ ସେହି ମହାନ ପୁରୁଷଗଣ
ଯୋଉମାନେ ଅନ୍ଧାରରେ ଶୁକ୍ର ଫିଙ୍ଗିଦେଇ
ବିସ୍ମରି ଯାଇଛନ୍ତି।
ସେବୁ ଭୃଣର ଭୁତ ଭବିଷ୍ୟତ
ଆଉ, ସେହି ମହିୟସୀ ମା'ମାନେ,
ଯେଉଁମାନେ ଦୁନିଆର ଆଖି ଆଢୁଆଳେ
ପାଳିଥା'ନ୍ତି ସାତ-ଆଠ ମାସ,
କେବେକେବେ ପୁରା ନଅ ମାସ
ସ୍ୱଗର୍ଭରେ ନାଚାରପଣରେ
ଜନ୍ମ ମଧ ଦେଇଥାନ୍ତି ବାଧହୋଇ
ମୁକ୍ତି ଲଭିବା ପାଇଁ
ଭାଲୁପରି ଜାବୁଡି ଧରିଥିବା
କ୍ଷଣିକ ସୁଖରୁ ପ୍ରାପ୍ତ ପାପ କବଳରୁ।
ମା'କଇଁଛ ଅଣ୍ଡା ଦେବା ପରେ
ଥରୁଟିଏ ପଛକୁ ନ ଚାହିଁ
ଗଭୀର ସମୁଦ୍ରରେ ହଜିଗଲା ପରି
ହଜେଇ ଦେଇଥାନ୍ତି ନିଜକୁ ସେମାନେ
ଏକାପରି ଦିଶୁଥିବା ନାରୀ ସମାଜରେ।
ସେମାନେବି ଭୁଲି ଯାଇଥାନ୍ତି;
ଏମିତିବି କେହି ଥିବେ ଦୁନିଆ ଭିତରେ
ଯେଉଁମାନେ ଖୋଜୁଥିବେ ତାଙ୍କୁ
ମା'ବୋଲି ଡାକିବାକୁ ଥରେ,
ଥରୁଟିଏ ଲଭିବାକୁ ଥରେ,
ଥରୁଟିଏ ଲଭିବାକୁ ହାତର ପରଶ,
ଛୁଇଁବାକୁ ଦି'ହାତରେ
ନିଦାରୁଣ ସେ ଛାତିର ସ୍ୱର୍ଗକୁ
ଯାହା କେବେ ହୋଇଥିଲା
ପାଷାଣଠୁ ଅଧିକ ନିଷ୍ଠୁର,
ନିର୍ବାସିତ କରିଥିଲା ତାଙ୍କୁ
ସ୍ୱାଭାବିକ ଜନ୍ମରୁ,
ନ୍ୟାଯ୍ୟ ସ୍ନେହମମତାରୁ,
ସ୍ମୃତିରୁ, ସ୍ୱପ୍ନରୁ, ସମଗ୍ର ସୃଷ୍ଟିରୁ
ଦୁନିଆ ଆଖିର ନର୍କକୁ।
ନିରନ୍ତର ପ୍ରକ୍ରୀୟାଟେ ପରି
ତାଙ୍କର ଏ ଖୋଜିବା ସରେନା
ସରିଯାଏ ଜୀବଦ୍ଦଶା,
ଉତ୍ତର ମିଳିବା ତ ଦୂର
ପ୍ରଶ୍ନ ସବୁ ଛନ୍ଦିହେଲେ ଲମ୍ବି ଯାଉଥାନ୍ତି
ପିଢ଼ିରୁ ପିଢ଼ିକୁ।

*ହରସିଂହପୁର, ପୀରହାଟ ବଜାର, ଭଦ୍ରକ*
*ଦୂରଭାଷ : ୯୯୩୭୫୪୮୪୩୧*

# ଶିଳାନ୍ୟାସ



## ମୂଳ ହିନ୍ଦୀ- ବାଳକୃଷ୍ଣ ଗୁପ୍ତା "ଗୁରୁ"
## ଅନୁକୃତି- ବିନୟ କୁମାର ଦାସ



ପ୍ରଫେସରଙ୍କ ବାପାଙ୍କ ମୃତ୍ୟୁ ଇତି ମଧ୍ୟରେ ଗୋଟିଏ ସପ୍ତାହ ବିତିଗଲାଣି । ହେଲେ ଶ୍ରାଦ୍ଧ କର୍ମରେ ଭୋଜିଭାତ ସଂପର୍କରେ ପ୍ରଫେସର ଏ ଯାଏ ଗାଁ ର ମୁଖିଆ ଆଉ ଗୁରୁଜନସ୍ଥାନୀୟ ବ୍ୟକ୍ତିଙ୍କ ସହିତ କିଛି ଆଲୋଚନା କଲେ ନାହିଁ। ଏ କଥାଟି ସେ ଅଂଚଳର ଚର୍ଚ୍ଚାର ବିଷୟ ପାଲଟି ସାରିଲାଣି । ସମସ୍ତେ ନିଜ ନିଜ ଭିତରେ କିଛି ନା କିଛି ଫୁଟ୍ ଫାଟ୍ ହେଲେଣି । ଶେଷରେ ସେହି ଗ୍ରାମର ପୂର୍ବତନ ମୁଖିଆ ଅନ୍ୟ କିଛି ଗୁରୁଜନସ୍ଥାନୀୟ ବ୍ୟକ୍ତିଙ୍କୁ ସାଂଗରେ ଧରି ପ୍ରଫେସରଙ୍କ ଘରେ ପହଂଚିଗଲେ । ପ୍ରଫେସର ଏମାନଙ୍କ ଅଚାନକ ଆଗମନ ଦେଖି ଆସିବାର କାରଣ ବି ଅନୁମାନ କରିନେଲେ । ସେ ଯଥାବିଧି ସମ୍ମାନ ଜଣାଇ କହିଲେ, "ଆପଣମାନେ ଏତେ କଷ୍ଟ କରି ଆମ ଘରକୁ ଆସିଥିବାରୁ ମୁଁ ଆପଣମାନଙ୍କୁ ମୋର କୃତଜ୍ଞତା ଜଣାଉଛି । ଦୟାକରି ବସନ୍ତୁ ।"

ବସିବା ପରେ ମୁଖିଆ ସିଧା ସଳଖ ପ୍ରସଙ୍ଗ କୁ ଆସିଗଲେ। "ତୁମ ବାପାଙ୍କ ବିୟୋଗରେ ଆମେ ସମସ୍ତେ ଗଭୀରଭାବରେ ମର୍ମାହତ । ସେ ଆମର ପରମ ମିତ୍ର ଥିଲେ । ତାଙ୍କ ଶ୍ରାଦ୍ଧ କର୍ମ କେମିତି କଣ କରାଯିବ, ସେ ସଂକ୍ରାନ୍ତରେ ତୁମେ ତ ବାବୁ ଆମ ସହିତ କିଛି କଥା ହେଲ ନାହିଁ ଆଜିଯାଏ । ହାତରେ ତ ଆଉ ବେଶୀ ଦିନ ନାହିଁ । କେମିତି କଣ ସବୁ ପ୍ରସ୍ତୁତି କଲଣି ସେତକ ଜାଣିବା ପାଇଁ ଆମେ ଚାଲି ଆସିଲୁ। ତେବେ ମୋତେ ଯାହା ଜଣା ଯାଉଛି, ସେ ବାବଦରେ କିଛି ବିଧି ବ୍ୟବସ୍ଥା ବୋଧେ ଆରମ୍ଭ ହୋଇ ନାହିଁ। କଥା କଣ?"

"କିଛି ଆରମ୍ଭ ହୋଇନାହିଁ ବୋଲି ଭାବୁଛନ୍ତି କାହିଁକି? ପ୍ରସ୍ତୁତି ତ ଚାଲିଛି ମୋ ତରଫରୁ । ଏଇ ଯେମିତି କର୍ମକାଣ୍ଡ ବିଧି ଅନୁସାରେ ପୂଜା ପାଠ ତ ନିଶ୍ଚୟ ହେବ । ଆମ ଗୋତ୍ରୀୟ କିଛି ବନ୍ଧୁବାନ୍ଧବଙ୍କୁ ଡାକି ଭୋଜି ଭାତ ର ବ୍ୟବସ୍ଥା କରିସାରିଛି। ଆଉ କଣ?"

ଏତକ ଶୁଣିବା ପରେ ସେମାନଙ୍କ ମଧ୍ୟରୁ ଜଣେ ବୟସ୍କବ୍ୟକ୍ତି ପରମେଶ୍ୱରବାବୁ କହିଲେ, "ରାମ୍ ରାମ୍..ଏ ତୁମେ କଣ କହୁଚ ବାବୁ? ଆରେ ଏମିତି କଣ ବାପାଙ୍କର ଶ୍ରାଦ୍ଧ କରାଯାଏ କି? ଗ୍ରାମରେ ଅନ୍ୟମାନଙ୍କ ଶ୍ରାଦ୍ଧ କେମିତି ପାଳନ କରାଯାଏ , ସେତକ କଣ ତୁମେ ଦେଖୁନ କି? ଜଣେ ଯେତେ ଗରିବ ହେଲେ ବି ନିଜ ବାପପାଙ୍କ ଶ୍ରଦ୍ଧ ଉତ୍ସବ କୁ ମହା ଜାକଜମକରେ ପାଳନ କରିଥାଏ। ଏଇଟା ଏକ ସାଧାରଣ ବିଧି। ତାପରେ ତୁମ ବାପା ତ ଜଣେ ସାଧାରଣ ବ୍ୟକ୍ତି ନ ଥିଲେ। ସେ ଥିଲେ ସମସ୍ତଙ୍କର ଅତି ପ୍ରିୟ । ପ୍ରତି ସନ୍ଧ୍ୟାରେ ସେ ଆମ ସହିତ ଗାଁ ଚା ଦୋକାନରେ ବସି ଚା ପିଉଥିଲେ। କଥା ଛଳରେ ସେ କେତେଥର କହିଛନ୍ତି , ମୋ ଶ୍ରାଦ୍ଧ ଉତ୍ସବ କେମିତି ଜମାଣିଆ ହୋଇ ପାଳନ କରାଯିବ, ତୁମେ ସବୁ ଦେଖିବ ରେ । ଭୋଜି ଭାତ ଏମିତି ହବ ଯେ ଆଖପାଖ ଲୋକେ ସେମିତି ଭୋଜିଭାତ କେବେ ଖାଇ ନଥିବେ। ଆମ ଖାନଦାନ ର ନାମ ରହିଛି ପରା... ସେତକ ମୋ ପୁଅ କେବେ ବି ତଳେ ପକାଇବ ନାହିଁ। ଅଥଚ ତୁମେ କହୁଚ କଣ ନା.."। ପ୍ରଫେସର ସବୁ ଶୁଣିଲେ, ହେଲେ କିଛି କହିଲେ ନାହିଁ। ସେ ନିରବ ରହିବା ଦେଖି ଆଉ ଜଣେ କହିଲେ, "ତୁମ ଦରମା ଏବେ ଅଶୀ ନବେ ହଜାର ଟଙ୍କା କି ଆହୁରି ବେଶୀ । ତୁମ ବାପାଙ୍କ ଆକାଉଂଟ୍ ରେ ବି ଲକ୍ଷଲକ୍ଷ ଟଙ୍କା ଗଚ୍ଛିତ ରହିଥିବ । ଫିକ୍ସ ଡିପୋଜିଟ୍ ବି କାହିଁ ରେ କଣ ଥିବ। ଆଉ ତୁମେ ଏମିତି ନିରାଡମ୍ବର ଭାବରେ...। ଉହୁଁ ..ଏ କଥା ଜମା ଭଲ ନୁହେଁ।"

ଏଥର ମୁହଁ ଖୋଲିଲେ ପ୍ରଫେସର। "ଆପଣମାନେ ସମସ୍ତେ ମୋ ବାପାଙ୍କ ବନ୍ଧୁ। ଆପଣମାନେ ନିଶ୍ଚୟ ଜାଣିଥିବେ, ମୋ ବାପା ଥିଲେ ଜଣେ ପୁସ୍ତକ ପ୍ରେମୀ।"

"ଏ କଥା ଖାଲି କଣ ଆମେ.. ଏ ଅଂଚଳ ସାରା ସମସ୍ତେ ଜାଣିଛନ୍ତି।"

"ତେବେ ଏ କଥା ବି ଜାଣିଥିବେ, ଏଇ ଆମ ପାଂଚଛଅ କୋଶ ଭିତରେ ଗୋଟିଏ ହେଲେ ପୁସ୍ତକାଳୟ ନାହିଁ, ଯେଉଁଠାରେ ବସି ଶ୍ରଦ୍ଧାଳୁ ପାଠକପାଠିକାମାନେ ନିଜ ମନ ମୁତାବକ ବହିଟିଏ ନେଇ ପଢିପାରିବେ। ଛାତ୍ରଛାତ୍ରୀମାନେ ବି ସେମାନଙ୍କର ଦରକାରୀ ବହି ପାଇ ପାରିବେ।"

"ହଁ ସତକଥା। ସେତକ ତ ସରକାର କିଛି କରୁ ନାହାନ୍ତି । ତେବେ ତୁମ ବାପାଙ୍କ ଶ୍ରାଦ୍ଧ ସହିତ ଏ କଥା କହିବାର ଉଦ୍ଦେଶ୍ୟ କଣ? କଣ କହିବାକୁ ଚାହୁଁଚ ତୁମେ?"

"ଏତକି କଥା ବୁଝି ପାରୁ ନାହାନ୍ତି? ତେବେ ଶୁଣନ୍ତୁ, ମୁଁ ବାପାଙ୍କ ନାମରେ ଏକ ବଡ ଧରଣର ପୁସ୍ତକାଳୟ ପ୍ରତିଷ୍ଠା କରିବାକୁ ସ୍ଥିର କରି ସାରିଛି। ଆଉ ଏ ସଂକ୍ରାନ୍ତରେ ମୁଁ ଆପଣମାନଙ୍କର ସଂପୂର୍ଣ୍ଣ ସହଯୋଗ କାମନା କରୁଅଛି ।"

ଅଚାନକ ଯେମିତି ସମସ୍ତଙ୍କ ମୁହଁରେ କେହି ଜଣେ ତାଲା ପକାଇ ଦେଲା। ପ୍ରଫେସର ଏଥର ମୁଖିଆଙ୍କ ଉଦ୍ଦେଶ୍ୟରେ ବ୍ରହ୍ମାସ୍ତ୍ର ଛାଡିଲେ।

"ଆପଣ ତ ଏ ଏରିଆରେ ସବୁଠାରୁ ବୟସ୍କ ବ୍ୟକ୍ତି । ପୁଣି ଆମ ଗ୍ରାମର ପୂର୍ବତନ ମୁଖିଆ। ମୁଁ ଚାହୁଁଚି ଏହି ପ୍ରସ୍ତାବିତ ପୁସ୍ତକାଳୟ ର ଶିଳାନ୍ୟାସ ଶୁଭ କର୍ମ ଆପଣଙ୍କ କରକମଳରେ ହିଁ ସଂପାଦିତ ହେବା ଉଚିତ।"

*ଅନାମିକା ନୀଡ, ଅଂଗାରଗଡିଆ,*
*ବାଲେଶ୍ୱର-୧*
*ଦୂରଭାଷ: ୭୯୭୮୮୬୦୩୬୩*



**ଦୁଇ କେନ୍ଦ୍ରମନ୍ତ୍ରୀଙ୍କ ସହ ମୁଖ୍ୟମନ୍ତ୍ରୀଙ୍କ ଆଲୋଚନା**

# ଶିଳ୍ପକୁ କଞ୍ଚାମାଲ ଯୋଗାଣ ଉପରେ ଗୁରୁତ୍ୱ




**ଭୁବନେଶ୍ୱର :** ଶିଳ୍ପକୁ ନିରବଚ୍ଛିନ୍ନ ଭାବେ କଞ୍ଚାମାଲ ଯୋଗାଣ, ନିଯୁକ୍ତି ତଥା ରାଜ୍ୟ ରାଜସ୍ୱକୁ ସୁରକ୍ଷିତ ରଖିବା ପାଇଁ ଖଣିଜ ସଂସ୍କାର ଉପରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗୁରୁତ୍ୱାରୋପ କରିଛନ୍ତି। ମୁଖ୍ୟମନ୍ତ୍ରୀ ଏ ପ୍ରସଙ୍ଗରେ କେନ୍ଦ୍ର କୋଇଲା, ଖଣି ଓ ସଂସଦୀୟ ବ୍ୟାପାର ମନ୍ତ୍ରୀ ପ୍ରହ୍ଲାଦ ଯୋଶୀ ଓ କେନ୍ଦ୍ର ପେଟ୍ରୋଲିୟମ, ଇସ୍ପାତ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ସହ ଆଲୋଚନା କରିଛନ୍ତି। ସୁପ୍ରିମ୍‌କୋର୍ଟଙ୍କ ନିର୍ଦ୍ଦେଶ ଅନୁଯାୟୀ ଖଣିଜ ବ୍ଲକଗୁଡିକର ନିଲାମ ସଫଳତାର ସହ ନିଲାମ କରିଥିବା ରାଜ୍ୟ ମଧ୍ୟରେ ଓଡ଼ିଶା ପ୍ରଥମ। ଖଣି କାର୍ଯ୍ୟ ଆରମ୍ଭରେ କିଛି ତ୍ରୁଟି ଦେଖାଦେଛି ଯାହା ଉତ୍ପାଦନ ତଥା ପରିବହନରେ ବ୍ୟାଘାତ ସୃଷ୍ଟି କରିଛି। ଫଳରେ ଶିଳ୍ପ ପାଇଁ କଞ୍ଚାମାଲ ସମସ୍ୟା ବୃଦ୍ଧି କରିବା ଓ ମୂଲ୍ୟ ବୃଦ୍ଧିର ଆଶଙ୍କା ରହିଛି। ତେଣୁ ଉତ୍ପାଦନ ଓ ପରିବହନରେ ବ୍ୟାଘାତ ଏବଂ ଅନିଶ୍ଚିତତା ଅବାଞ୍ଛିତ ବୋଲି ମୁଖ୍ୟମନ୍ତ୍ରୀ ଉଲ୍ଲେଖ କରି ଏହାର ଉଚ୍ଚମୂଲ୍ୟ କ୍ଷୁଦ୍ର ଶିଳ୍ପ ଗୁଡିକ ପ୍ରତି ଆହ୍ୱାନ ସୃଷ୍ଟି କରିଛି। ଏହା ରାଜ୍ୟର ରାଜସ୍ୱ ଏବଂ କ୍ଷେତ୍ର ଉପରେ ନିର୍ଭରଶୀଳ ଲୋକଙ୍କ ରୋଜଗାରକୁ ପ୍ରଭାବିତ କରିଛି। ମୁଖ୍ୟମନ୍ତ୍ରୀ ଶ୍ରୀ ପଟ୍ଟନାୟକ ପରାମର୍ଶ ଦେଇଛନ୍ତି ଯେ, ଏଭଳି ଜଟିଳ ମୁହୂର୍ତ୍ତରେ ଶେଷ ଉପଭୋକ୍ତା ଶିଳ୍ପକୁ ଖଣି ଯୋଗାଣ ସ୍ତର ବଜାୟ ରଖିବାରେ ରାଜ୍ୟ ତଥା କେନ୍ଦ୍ରୀୟ ପବ୍ଲିକ ସେକ୍ଟର ଆଣ୍ଡରଟେକିଂ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିପାରିବ। ଖଣିଜ ବଜାରରେ ସେମାନଙ୍କର ଉପସ୍ଥିତି ଯୁକ୍ତିଯୁକ୍ତ ମୂଲ୍ୟରେ ସୁଗମ ଯୋଗାଣ ନିଶ୍ଚିତ କରିବ। ଏହି କ୍ଷେତ୍ରରେ ଏମ୍‌ଏସ୍‌ଏମ୍‌ଇ ସମ୍ମୁଖୀନ ହେଉଥିବା ପ୍ରତିବନ୍ଧକ ମଧ୍ୟ ହ୍ରାସ ପାଇବ। ତେଣୁ ଶିଳ୍ପକୁ ନିରବଚ୍ଛିନ୍ନ କଞ୍ଚାମାଲ ଯୋଗାଣ ସୁନିଶ୍ଚିତ କରିବା ପାଇଁ ସମୟସୀମା ମଧ୍ୟରେ ଖଣିଜ ବ୍ଲକ ଗୁଡିକର ସଂରକ୍ଷଣ ନିମନ୍ତେ ପ୍ରସ୍ତାବ ଦେଇଛନ୍ତି ମୁଖ୍ୟମନ୍ତ୍ରୀ। ଓଡ଼ିଶା ଖଣିଜ କ୍ଷେତ୍ରରେ ସଂସ୍କାର ଏବଂ ପ୍ରକ୍ରିୟାଗୁଡିକର ସରଳତାକୁ ସମର୍ଥନ କରେ ଯାହା ଦେଶର ଖଣିଜ ସମ୍ପଦକୁ ଖୋଲିବାରେ ବହୁ ଦୂର ଯିବ ଏବଂ ଅର୍ଥନୀତିକୁ ବୃଦ୍ଧି କରିବ। ଏହି ଅବସରରେ କୋଇଲା ଓ ଅନ୍ୟ ଖଣିଜ ପଦାର୍ଥର ରାଜଭାଗ ସଂଶୋଧନ ପ୍ରସ୍ତାବ ମଧ୍ୟ ମୁଖ୍ୟମନ୍ତ୍ରୀ ଉଠାଇଛନ୍ତି। ଏହି ସଂଶୋଧନ ୨୦୧୭ ମସିହାରୁ ବିଚାରଧୀନ ରହିଛି। ଏହି ପ୍ରସଙ୍ଗରେ ଶୀଘ୍ର କାର୍ଯ୍ୟାନୁଷ୍ଠାନ ପାଇଁ ମୁଖ୍ୟମନ୍ତ୍ରୀ ଅନୁରୋଧ କରିଛନ୍ତି କାରଣ ଏହା ରାଜ୍ୟ ପାଇଁ ବିଶେଷ ଲାଭଦାୟକ ହେବ। ଏହି ଭର୍ଚୁଆଲ ବୈଠକରେ ଖଣି ମନ୍ତ୍ରୀ ପ୍ରଫୁଲ୍ଲ ମଲ୍ଲିକ, ମୁଖ୍ୟ ସଚିବ, ୟୁନିଅନ କୋଲ ସଚିବ, ମୁଖ୍ୟମନ୍ତ୍ରୀଙ୍କ ସଚିବ (୫-ଟି)ଙ୍କ ସମେତ ସରକାରଙ୍କ ଅନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ।

## ୫୮୮ କୋଟି ଟଙ୍କାର ପୁଞ୍ଜିନିବେଶ

**୩୨୪୫ଙ୍କୁ ନିଯୁକ୍ତି ସୁଯୋଗ**

**ଭୁବନେଶ୍ୱର :** ରାଜ୍ୟରେ କୃଷି ଉତ୍ପାଦ ପ୍ରକ୍ରିୟାକରଣ, ବିହନ ପ୍ରକ୍ରିୟାକରଣ, ସାମୁଦ୍ରିକ ଖାଦ୍ୟ ପ୍ରକ୍ରିୟାକରଣ, ମୋଟରଯାନ, ପର୍ଯ୍ୟଟନ, ଆଇଟି, ହାଲୁକା ଯନ୍ତ୍ରପାତି ନିର୍ମାଣ, ସରଞ୍ଜାମ ନିର୍ମାଣ ଉପରେ ରାଜ୍ୟ ସରକାର ଗୁରୁତ୍ୱ ଦେଇଛନ୍ତି। ଏଭଳି ମୋଟ୍ ୨୮ ଶିଳ୍ପ ପ୍ରକଳ୍ପକୁ ଦ୍ରୁତ ବେଗରେ ଜମି ଯୋଗାଇ ଦିଆଯାଉଛି। ଇଡକୋ ଏହି ଜମି ଦେଉଛି। ପ୍ରକଳ୍ପପାଇଁ ପ୍ରାୟ ୫୮୮ କୋଟି ଟଙ୍କାର ପୁଞ୍ଜି ନିବେଶ ହେଉଥିଲାବେଳେ ୩୨୪୫ ଜଣଙ୍କୁ ପ୍ରତ୍ୟକ୍ଷ ନିଯୁକ୍ତି ସୁଯୋଗ ମିଳିବ। ଲୋକସେବା ଭବନରେ ଉଚ୍ଚସ୍ତରୀୟ ଜମି ଆବଣ୍ଟନ କମିଟି ବୈଠକ ପରେ ଏହି ସୂଚନା ଦେଇଛନ୍ତି ମୁଖ୍ୟ ଶାସନ ସଚିବ ଅସିତ କୁମାର ତ୍ରିପାଠୀ। ସେ କହିଲେ, ପ୍ରକଳ୍ପଗୁଡ଼ିକୁ ଜମି ପ୍ରଦାନ ନିମନ୍ତେ ନୀତିଗତ ଅନୁମୋଦନ ଦିଆଯାଇଛି। ଇଡକୋ ନିର୍ଦ୍ଧାରିତ ସମୟ ଭିତରେ ଏହି ଜମି ଯୋଗାଇ ଦେବ। ରାଜ୍ୟସ୍ତରୀୟ ସିଙ୍ଗଲ ୱିଣ୍ଡୋ ଓ ନୋଡାଲ ବିଭାଗଗୁଡ଼ିକର ମାଧ୍ୟମରେ ଆସିଥିବା ୧୨ଟି ଜିଲ୍ଲା ସ୍ତରୀୟ ସିଙ୍ଗଲ ୱିଣ୍ଡୋ ମାଧ୍ୟମରେ ୧୫ଟି ପୁଞ୍ଜି ନିବେଶ ପ୍ରସ୍ତାବକୁ ଜମି ଆବଣ୍ଟନ ହୋଇଛି। ମୁଖ୍ୟତଃ 'କି-ଓ୍ୱାନ ବିଜିନେସ ହାଉସ'ର ପ୍ରା.ଲିଃର ସାମୁଦ୍ରିକ ଖାଦ୍ୟ ପ୍ରକ୍ରିୟାକରଣ,ଫାଲକନ ସାମୁଦ୍ରିକ ଚିଙ୍ଗୁଡ଼ି ପ୍ରକ୍ରିୟାକରଣ, ଇନଟାକ ଇଣ୍ଡିଆ ଲିଃର ଚିଙ୍ଗୁଡ଼ି ଖାଦ୍ୟ ଉତ୍ପାଦନ ଉଦ୍ୟୋଗ ପାଇଁ ଡେରାସର ସି ଫୁଡ ପାର୍କରେ ଜମି ଦେବା ନିମନ୍ତେ ନିଷ୍ପତ୍ତି ହୋଇଥିଲା। ସେହିପରି ୟୁବିଏନ ସଫ୍ଟୱେୟାର ୟୁନିଟ, ରାଜ୍ୟ ଡାଟା ସେଣ୍ଟର ପାଇଁ ଇନ୍‌ଫୋସିଟି-୨ ଶିଳ୍ପାଞ୍ଚଳ, ବିଶ୍ୱ ଦକ୍ଷତା କେନ୍ଦ୍ର ପାଇଁ ଶିଳ୍ପାଞ୍ଚଳ, ଅଟୋମୋବାଇଲ କ୍ଲଷ୍ଟର ପାଇଁ ଖୋର୍ଦ୍ଧା ଜିଲ୍ଲାର ଅନନ୍ତପୁର ଠାରେ ମିଳିଥିବା ସୁପାରିସ ଅନୁସାରେ ୧୭ଟି ଅଣୁ ଓ ମଧ୍ୟମ ଶିଳ୍ପ ପାଇଁ ଭୁବନେଶ୍ୱର, ଛତାବର, ଖୋର୍ଦ୍ଧା ଖାଦ୍ୟ ପ୍ରକ୍ରିୟାକରଣ ପାର୍କ, ଯାଆଁଳା ଓ ଚନ୍ଦକା ଆଦି ଶିଳ୍ପାଞ୍ଚଳରେ ଜମି ଦେବା ନିମନ୍ତେ ନିଷ୍ପତ୍ତି ହୋଇଛି। ପ୍ରକଳ୍ପଗୁଡ଼ିକୁ ଜମି ଆବଣ୍ଟନ ନିମନ୍ତେ ନୀତିଗତ ଅନୁମୋଦନ ଦେଇ ଇଡକୋ ଦ୍ୱାରା ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ନିର୍ମାଣ କାର୍ଯ୍ୟ ପୂର୍ଣ୍ଣାଙ୍ଗ କରିବାକୁ ମୁଖ୍ୟ ସଚିବ ଶ୍ରୀ ତ୍ରିପାଠୀ ନିର୍ଦ୍ଦେଶ ଦେଇଛନ୍ତି। ରାଜ୍ୟରେ ଇଜ୍ ଅଫ ଡୁଇଙ୍ଗ ବିଜିନେସ୍ ଅନ୍ତର୍ଗତ ୨୮ଟି ପୁଞ୍ଜିନିବେଶ ପ୍ରକଳ୍ପକୁ ଇଡକୋ ମାଧ୍ୟମରେ ରାଜ୍ୟ ସରକାର ଜମି ଯୋଗାଇ ଦେଇଥିବାରୁ ୨୮ଟି ପୁଞ୍ଜିନିବେଶ ପ୍ରକଳ୍ପ ମାଧ୍ୟମରେ ରାଜ୍ୟରେ ୫୮୮କୋଟି ଟଙ୍କାର ନିବେଶ ହେବ। ୩୨୪୫ ଜଣଙ୍କ ପାଇଁ ପ୍ରତ୍ୟକ୍ଷ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ। ଆଗାମୀ ଦିନରେ ଆହୁରି ଅଧିକ ଶିଳ୍ପ କାରଖାନା ଓଡ଼ିଶାକୁ ଆକର୍ଷିତ ହେବେ ବୋଲି ଇଡକୋ ସିଏମଡି ସଂଜୟ ସିଂହ ପ୍ରକାଶ କରିଛନ୍ତି।

## ଡିଜିଟାଲ ଇଣ୍ଡିଆ ଓ ଆତ୍ମନିର୍ଭର ଭାରତର ସ୍ୱପ୍ନ ପୂରଣ ହେବ : ଧର୍ମେନ୍ଦ୍ର

**ନୂଆଦିଲ୍ଲୀ/ଭୁବନେଶ୍ୱର :** ଡିଜିଟାଲ ଇଣ୍ଡିଆ ପଦକ୍ଷେପ ମାଧ୍ୟମରେ ଦେଶରେ ଇ-ଶାସନ ବ୍ୟବସ୍ଥାରେ ସ୍ୱଚ୍ଛତା ଆଣିବା ଏବଂ ନାଗରିକଙ୍କ ଜୀବନକୁ ସୁଗମ କରିବା ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ଭାରତରେ ଡିଜିଟାଲ ସଂଯୋଗକୁ ପ୍ରୋତ୍ସାହନ ଦେବା ଦିଗରେ କ୍ୟାବିନେଟ୍ ନିଷ୍ପତ୍ତି ଡିଜିଟାଲ ଇଣ୍ଡିଆ ଓ ଆତ୍ମନିର୍ଭର ଭାରତର ସ୍ୱପ୍ନ ପୂରଣ କରିବା ସହ ଡିଜିଟାଲ ଇଣ୍ଡିଆକୁ ବଡ଼ ଗତି ଦେବ ବୋଲି ଟ୍ୱିଟ୍ କରି କହିଛନ୍ତି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ। କ୍ୟାବିନେଟ ନିଷ୍ପତ୍ତି ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ କେନ୍ଦ୍ରମନ୍ତ୍ରୀ ରବିଶଙ୍କର ପ୍ରସାଦଙ୍କୁ ଧନ୍ୟବାଦ ଜଣାଇଛନ୍ତି। ଶ୍ରୀ ପ୍ରଧାନ ଉଲ୍ଲେଖ କରିଛନ୍ତି ଯେ ସର୍ବସାଧାରଣରେ ମାଗଣା ୱାଇ-ଫାଇ ପ୍ରତିଷ୍ଠା ପାଇଁ ପିଏମ୍-ୱାଣୀ ଆରମ୍ଭ ହେବା ସ୍ୱାଗତଯୋଗ୍ୟ ପଦକ୍ଷେପ। ଏହି ନିଷ୍ପତ୍ତି ଫଳରେ ଲୋକମାନେ ବିନା କୌଣସି ଶୁଳ୍କରେ ପ୍ରତିଷ୍ଠା ହେବାକୁ ଥିବା ପବ୍ଲିକ ଡାଟା ଅଫିସ ମାଧ୍ୟମରେ ହାଇ-ସ୍ପିଡ୍ ଇଂଟରନେଟର ସୁବିଧା ପାଇପାରିବେ। ଏହା ନିଷ୍ପତ୍ତି ଡିଜିଟାଲ ସାକ୍ଷରତାକୁ ପ୍ରୋତ୍ସାହନ ଦେବାରେ ସହାୟକ ହେବ ଓ ଟେଲିକମ ସେବାରେ ଉନ୍ନତି ଆଣିବ। ଏହାସମେତ ଶିକ୍ଷା, ଟେଲି ମେଡିସିନ, ଇ-ବାଣିଜ୍ୟ ଏବଂ ଇ-ଶାସନ ସମେତ ଅନେକ କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ। ସେହିପରି କୋଚି ଏବଂ ଲକ୍ଷଦ୍ୱୀପ ଦ୍ୱୀପପୁଞ୍ଜ ମଧ୍ୟରେ ଭୂତଳ ଅପ୍ଟିକାଲ ଫାଇବର ସଂଯୋଗ ପ୍ରଦାନ ଓ ଅରୁଣାଚଳ ପ୍ରଦେଶ ଏବଂ ଆସାମର କିଛି ଭାଗରେ ମୋବାଇଲ କଭରେଜ ନିମନ୍ତେ ୟୁନିଭର୍ସାଲ ସର୍ଭିସ ବାଧ୍ୟତାମୂଳକ ପାଣ୍ଠି ଯୋଜନାକୁ କ୍ୟାବିନେଟ୍ ମଞ୍ଜୁରୀ ଦେବା ଫଳରେ ଏହି ଅଂଚଳ ଗୁଡିକର ବିକାଶରେ ପରିବର୍ତ୍ତନ ଆସିପାରିବ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କ୍ୟାବିନେଟରେ ଆତ୍ମନିର୍ଭର ଭାରତ ରୋଜଗାର ଯୋଜନାରେ ୨୨ ହଜାର ୮୧୦ କୋଟି ଟଙ୍କା ବ୍ୟୟରେ ସମଗ୍ର ଯୋଜନାର ଅବଧି ୨୦୨୦ ରୁ ୨୦୨୩ ଯାଏଁ ବୃଦ୍ଧି କରାଯାଇଛି। ଏହି ନିଷ୍ପତ୍ତି ଦ୍ୱାରା ଆନୁଷ୍ଠାନିକ କ୍ଷେତ୍ରରେ ନିଯୁକ୍ତି ତଥା କୋଭିଡ ପୁନରୁଦ୍ଧାର ପର୍ଯ୍ୟାୟରେ ନୂତନ ନିଯୁକ୍ତି ସୁଯୋଗ ସୃଷ୍ଟି ହୋଇପାରିବ ବୋଲି କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ କହିଛନ୍ତି।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ଖୋଲିବ ଶ୍ରୀମନ୍ଦିର ...

ଭକ୍ତମାନଙ୍କୁ ଦର୍ଶନର ସୁଯୋଗ। ମାସ୍କ ପରିଧାନ ଓ ସାନିଟାଇଜର ଲଗାଇବା ବାଧ୍ୟତାମୂଳକ ହେବ। ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ୪ ପ୍ରବେଶ ଦ୍ୱାର ଠାରେ ରଖାଯିବ ସାନିଟାଇଜର। ମନ୍ଦିର ଖୋଲାଯିବା ସମ୍ପର୍କରେ ଆଗାମୀ ୨ଦିନ ମଧ୍ୟରେ ରାଜ୍ୟ ସରକାରଙ୍କୁ ସୁପାରିଶ କରାଯିବ ଓ ରାଜ୍ୟ ସରକାରଙ୍କ ଠାରୁ ଅନୁମତି ମିଳିବାର ୪/୫ ଦିନ ପରେ ଦର୍ଶନ ପାଇଁ ଭକ୍ତମାନେ ସୁଯୋଗ ପାଇବେ। କୋଭିଡ଼ ନେଗେଟିଭ ସାର୍ଟିଫିକେଟ ଥିବା ବାହାରର ଭକ୍ତମାନଙ୍କୁ ମନ୍ଦିରକୁ ଛଡ଼ାଯିବ। ମନ୍ଦିରରେ ପ୍ରବେଶ ପାଇଁ ୪୮ଘଣ୍ଟା ମଧ୍ୟରେ କୋଭିଡ ପରୀକ୍ଷା କରାଯାଇଥିବା ଆବଶ୍ୟକ। ଆରଏଟି ଏବଂ ଆରଟିପିସିଆର ପରୀକ୍ଷା ହୋଇଥିବା ଭକ୍ତମାନଙ୍କୁ ମନ୍ଦିରରେ ପ୍ରବେଶ କରିବା ପାଇଁ ଅନୁମତି ଦିଆଯିବ। ମନ୍ଦିର ଓ ମନ୍ଦିର ବାହାରେ କାର୍ଯ୍ୟକାରୀ ହେବ ଧାଡ଼ି ବ୍ୟବସ୍ଥା। ଫୁଲ, ଦୀପ ଆଦି ଅର୍ପଣ ଉପରେ କଡ଼ା ନିୟନ୍ତ୍ରଣ ରହିବ। ସରକାରଙ୍କ ଅନୁମତି ମିଳିବା ପରେ ବିସ୍ତୃତ ଏସଓପି ଜାରି ହେବ। ପୁରୀବାସୀଙ୍କୁ ପ୍ରଥମେ ଦର୍ଶନ କରିବାର ସୁଯୋଗ ମିଳିବ। ଜାନୁଆରୀ ୩ତାରିଖ ଠାରୁ ପୁରୀବାସୀଙ୍କ ସହ ବାହାର ଲୋକମାନେ ମଧ୍ୟ ଦର୍ଶନର ସୁଯୋଗ ପାଇବେ। ମୁଖ୍ୟ ପ୍ରଶାସକ କହିଥିଲେ ଯେ ୬୫ବର୍ଷରୁ ଅଧିକ ବୟସ୍କ ବ୍ୟକ୍ତି ଓ ଛୋଟ ପିଲାମାନଙ୍କୁ ମନ୍ଦିରକୁ ନ ଆସିବା ପାଇଁ ଅନୁରୋଧ କରାଯିବ। ୧୦ବର୍ଷରୁ କମ ପିଲାମାନଙ୍କୁ ଦର୍ଶନର ସୁଯୋଗ ମିଳିବ ନାହିଁ। ତେବେ ସମସ୍ତଙ୍କୁ ମହାପ୍ରସାଦ ମିଳିପାରିବ। ସିଂହଦ୍ୱାର ଦେଇ ଭକ୍ତମାନେ ମନ୍ଦିରରେ ପ୍ରବେଶ କରିପାରିବେ ଓ ଅନ୍ୟ ୩ ଦ୍ୱାର ଦେଇ ପ୍ରସ୍ଥାନ କରିବେ। ସେ କହିଲେ ଯେ କୋଭିଡ଼ ସଂକ୍ରମଣ ଯୋଗୁଁ ମନ୍ଦିର ଭକ୍ତଙ୍କ ପ୍ରବେଶ ପାଇଁ ବନ୍ଦ ହୋଇଛି। ମନ୍ଦିର ଖୋଲିବା ସମ୍ପର୍କରେ ପ୍ରଶାସନିକ ସ୍ତରରେ ଜିଲ୍ଲା ପ୍ରଶାସନ ସହିତ ଆଲୋଚନା ହୋଇଥିଲା। ତାହାକୁ ଆଧାର କରି କିଛି ମତାମତ ମିଳିବା ପରେ ଛତିଶା ନିଯୋଗରେ ଦ୍ୱିତୀୟ ପର୍ଯ୍ୟାୟର ମତାମତ ଗ୍ରହଣ କରାଯାଇଛି। ପୂର୍ବରୁ ସବୁ ବର୍ଗର ଲୋକମାନଙ୍କ ସହ କଥାବାର୍ତ୍ତା ହୋଇଥିଲା। କାର୍ତ୍ତିକ ମାସ ପରେ ମନ୍ଦିର ଖୋଲିବା ଉଚିତ ହେବ ବୋଲି ସମସ୍ତେ ମତାମତ ଦେଇଥିଲେ। ଏ ସମ୍ପର୍କରେ ପରିଚାଳନା କମିଟି ବୈଠକରେ ଆଲୋଚନା ହୋଇଥିଲା। ପୁରୀ ବାସିନ୍ଦାମାନେ ପ୍ରଶାସନକୁ ସହଯୋଗ କରି ରଥଯାତ୍ରାରେ ଯୋଗ ଦେଇନଥିବାରୁ ମନ୍ଦିର ଖୋଲିଲେ ପ୍ରଥମେ ସେମାନଙ୍କୁ ଦର୍ଶନର ସୁଯୋଗ ମିଳିବ। ଦର୍ଶନ ପାଇଁ ପ୍ରାଥମିକ ଅବସ୍ଥାରେ କିଛି କଟକଣା ଲାଗୁ କରାଯିବ। ମାସେ ୨ ମାସ ମଧ୍ୟରେ ସମସ୍ତେ ଯେପରି ମୁକ୍ତ ଭାବେ ସୁବିଧାରେ ଦର୍ଶନର ସୁଯୋଗ ପାଇବେ ସେଥିପାଇଁ ଉଦ୍ୟମ କରାଯିବ। ମନ୍ଦିର କର୍ମଚାରୀମାନଙ୍କୁ ପରିଚୟ ପତ୍ର ନେଇ ଆସିବାକୁ ପଡ଼ିବ। ଭକ୍ତମାନେ ସାତପାହାଚ ଦେଇ ଗରୁଡ଼ ସ୍ତମ୍ଭ ପଛପଟୁ ଠାକୁରମାନଙ୍କୁ ଦର୍ଶନ କରିବେ ଓ ଜଗମୋହନ ଖାଲି ରହିବ। ଅନ୍ୟ ସମୟରେ ଯେପରି ବାହାର କାଠ ଓ ଭିତରକାଠ ଠାରୁ ଭକ୍ତମାନେ ଦର୍ଶନ କରୁଥିଲେ ସେହିଭଳି ଦର୍ଶନ କରିପାରିବେ। ଆଜିର ବୈଠକରେ ଆସନ୍ତା ୧୫ଠାରୁ ଜାନୁଆରୀ ୧୩ ପର୍ଯ୍ୟନ୍ତ ପହିଲି ଭୋଗ ନୀତି, ଜାନୁଆରୀ ୧୪ତାରିଖ ମକର ସଂକ୍ରାନ୍ତି ଓ ଜାନୁଆରୀ ୨୮ତାରିଖ ଦେବାଭିଷେକ ନୀତି କିଭଳି ଶୃଙ୍ଖଳିତ ଭାବେ ସମ୍ପନ୍ନ ହେବ ସେ ସମ୍ପର୍କରେ ଆଲୋଚନା କରାଯାଇଥିଲା।

### 'କୃଷି ସଂସ୍କାର ...

କୋଟି କୋଟି ଗରିବଲୋକଙ୍କ ଜମାଖାତାରେ ସିଧା ସହାୟତା ରାଶି ପହଞ୍ଚିପାରୁଛି। କୋଭିଡ୍ ସଂକ୍ରମଣ ସମୟରେ ୪ ଲକ୍ଷ କୋଟିରୁ ଅଧିକ ଅର୍ଥ ପ୍ରତିମାସରେ କାରବାର ହୋଇଛି ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି। ପ୍ରଧାନମନ୍ତ୍ରୀ କହିଛନ୍ତି, ଭାରତରେ ଉତ୍ତମମାନର ପଦାର୍ଥ ଉତ୍ପାଦନ କରିବା ଏବଂ ଭାରତୀୟ ଶିଳ୍ପଗୁଡ଼ିକୁ ଅନ୍ତର୍ଜାତୀୟ ସ୍ତରରେ ସମକକ୍ଷ କରି ପ୍ରତିଯୋଗିତା ସମ୍ପନ୍ନ କରାଇବା ଲାଗି ଆତ୍ମନିର୍ଭର ଭାରତ ଅଭିଯାନ ଆରମ୍ଭ କରାଯାଇଛି। ସରକାରଙ୍କ ଦ୍ୱାରା ଅଣାଯାଇଥିବା ସଂସ୍କାର ଯୋଗୁଁ ଅବାଞ୍ଛିତ ନିୟମଗୁଡ଼ିକ ଦୂର କରାଯାଇପାରିଛି। ଏହାର ଉଦାହରଣ ସ୍ୱରୁପ ପ୍ରଧାନମନ୍ତ୍ରୀ ନୂଆ କୃଷି ଆଇନ ସମ୍ପର୍କରେ ଉଲ୍ଲେଖ କରିଥିଲେ।

### ଦୁଇଟି ସନ୍ତାନ ...

ପରିବାରର ସଦସ୍ୟ ସଂଖ୍ୟା କେତେ ହେବ, ତାହା ଧାର୍ଯ୍ୟ କରିବାର ଅଧିକାର ସରକାରଙ୍କ ନୁହେଁ, କେବଳ ଦମ୍ପତିଙ୍କ ନିକଟରେ ରହିଛି ବୋଲି ସତ୍ୟପାଠରେ ଦର୍ଶାଯାଇଛି। ପରିବାର ନିୟୋଜନ କାର୍ଯ୍ୟକ୍ରମକୁ ସଫଳ କରିବା ଏବଂ କ୍ରମବର୍ଦ୍ଧିଷ୍ଣୁ ଜନସଂଖ୍ୟାକୁ ନିୟନ୍ତ୍ରଣ କରିବା ଦିଗରେ ସରକାର ତୁରନ୍ତ ଏକ ଆଇନ ପ୍ରଣୟନ କରନ୍ତୁ ବୋଲି ଦାବି କରି ଅଶ୍ୱିନୀ ଉପାଧ୍ୟାୟ ନାମକ ବ୍ୟକ୍ତି ସୁପ୍ରିମକୋର୍ଟରେ ଏକ ଜନସ୍ୱାର୍ଥ ମାମଲା ଦାଏର କରିଛନ୍ତି। ସୂଚନାଯୋଗ୍ୟ ଅଶ୍ୱିନୀଙ୍କ ପିଟିସନକୁ ଦିଲ୍ଲୀ ହାଇକୋର୍ଟ ଖାରଜ କରିବାପରେ ସେ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଜନସଂଖ୍ୟା ନିୟନ୍ତ୍ରଣ ଆଇନ ପ୍ରଣୟନ କରାଗଲେ, ଏହି ସମସ୍ୟା ଦୂର ହୋଇପାରିବ ବୋଲି ଅଶ୍ୱିନୀ ତାଙ୍କ ପିଟିସନରେ ଉଲ୍ଲେଖ କରିଛନ୍ତି। ବୋମା ବିସ୍ଫୋରଣଠାରୁ ଜନସଂଖ୍ୟା ବିସ୍ଫୋରଣ ଅଧିକ ବିପଜ୍ଜନକ ବୋଲି ସେ ଅଭିଯୋଗ କରିଛନ୍ତି। ଜନସଂଖ୍ୟାକୁ ନିୟନ୍ତ୍ରଣ କରାନଗଲେ ଦେଶର ପ୍ରତ୍ୟେକ ନାଗରିକ ନିର୍ମଳ ପବନ, ସ୍ୱଚ୍ଛ ପାନୀୟଜଳ, ଉତ୍ତମ ସ୍ୱାସ୍ଥ୍ୟ, ଜୀବିକା ଓ ଶିକ୍ଷା ଭଳି ସାମ୍ବିଧାନିକ ଅଧିକାରରୁ ବଞ୍ଚିତ ହେବେ ବୋଲି ସେ କହିଛନ୍ତି। ଚଳିତବର୍ଷ ଜାନୁଆରୀରେ ପ୍ରଧାନ ବିଚାରପତି ଶରଦ ଅରବିନ୍ଦ ବୋବ୍‌ଡେଙ୍କ ଅଧ୍ୟକ୍ଷତାରେ ଗଠିତ ସୁପ୍ରିମକୋର୍ଟ ପୀଠ ଏ ପ୍ରସଙ୍ଗରେ ସତ୍ୟପାଠ ଦାଖଲ କରିବାକୁ କେନ୍ଦ୍ର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରଣାଳୟକୁ ନିର୍ଦ୍ଦେଶ ଦେଇଥିଲେ। ତଦନୁଯାୟୀ ମନ୍ତ୍ରଣାଳୟ ପକ୍ଷରୁ ଶନିବାର ଏହି ସତ୍ୟପାଠ ଦାଖଲ କରାଯାଇଥିବା ପ୍ରକାଶ। ଭାରତ ଇତିମଧ୍ୟରେ 'ଜନସଂଖ୍ୟା ଓ ବିକାଶ ସଂକ୍ରାନ୍ତ ଆନ୍ତର୍ଜାତିକ ସମ୍ମିଳନୀ- ୧୯୯୪'ର ସଦସ୍ୟତା ହାସଲ କରିଛି। ଜନସଂଖ୍ୟା ନିୟନ୍ତ୍ରଣକୁ କଡାକଡି କରାଗଲେ ବିଶ୍ୱରେ ଜନସଂଖ୍ୟା ଜନିତ ଅବ୍ୟବସ୍ଥା ଉପୁଜିବାର ଆଶଙ୍କା ରହିଛି ବୋଲି ଏହି ସମ୍ମିଳନୀରେ ବିଶେଷଜ୍ଞମାନେ ମତବ୍ୟକ୍ତ କରିସାରିଛନ୍ତି। ଏକ ରିପୋର୍ଟ ଅନୁଯାୟୀ ଭାରତରେ ଦମ୍ପତିଙ୍କ ସନ୍ତାନ ଧାରଣ କ୍ଷମତା କ୍ରମଶଃ ହ୍ରାସ ପାଉଛି। ତେଣୁ ବିଗତ ୧୦୦ ବର୍ଷର ତଥ୍ୟକୁ ଉପସ୍ଥାପନ କରି ମନ୍ତ୍ରଣାଳୟ ଜନ୍ମ ନିୟନ୍ତ୍ରଣ ଆଇନ ବିପକ୍ଷରେ ମତବ୍ୟକ୍ତ କରିଛି। ୧୯୧୧ରେ ଭାରତରେ ପ୍ରଥମ ଥର ଜନଗଣନା ଅନୁଷ୍ଠିତ ହୋଇଥିଲା। ଇତିମଧ୍ୟରେ ଦେଶରେ ପ୍ରତି ଦଶ ବର୍ଷରେ ଥରେ ଜନଗଣନା ହୋଇଆସୁଛି। ୨୦୧୧ ରିପୋର୍ଟ ଅନୁଯାୟୀ ଦେଶରେ ଦମ୍ପତିଙ୍କ ସନ୍ତାନ ଧାରଣ କ୍ଷମତା କ୍ରମଶଃ ହ୍ରାସ ପାଉଥିବା ଲକ୍ଷ୍ୟ କରାଯାଉଛି।

### ବିଶ୍ୱ ଶିଳ୍ପାୟନ ...

କରିବାକୁ ସମର୍ଥ ହୋଇପାରିଛି। ସେ ପୁଣି କହିଛନ୍ତି ଯେ ନିକଟ ଅତୀତରେ ସ୍ୱାସ୍ଥ୍ୟସେବା, ଅକ୍ଷୟ ଶକ୍ତି, ଇସ୍ପାତ୍ ଓ ଆଲୁମିନିୟମ୍ କ୍ଷେତ୍ରରେ ଆନୁଷଙ୍ଗିକ ଶିଳ୍ପ, ସୂଚନା ପ୍ରଯୁକ୍ତି ଓ ଖାଦ୍ୟ ପ୍ରକ୍ରିୟାକରଣ ପରି ବିଭିନ୍ନ କ୍ଷେତ୍ରରେ ନୂତନ ଶିଳ୍ପ ପ୍ରକଳ୍ପମାନ ଆରମ୍ଭ ହୋଇପାରିଛି। 'ମେକ୍ ଇନ୍ ଓଡ଼ିଶା'ର ଦ୍ୱିତୀୟ ସଂସ୍କରଣର ସଫଳତାରେ 'ଫିକି'ର ଭୂମିକାକୁ ମୁଖ୍ୟମନ୍ତ୍ରୀ ପ୍ରଶଂସା କରିଛନ୍ତି। ଏହାର ତୃତୀୟ ସଂସ୍କରଣରେ ଅନୁରୂପ ସହଯୋଗ ଆଶା କରିଛନ୍ତି। ଆଲୁମିନିୟମ୍ ଡାଉନ୍‌ଷ୍ଟ୍ରିମ୍ ପାଇଁ ଅନୁଗୁଳ ଏବଂ ଝାରସୁଗୁଡ଼ା ଓ ଷ୍ଟିଲ୍ ଡାଉନ୍‌ଷ୍ଟ୍ରିମ୍ ପାଇଁ କଳିଙ୍ଗନଗର ଭଳି ପ୍ରମୁଖ ଶିଳ୍ପ ରିଜିଅନ୍‌ରେ ମୂଲ୍ୟଯୁକ୍ତ (ଭାଲ୍ୟୁ ଆଡିସନ୍) ଦିଗରେ ସରକାର କାର୍ଯ୍ୟ କରୁଛନ୍ତି। କେମିକାଲ ଏବଂ ପେଟ୍ରୋକେମିକାଲ ଶିଳ୍ପର ହବ୍ ଭାବେ ପାରାଦୀପକୁ ବିକଶିତ କରାଯାଉଛି ବୋଲି ମୁଖ୍ୟମନ୍ତ୍ରୀ ପ୍ରକାଶ କରିଛନ୍ତି। 'ଫିକି'ର ସଭାପତି ଡ. ସଂଗୀତା ରେଡ୍ଡି, ଜେକେ ପେପର ଲିଃର ହର୍ଷପତି ସିଂଘାଣିଆ, ଓ ଏଚ୍‌ଏସ୍‌ଆଇଏଲ୍‌ର ପରିଚାଳନା ନିର୍ଦ୍ଦେଶକ ସନ୍ଦୀପ ସୋମାନିଙ୍କ ପରି ଉଦ୍ୟୋଗପତିମାନେ ମୁଖ୍ୟମନ୍ତ୍ରୀଙ୍କ ଦୂରଦୃଷ୍ଟିସଂପନ୍ନ ନେତୃତ୍ୱକୁ ପ୍ରଶଂସା କରିବା ସହିତ ଓଡ଼ିଶାରେ ସୁଦୃଢ଼ ଶିଳ୍ପ ସୁଯୋଗ କ୍ଷେତ୍ର ଏବଂ ରାଜ୍ୟରେ ପଞ୍ଜିନିବେଶ ପାଇଁ ସରକାରଙ୍କଠାରୁ ସହଯୋଗ ବାବଦରେ ସେମାନଙ୍କ ଅଭିଜ୍ଞତା ବର୍ଣ୍ଣନା କରିଥିଲେ। ମୁଖ୍ୟ ସଚିବ ଅସିତ୍ ତ୍ରିପାଠୀ, ଉନ୍ନୟନ କମିଶନର ସୁରେଶ ଚନ୍ଦ୍ର ମହାପାତ୍ର, କୃଷି ଉତ୍ପାଦନ କମିଶନର, ଶିଳ୍ପ ବିଭାଗ ପ୍ରମୁଖ ଶାସନ ସଚିବ, ଇଡ୍‌କୋର ଅଧ୍ୟକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ, ଇପିକଲ୍‌ର ପରିଚାଳନା ନିର୍ଦ୍ଦେଶକଙ୍କ ସମେତ ରାଜ୍ୟ ସରକାରଙ୍କ ଅନ୍ୟାନ୍ୟ ପଦାଧିକାରୀମାନେ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ।

### ଯାଞ୍ଚ ହେବାର ...

ରେଡିଏସନ ଯାଞ୍ଚ କରିବା ନେଇ ଜଣେ ରେଡିଏସନ୍ ସେଫ୍ଟି ଅଫିସର (ଆର୍‌ଏସ୍‌ଓ)ଙ୍କ ଭୂମିକା ନେଇ ପ୍ରଶ୍ନ ଉଠୁଛି। କେନ୍ଦ୍ର ସରକାରଙ୍କ ଏନ୍‌ଏଚ୍‌ଏମ୍ ଅଧିନରେ ଏହି ଅଫିସର କାର୍ଯ୍ୟ କରିବାର ନିୟମ ରହିଥିଲା ବେଳେ ଏଇଆର୍‌ବି ନିୟମ ଅନୁସାରେ ଯେଉଁ କମ୍ପାନୀଠାରୁ ହସ୍ପିଟାଲ ବା କ୍ଲିନିକ୍ କୌଣସି ରେଡିଏସନ୍ ସମ୍ବନ୍ଧୀୟ ମେସିନ୍ କିଣୁଛନ୍ତି, ତାହା ଉପଯୁକ୍ତ ବା ଠିକ୍ ଲାଇସେନ୍ସପ୍ରାପ୍ତ କମ୍ପାନୀ କି ନା ତାହା ମଧ୍ୟ ଯାଞ୍ଚ ହେବାର ନିୟମ ରହିଛି। ହସ୍ପିଟାଲ ଓ କ୍ଲିନ୍‌କରେ ବ୍ୟବହାର ହେଉଥିବା ମେସିନ୍ ଗୁଡିକ ୍ ଗାଇଡ୍‌ଲାଇନ୍ ଅନୁସାରେ ରେଡିଏସନ୍ ବିକିରଣ କରୁଛି କି ନାହିଁ ଇନ୍‌ଷ୍ଟଲେସନ୍ ସମୟରେ ତାହା ଯାଞ୍ଚ ହେବାର ନିୟମ ଥିଲେ ବି ପାଳନ ହେଉ ନଥିବା ସୂଚନା ମିଳିଛି। ଯାଞ୍ଚ ଅଧିକାରୀମାନେ ସଠିକ୍ ଯାଞ୍ଚ କରି ଏହି ମେସିନ୍ ଲାଗିବା ପାଇଁ ଅନୁମତି ଦେଉଛନ୍ତି କି ନାହିଁ ତାହା ମଧ୍ୟ ପ୍ରଶ୍ନ ଘେରରେ। ଏକ୍ସପାୟରୀ ଡେଟ୍ ଗଲା ପରେ ମେସିନ୍ ଗୁଡିକ ରୋଗୀଙ୍କ କାର୍ଯ୍ୟରେ ବ୍ୟବହାର କରାଯାଇପାରିବ ନାହିଁ ବୋଲି ମଧ୍ୟ ନିୟମ ରହିଛି। ରୋଗୀଙ୍କ ନିରାପତ୍ତା ପାଇଁ କେନ୍ଦ୍ର ସରକାର ଏନ୍‌ଏଚ୍‌ଏମ୍ ବିଭାଗ ସହିତ ଜନସ୍ୱାସ୍ଥ୍ୟ ବିଭାଗକୁ ମଧ୍ୟ ଦାୟିତ୍ୱ ଦେଇଛନ୍ତି। ଯାହା ଜଣାପଡିଛି ଅଧିକାଂଶ ହସ୍ପିଟାଲରେ ବହୁ ପୁରୁଣା ଓ ସଠିକ୍ କାର୍ଯ୍ୟ କରୁନଥିବା ମେସିନ୍ ଦ୍ୱାରା ରୋଗୀଙ୍କ ଚିକିତ୍ସା କରାଯାଉଛି।

### ଠକାମୀର ...

ଚାକିରିର ପ୍ରଲୋଭନ ଦେଖାଇ ବିପୁଳ ପରିମାଣର ଟଙ୍କା ଠକି ନେଇଛନ୍ତି। ତେବେ ଏନେଇ ୬ଜଣ ଅଭିଯୋଗକାରୀ ଏତଲା ଦେଇଛନ୍ତି। ତାହାକୁ ଭିତ୍ତିକରି କ୍ରାଇମବ୍ରାଞ୍ଚର ଅର୍ଥନୈତିକ ଅପରାଧ ଶାଖାରେ ମାମଲା ରୁଜୁ ହୋଇଛି। ମାତ୍ର ଅନ୍ୟ ଯେଉଁମାନେ ଏହି ଠକେଇର ଶିକାର ହୋଇଛନ୍ତି ଓ ଭୟରେ ଥାନାରେ ଅଭିଯୋଗ କରିପାରିନାହାନ୍ତି ସେମାନେ ଆସି ତୁରନ୍ତ ରିପୋର୍ଟ କରିବା ପାଇଁ କ୍ରାଇମବ୍ରାଞ୍ଚ ଏଡିଜି ପ୍ରିୟଦର୍ଶୀ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ପ୍ରକାଶ କରିଛନ୍ତି। ଆକାଶ ନିଜକୁ ଟାଟା ମୋଟର୍ସର ଅଧିକାରୀ ବୋଲି କହି କମ୍ପାନୀ ଓ ସାଧାରଣ ଲୋକଙ୍କୁ ଠକିଥିଲେ। ଏ ନେଇ ଟାଟା କମ୍ପାନୀର ଡିଜିଏମ(ଏଥିକ୍ସ) ତ୍ରିଲୋଚନ ମହାନ୍ତି କ୍ରାଇମବ୍ରାଞ୍ଚରେ ଅଭିଯୋଗ କରିଥିଲେ। ଅଭିଯୋଗ ଅନୁଯାୟୀ ଅକାଶ ନକଲି ମେଲ ଆଇଡି, ଲୋଗୋ, ଆଇକାର୍ଡ଼ ଓ ଭିଜିଟିଂ କାର୍ଡ଼ ବ୍ୟବହାର କରୁଥିଲେ। ଅଭିଯୋଗକୁ ଭିତ୍ତିକରି ସାଇବର କ୍ରାଇମ୍ ଥାନାରେ ଗତ ସେପ୍ଟେମ୍ବର ୨୩ ତାରିଖରେ କେସ୍ ନମ୍ବର ୨୬/୨୦୨୦ରେ ଏକ ମାମଲା ରୁଜୁ କରାଯାଇଥିଲା। ଗୋପାଳପୁର ବିଧାୟକ ଶ୍ରୀ ପାଣିଗ୍ରାହୀ ତାଙ୍କ ଭାବୀ ଜ୍ୱାଇଁ ଆକାଶ ଟାଟା ମୋଟର୍ସର ପରିଚାଳନା ନିର୍ଦ୍ଦେଶକ ଥିବା ପ୍ରଚାର କରୁଥିଲେ। ତାଙ୍କ ପ୍ରଭାବ ଓ ପତିଆରାରେ ଚାକିରୀ ଆଶାୟୀମାନେ ପ୍ରଭାବିତ ହୋଇ ଆକାଶ ଓ ତାଙ୍କ ସହଯୋଗୀଙ୍କୁ ଟଙ୍କା ଦେଉଥିଲେ। ଠକାମୀର ଶିକାର ହୋଇଥିବା ୬ଜଣ ଅଭିଯୋଗକାରୀଙ୍କ ମଧ୍ୟରୁ ୨ଜଣ ବିଧାୟକ ଶ୍ରୀ ପାଣିଗ୍ରାହୀଙ୍କ ଆକାଉଣ୍ଟକୁ ଟଙ୍କା ପଠାଇଥିଲେ। ଅନ୍ୟ ୪ଜଣ ଶ୍ରୀ ପାଣିଗ୍ରାହୀଙ୍କ ଘନିଷ୍ଠ ସହଯୋଗୀଙ୍କ ଜରିଆରେ ଟଙ୍କା ଟ୍ରାନ୍ସଫର କରିଥିଲେ। ଆକାଶ ଭୁବନେଶ୍ୱର ଓ ମୁମ୍ବାଇରେ କାର୍ଯ୍ୟାଳୟ ଖୋଲି ଟଙ୍କା ନେଇ କେତେକ ଯୁବକଯୁବତୀଙ୍କୁ ଜାଲି ନିଯୁକ୍ତିପତ୍ର ଦେବା ସହ ଅନ୍‌ଲାଇନ ଟ୍ରେନିଂ ମଧ୍ୟ ଦେଇଥିଲେ। ଆକାଶ ଓ ପ୍ରଦୀପଙ୍କୁ ଅନେକ ଲୋକ ଟଙ୍କା ଦେଇଥିବା ଆକାଶଙ୍କ ପିଏ ଡେଭିଡ୍ ପିଟର କ୍ରାଇମବ୍ରାଞ୍ଚ ତଦନ୍ତ ଅଧିକାରୀଙ୍କ ନିକଟରେ ବୟାନ ମଧ୍ୟ ଦେଇଛନ୍ତି। ଭୁବନେଶ୍ୱରର ସ୍କାଏ କିଙ୍ଗ୍ ଟ୍ରାଭେଲ ଏଜେନ୍ସି ମଧ୍ୟ ଆକାଶଙ୍କ ବିରୋଧରେ ୬୫ଲକ୍ଷ ଟଙ୍କାର ଠକେଇ ଅଭିଯୋଗ କରିଥିଲା। ତେବେ ଅଧିକ ପଚରାଉଚରା ପାଇଁ ଗତକାଲି ଠାରୁ କ୍ରାଇମବ୍ରାଞ୍ଚ୍ ଆକାଶକୁ ୫ଦିନିଆ ରିମାଣ୍ଡରେ ନେଇଥିବା ଏଡିଜି ଶ୍ରୀ ପ୍ରିୟଦର୍ଶୀ ସୂଚନା ଦେଇଛନ୍ତି। ବିଧାୟକ ପାଣିଗ୍ରାହୀଙ୍କ ଘନିଷ୍ଠ ସହଯୋଗୀମାନଙ୍କୁ ମଧ୍ୟ କ୍ରାଇମବ୍ରାଞ୍ଚ ତଦନ୍ତ ପରିସରଭୁକ୍ତ କରି ତଦନ୍ତ ଚଳାଇଛି।

### ରାଜ୍ୟରେ ଚାଲିଛି ...

ପ୍ରଧାନମନ୍ତ୍ରୀ ତାଙ୍କ ପ୍ରତିବଦ୍ଧତା ଦେଖାଇଛନ୍ତି । ଜନତାଙ୍କୁ ଦେଇଥିବା ପ୍ରତିଶୃତି ଅନୁଯାୟୀ ବିଜେପି କାର୍ଯ୍ୟ କରୁଛି ଏବଂ ଜନକଲ୍ୟାଣ ଦିଗରେ ଗୋଟିଏ ଗୋଟିଏ ମାଇଲଖୁଂଟ ଅତିକ୍ରମ କରିଚାଲିଛି । ସେହିପରି ସବକା ସାଥ, ସବକା ବିକାଶ ଏବଂ ସବକା ବିଶ୍ୱାସ ନୀତିରେ ଭାରତକୁ ଅଗ୍ରଣୀ ଦେଶରେ ପରିଣତ କରିବା ପାଇଁ ପ୍ରଧାନମନ୍ତ୍ରୀ ଉଦ୍ୟମ ପ୍ରଶଂସନୀୟ । କିନ୍ତୁ ରାଜ୍ୟରେ ବିଜେଡି ସରକାର ନିର୍ବାଚନ ବେଳେ ମିଥ୍ୟା ପ୍ରତିଶୃତି ଦେଇ କେବଳ ଭୋଟ ହାତେଇଥାଏ । ବିଜେଡି ସରକାର ଆଜି ପର୍ଯ୍ୟନ୍ତ ଜନତାଙ୍କୁ ଦେଇଥିବା ଗୋଟିଏ ବି ପତିଶୃତି ପାଳନ କରିନାହିଁ । ୨୦୧୪ରେ ବିଜେଡି ସରକାର ଗରିବ ଲୋକଙ୍କୁ ପକ୍କା ଘର ଯୋଗଇବା ନେଇ ପ୍ରତିଶୃତି ଦେଇଥିଲା । ପୁଣିଥରେ ୨୦୧୯ ନିର୍ବାଚନ ପୂର୍ବରୁ ବିଜେଡି କଚ୍ଚା ଘରକୁ ପକ୍କା କରିବା ନେଇ ରାଜ୍ୟବାସୀଙ୍କୁ ପ୍ରତିଶୃତି ଦେଇ ଭୋଟ ହାତେଇଥିଲା । ଏହାସତ୍ତ୍ୱେ ଆଜି ବି ଗରିବ ଲୋକଟିଏ ପକ୍କା ଘର ପାଇବାରୁ ବଂଚିତ ରହିଛି । ଗ୍ରାମାଂଚଳରେ ଏବେ ବି ୨ଲକ୍ଷ ଘର ନିର୍ମାଣ ହେବା ପାଇଁ ବାକି ରହିଛି । ଏହା ହେଉଛି ନବୀନ ସରକାରଙ୍କ କୁଶାସନ । ଗରିବ ଲୋକଙ୍କ ସ୍ୱାସ୍ଥ୍ୟକୁ ଗୁରୁତ୍ୱ ଦେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସାରା ଦେଶରେ ଆୟୁଷ୍ମାନ ଭାରତ ଯୋଜନା ଲାଗୁ କରିଛନ୍ତି । ୫ ଲକ୍ଷ ପର୍ଯ୍ୟନ୍ତ ମେଡିକାଲ ସୁବିଧା ଗରିବ ଲୋକଙ୍କୁ ମିଳିବା ନେଇ ଏହି ଯୋଜନାରେ ବ୍ୟବସ୍ଥା ରହିଛି । କିନ୍ତୁ ମୋଦି ନାଁ ନେଇଯିବା ଭୟରେ ରାଜ୍ୟ ସରକାର ଓଡିଶାରେ ଏହାକୁ ଲାଗୁ କରୁନାହାଁନ୍ତି । ଅନ୍ୟପଟେ ରାଜ୍ୟ ସରକାର ଓଟିଏଫକୁ ବନ୍ଦ କରି ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ଲାଗୁ କରିଥିଲେ । କିନ୍ତୁ ଏହି ଯୋଜନାରେ ସ୍ୱାସ୍ଥ୍ୟ ସେବା ପାଇଁ କମ୍ ଟଙ୍କାର ବ୍ୟବସ୍ଥା ଥିବାରୁ ଗରିବ ଲୋକମାନେ ଏହାର ସୁବିଧା ଉଠାଇ ପାରୁନାହଁନ୍ତି । ମୁଖ୍ୟମନ୍ତ୍ରୀ କାହିଁକି ଓଡିଶାର ଗରିବ ଲୋକଙ୍କୁ ଉନ୍ନତ ମାନର ସ୍ୱାସ୍ଥ୍ୟସେବା ଯୋଗାଇଦେବା ପାଇଁ ଚାହୁଁନାହାଁନ୍ତି ବୋଲି ଶ୍ରୀମତୀ ପୁରନ୍ଦେଶ୍ୱରୀ ପ୍ରଶ୍ନ କରିଛନ୍ତି । ସେହିପରି ରାଜ୍ୟବାସୀଙ୍କୁ ପାଇପ ଯୋଗେ ଶୁଦ୍ଧ ପାନୀୟ ଜଳ ଯୋଗାଇଦେବା ନେଇ ମୁଖ୍ୟମନ୍ତ୍ରୀ ପ୍ରତିଶୃତି ଦେଇଥିଲେ । ୧୨୫୦ ପଂଚାୟତରେ ପିଇବା ପାଇଁ ଉପଯୁକ୍ତ ପାନୀୟ ଜଳ ମିଳୁନାହିଁ ଏବଂ ୧୫୦୦ ପଂଚାୟତରେ ପାଇପ ଲାଇନ ପଂହଚି ନାହିଁ । ଏବେ କେତେ ଘରକୁ ପାନୀୟ ଜଳ ଯୋଗାଇ ଦିଆଯାଇଛି ତାହାର ଉତର ମୁଖ୍ୟମନ୍ତ୍ରୀ ରାଜ୍ୟବାସୀଙ୍କ ଆଗରେ ରଖନ୍ତୁ । ଚାଷୀଙ୍କ ବିଲ କୁ ବିରୋଧୀ ମାନେ ନବୁଝି କେବଳ ବିରୋଧ କରୁଛନ୍ତି । କେନ୍ଦ୍ର ସରକାର ଚାଷୀଙ୍କ ହିତରେ ବିଭିନ୍ନ ଯୋଜନା ଏବଂ ବିଲ୍ ଲାଗୁ କରୁଥିବା ସମୟରେ ରାଜ୍ୟସରକାର କାଳିଆ ନାଁରେ ମିଥ୍ୟା ଯୋଜନା କରି ଚାଷୀଙ୍କୁ ଶୋଷଣ କରୁଛନ୍ତି । ମୋଦି ସରକାର ପ୍ରଧାନମନ୍ତ୍ରୀ କିଷାନ ସମ୍ମାନ ନିଧୀ ଯୋଜନାରେ କୃଷକମାନଙ୍କୁ ୬ ହଜାର ଟଙ୍କା ସହାୟତା ଦେଉଥିବାବେଳେ କାଳିଆ ଯୋଜନାରେ ରାଜ୍ୟସରକାର ଚାଷୀଙ୍କୁ ୪ ହଜାର ଟଙ୍କା ସହାୟତା ନଦେଇ ପ୍ରତାରଣା କରୁଛନ୍ତି । ପ୍ରଧାନମନ୍ତ୍ରୀ କିଷାନ ସମ୍ମାନ ନିଧୀ ଯୋଜନାରେ ୪୫ ଲକ୍ଷ ଚାଷୀଙ୍କୁ ପ୍ରଥମ କିସ୍ତିରେ ସହାୟତା ମିଳିଥିବାବେଳେ ଏବେ ଏହା କମି ୨୧ ଲକ୍ଷରେ ପହଂଚିଛି । ନିର୍ବାଚନ ଜିତିବା ପରେ ମୁଖ୍ୟମନ୍ତ୍ରୀ ୧୦ଲକ୍ଷ ହେକ୍ଟର ଜମିକୁ ଜଳ ଯୋଗାଇବା ନେଇ ଘୋଷଣା କରିଥିଲେ । ଦୀର୍ଘ ୨୦ ବର୍ଷ ଶାସନରେ ମୁଖ୍ୟମନ୍ତ୍ରୀ କେତେ ଲକ୍ଷ ହେକ୍ଟର ଜମିକୁ ପାଣି ଯୋଗାଇଛନ୍ତି ତାହା ରାଜ୍ୟବାସୀଙ୍କ ଆଗରେ ସ୍ପଷ୍ଟ କରନ୍ତୁ ବୋଲି ଶ୍ରୀମତୀ ପୁରନ୍ଦେଶ୍ୱରୀ ଦାବି କରିଛନ୍ତି । ରାଜ୍ୟରେ ଆଇନ ଶୃଙ୍ଖଳା ବିପର୍ଯ୍ୟସ୍ତ ହୋଇ ପଡିଛି । ମହିଳା ଓ ନାବାଳିକା ଦୁଷ୍କର୍ମ ଏବଂ ହତ୍ୟା ଘଟଣା ଦିନକୁ ଦିନ ବଢିବାରେ ଲାଗିଛି । ଓଡିଶାରେ ବିଗତ କିଛି ମାସ ମଧ୍ୟରେ ୫୩୦୩ ଜଣ ଶିଶୁ ନିଖୋଜ ହେଲେଣି । ପୋଲିସ ପ୍ରଶାସନର ଅବହେଳା ଏବଂ ତଦନ୍ତର ଶିଥିଳତା ପାଇଁ ପ୍ରତ୍ୟେକ ଦିନ ଶିଶୁମାନଙ୍କ ସହ ଅପରାଧିକ ଘଟଣା ବଢିବାରେ ଲାଗିଛି ।

## ମଶାଣୀର ବନ୍ଧୁ ମାୟାଧର

**ମାନବିକତା ହିଁ ବ୍ୟକ୍ତିତ୍ୱର ପରିଚୟ**



**ଉଦଳା :** ସୁଖଦୁଃଖର ସାଥି ହେଉଛି ପ୍ରକୃତ ବନ୍ଧୁ। ପରଉପକାରୀ ମାନବିକତାର ଦେଇଥାଏ ପ୍ରକୃତ ପରିଚୟ। ସମ୍ପର୍କ ନିବିଡତା ଥାଉ ଅବା ନିବିଡତା ନଥାଉ ଯେଉଁ ଲୋକ ସାହାଯ୍ୟ କରିବା ପାଇଁ ଆଗେଇ ଆସେ ତାଙ୍କୁ ସମସ୍ତେ ମନେ ରଖିଥାନ୍ତି। ଏହିପରି ଏକ ନିଆରା ବ୍ୟକ୍ତି ହେଉଛନ୍ତି ମାୟାଧର। ଯିଏକି କପ୍ତିପଦା ଉପଖଣ୍ଡରେ ମଶାଣୀର ବନ୍ଧୁ ଭାବେ ପରିଚିତ। ମୟୂରଭଞ୍ଜ ଜିଲ୍ଲା ଉଦଳା ବ୍ଲକର ବୈରାଟପୁର ଗ୍ରାମର ଏକ ଝାଟିମାଟି ଘରେ ବସବାସ କରନ୍ତି ମାୟାଧର ନାୟକଙ୍କ ପରିବାର। ପରିବାର କହିଲେ ତାଙ୍କର ସ୍ତ୍ରୀ ଓ ଛଅ ଝିଅ। ତିନି ଝିଅଙ୍କ ବାହାଘର ସରିଥିବା ବେଳେ ମାୟାଧର ନିଜେ ଜଣେ ରାଜମିସ୍ତ୍ରୀ। ଯାହାବି ରୋଜଗାର କରନ୍ତି ସେଥିରେ ବେସ ହସଖୁସିରେ ସଂସାର ଚାଲିଛି ଠାକୁରଙ୍କ କୃପାରୁ। କଥାରେ ଅଛି ରାଜଦ୍ୱାରରେ ଓ ଶ୍ମଶାନରେ ଯେଉଁମାନେ ସାଙ୍ଗ ଦିଅନ୍ତି ସେମାନେ ହିଁ ପ୍ରକୃତ ବନ୍ଧୁ। ସେହିପରି ଏକ ବନ୍ଧୁ ହେଉଛନ୍ତି କୋଟିଳାଡିହା ପଞ୍ଚାୟତର ବୈରାଟପୁର ଗ୍ରାମର ମାୟାଧର ନାୟକ। ମାୟାଧର କୁହନ୍ତି ପୂର୍ବରୁ ତାଙ୍କ ବାପା ଓ କକା ଶବଦାୟ କରୁଥିବା ବେଳେ ଏବେ ସିଏ ନିଜେ ଶବଦାହ କରି ଆତ୍ମସନ୍ତୋଷ ଲାଭ କରିପାରିଛନ୍ତି। ତାଙ୍କ ପଞ୍ଚାୟତ ହେଉ କି ଆଖପାଖ ଅଞ୍ଚଳ ଯେଉଁଠିବି ମୃତ୍ୟୁଖବର ପାଆନ୍ତି ସେଇଠାରେ ସେ ଡାକିବା ଆଗରୁ ପହଞ୍ଚି ଯାଇଥାନ୍ତି। ବାଉଁଶ, କାଠକୋଟା ଠାରୁ ଆରମ୍ଭ କରି କୋକେଇ ବାନ୍ଧି ମଶାଣିରେ ଦାହ କରିବା ପର୍ଯ୍ୟନ୍ତ ପ୍ରତ୍ୟେକଟି କାମ ସେ ନିଜେ କରିଥାନ୍ତି। କୋଟିଳାଡିହା ପଞ୍ଚାୟତରେ ସେ ବେଶ ପରିଚିତ ଶ୍ମଶାନର ବନ୍ଧୁ ଭାବରେ। ମାୟାଧର ଏବେ ଶହେରୁ ଉର୍ଦ୍ଧ୍ୱ ଶବଦାହ କରିସାରିଲେଣି। ସେଥିପାଇଁ ଶବଦାହ ବେଳେ ଖୋଜାପଡେ ମାୟାଧରଙ୍କୁ। ଝାଟିମାଟି ନୂଆଣି ଚାଳ ତଳେ ପରିବାର ସହ ଜୀବନ ବିତାଉଥିବା ମାୟାଧର ଜୀବନ ଜିଇଁଥିବା ପର୍ଯ୍ୟନ୍ତ ଶବଦାହ କରିବେ ବୋଲି କହିଛନ୍ତି। କେବଳ କୋଟିଳାଡିହା ପଞ୍ଚାୟତ ନୁହେଁ ଆଖପାଖ ଅଞ୍ଚଳ ମଧ୍ୟ ଶବଦାହ ପାଇଁ ଖୋଜନ୍ତି ମାୟାଧରଙ୍କୁ। ସେଥିପାଇଁ ସେ ଆଜି ସମସ୍ତଙ୍କ ପାଖରେ ଆପଣାର ହୋଇପାରିଛନ୍ତି। ମାୟାଧର ଏକ ଶହରୁ ଅଧିକ ଶବଦାହ କରି କପ୍ତିପଦା ଉପଖଣ୍ଡରେ ବେଶ ପରିଚିତ। ତାଙ୍କର ଇଚ୍ଛାଶକ୍ତି ଓ ଧୈର୍ଯ୍ୟ ପାଇଁ ଆମେ ମଧ୍ୟ ତାଙ୍କର କାର୍ଯ୍ୟଧାରାକୁ ପ୍ରଶଂସା କରିଥିବା ବେଳେ ତାଙ୍କର ଏହି ଉଦ୍ୟମ ଆଗକୁ ଜାରି ରହୁ ଓ ଭଗବାନ ତାଙ୍କୁ ଦୀର୍ଘାୟୁ ରଖନ୍ତୁ ଏହାହିଁ ଆମର କାମନା।



# ମହାନ୍ ବିପ୍ଳବୀ-ବାଘା ଯତୀନ୍

ଅକ୍ଷୟ କୁମାର ରାଉତ

ପ୍ରତି ଯୁଗରେ, ପ୍ରତି ଦେଶରେ ଦେଶପ୍ରେମୀଙ୍କର ଆର୍ବିଭାବ ଘଟେ। ଭାରତବର୍ଷର ଇତିହାସକୁ ଅନୁଶୀଳନ କଲେ ଅନେକ ଦେଶଭକ୍ତଙ୍କର ନାମ ଓ କାର୍ଯ୍ୟାବଳୀ ଦେଖିବାକୁ ମିଳେ। ଯେଉଁ କେତେ ଜଣ ଦେଶପ୍ରେମୀଙ୍କର ତ୍ୟାଗ ଉଜ୍ଜ୍ୱଳ ଦେଶପ୍ରେମରେ ଭାରତବର୍ଷର ଇତିହାସ ଋଦ୍ଧିମନ୍ତ ହୋଇଛି ସେମାନଙ୍କ ମଧ୍ୟରୁ ବିପ୍ଳବୀ ଯତୀନ୍ଦ୍ରନାଥ ମୁଖାର୍ଜୀ ଅନ୍ୟତମ। ଯାହାର କର୍ତ୍ତବ୍ୟବୋଧର ଭାବନାରେ ଯେଉଁ ଦେଶରେ ଜନ୍ମ, ଯାହାର ଶସ୍ୟ ଜଳ ଦ୍ୱାରା ସେ ପରିପୃଷ୍ଟ ଓ ବାୟୁରେ ଜୀବିତ ସେହି ଦେଶପ୍ରତି ତାଙ୍କର ପରମ ଶ୍ରଦ୍ଧା ଭକ୍ତି ରଖିବା ବିଧେୟ। ସେହି ମହାନ ଦେଶପ୍ରେମୀଙ୍କର ଜନ୍ମ ପଶ୍ଚିମ ବଙ୍ଗଳାର ନଦିଆ ଜିଲ୍ଲା କାୟାଗ୍ରାମରେ ସମ୍ଭବତଃ ୧୮୭୯ ମସିହା ଡିସେମ୍ବର ୭ ତାରିଖରେ ହୋଇଥିଲା। ତାଙ୍କ ମା'ଙ୍କ ନାଁ ଶାରଦା ଶଶୀ ଦେବୀ ଓ ପିତାଙ୍କ ନାମ ଉମେଶ ଚନ୍ଦ୍ର ମୁଖାର୍ଜୀ।

ପିଲାଟି ଦିନରୁ ବାପାଙ୍କୁ ହରାଇ ମା'ଙ୍କ ଯତ୍ନରେ ସେ ବଢ଼ିଥିଲେ। ସେ ଦିନେ ଖେଳପଡିଆରୁ ଆସିବା ସମୟରେ କୁକୁରଟିକୁ ଦେଖି ଛାନିଆ ହୋଇଗଲେ। ତାଙ୍କ ପାଟି ଶୁଣି ମା କହିଲେ ତୁ ସାହସର ସହିତ ଛିଡା ହୋଇଯା ଦେଖିବୁ କୁକୁରଟି ହଟିଯିବ। ସେୟା ହେଲା କୁକୁରଟି ପଳାଇଗଲା। ମା ଯତୀନ୍‌କୁ ବୁଝାଇଦେଲେ ବିପଦ ଆସିଲେ ସାହାସର ସହିତ ତାର ମୁକାବିଲା କଲେ ବିପଦ ଟଳିଯିବ। ଦିନେ ଯତୀନ୍ ନଦୀରେ ଗାଧୋଇବା ବେଳେ ଜୁଆର ପାଣି ମାଡିଆସିଲା। ଯତୀନ୍ ନଦୀ ଭିତରେ ଏକ ବଡ ପଥର ଉପରକୁ ଉଠିଯାଇ କାନ୍ଦିବାକୁ ଲାଗିଲେ। ସାଙ୍ଗମାନେ ଯତୀନ୍‌ଙ୍କ ମା'କୁ ଡାକିଲେ। ମା କହିଲେ ମୋ ପୁଅ ଭାରି ସାହାସୀ, ସେ ନିଜେ ପହଁରି ପହଁରି କୂଳକୁ ଆସିବ। ଯତୀନ୍ ମା'ଙ୍କ କଥାରେ ପହଁରି ପହଁରି ନଦୀକୂଳକୁ ଆସିଲେ।

ଦିନେ ଯତୀନ୍ ସାଙ୍ଗମାନଙ୍କ ସହିତ ବଣଭୋଜି କରିବା ପାଇଁ ଜଙ୍ଗଲକୁ ଯାଇଥିଲେ। ସେଠାରେ ଗୋଟିଏ ହରିଣ ଛୁଆକୁ ସାଙ୍ଗମାନେ ଗୁଳି କରି ଧରିଆଣିଲେ। ଯତୀନ୍‌ଙ୍କର କିନ୍ତୁ ହରିଣ ଛୁଆଟି ପ୍ରତି ଦୟା ଆସିଲା। ସେ ହରିଣଟିକୁ ନମାରି ତାର ସେବା କରି ସୁସ୍ଥ କଲେ। ଦିନେ ଯତୀନ୍ ହରିଣ ଛୁଆଟିକୁ ଜଙ୍ଗଲରେ ଛାଡିଦେଲେ କିନ୍ତୁ ହରିଣଟି ଜଙ୍ଗଲକୁ ଗଲା ନାହିଁ। ସେ ଯତୀନ୍‌ଙ୍କ ପଛେ ପଛେ ତାଙ୍କ ଘରକୁ ପଳାଇଆସିଲା।



ଦିନକର ଘଟଣା। ସାଙ୍ଗମାନଙ୍କ ସହିତ ଯତୀନ୍ ଜଙ୍ଗଲ ରାସ୍ତାରେ ଆସୁଥାନ୍ତି। ବାଘର ଗର୍ଜନ ଶୁଣି ସାଙ୍ଗମାନେ ଭୟରେ ଦୌଡି ପଳାଇଲେ। ବାଘଟି ଯତୀନ୍‌ଙ୍କ ଉପରକୁ ଝାମ୍ପ ମାରିଲା। ଉଭୟଙ୍କ ମଧ୍ୟରେ କିଛି ସମୟ ଲଢ଼େଇ ଚାଲିଲା। ଲଢ଼େଇରେ ବାଘଟି ମରିଗଲା। ଯତୀନ୍‌ର ସାଙ୍ଗମାନେ ଏ କଥା ଚାରିଆଡେ ପ୍ରଚାର କରିଦେଲେ। ସେହି ଦିନଠାରୁ ତାଙ୍କୁ ସମସ୍ତେ ଯତୀନ୍ ବଦଳରେ ବାଘାଯତୀନ୍ ବୋଲି କହିଲେ। ସେ ମା'ଙ୍କଠାରୁ ସାହାସିକତା ଓ ବିପଦବେଳେ ଧର୍ଯ୍ୟ ଧରିବା ଶିକ୍ଷା କରିଥିଲେ। ଇଂରେଜମାନଙ୍କର ଅତ୍ୟାଚାରରୁ ନିଜ ମାତୃଭୂମିକୁ ରକ୍ଷା କରିବାକୁ ସଦାସର୍ବଦା ଚେଷ୍ଟା କରିବୁ, ମା'ଙ୍କର ଏହି ପଦିକ କଥା ତାଙ୍କର ସବୁଦିନ ପାଇଁ ମନେଥିଲା। ରେଳଗାଡିରେ ଯାତ୍ରା ସମୟରେ ଯତୀନ୍ ସିଲିଗୁଡି ଷ୍ଟେସନରେ ଦେଖିଲେ ଚାରିଜଣ ଗୋରା ସୈନିକ ଝିଅବୋହୂମାନଙ୍କୁ ଅପମାନିତ କରୁଥାନ୍ତି। ଏହି ଘଟଣା ତାଙ୍କ ଦେହରେ ଗଲାନାହିଁ। ପାଣି ପିଇବା ପାଇଁ ଯତୀନ୍ ରେଳଗାଡିରୁ ଓହ୍ଲାଇଲା ବେଳେ ଜଣେ ସୈନିକ ତାଙ୍କୁ ଧକ୍କା ମାରିଦେଲେ। ଯତୀନ୍ ସାଙ୍ଗେ ସାଙ୍ଗେ ଚାରିଜଣ ସୈନିକଙ୍କୁ ଭଲଭାବରେ ମୁଥମାରି ତଳେ ପକାଇଦେଲେ। ସୈନିକମାନେ ଆଉ ସାହସ କଲେ ନାହିଁ ଲଢ଼ିବା ପାଇଁ ଯତୀନ୍‌ଙ୍କ ସହିତ।


ଯତୀନ୍ କ୍ରିଷ୍ଣାନଗର ଆଙ୍ଗୋଲ ଭରନାକୁଲାର ସ୍କୁଲରେ ପାଠପଢ଼ା ଶେଷ କରି କଲିକତା ସେଣ୍ଟ୍ରାଲ କଲେଜରେ ଫାଇନ୍ ଆର୍ଟସ୍ ପାଠ ପଢ଼ିଲେ। ତାଙ୍କର ବିଭାଘର ଇନ୍ଦୁବାଳା ବାନାର୍ଜୀଙ୍କ ସହିତ ହୋଇଥିଲା। ସେ ଚାରୋଟି ସନ୍ତାନର ଜନକ ହୋଇଥିଲେ। ଯତୀନ୍ ବଙ୍ଗଳା ସରକାରଙ୍କ ଅଧୀନରେ ଚାକିରିଟିଏ କରିଥିଲେ। ଏହି ସମୟରେ ବଙ୍ଗଳାରେ ପ୍ଲେଗ୍ ରୋଗ ଦେଖାଦେଲା। ବହୁ ଲୋକ ଏହି ରୋଗରେ ଆକ୍ରାନ୍ତ ହୋଇ ମୃତ୍ୟୁବରଣ କଲେ। ଲୋକଙ୍କ ସେବାରେ ଯତୀନ୍ ଲାଗିପଡିଲେ। ଏହି ସେବା ସମୟରେ ଯତୀନ୍, ଅରବିନ୍ଦ ଘୋଷ ପ୍ରଭୃତି କେତେଜଣ ଦେଶଭକ୍ତଙ୍କ ସହିତ ପରିଚିତ ହେଲେ। ସେମାନଙ୍କ ପରାମର୍ଶ ଅନୁଯାୟୀ ସେ 'ଯୁଗାନ୍ତର' ନାମରେ ଏକ କ୍ରାନ୍ତିକାରୀ ଦଳ ଗଠନ କଲେ। ଏହି ସଙ୍ଗଠନର ଲକ୍ଷ୍ୟ ହେଲା ଦେଶକୁ ସ୍ୱାଧୀନ କରିବା। ଇଂରେଜ ସରକାରଙ୍କୁ ଦେଶରୁ ତଡିବା। ଗୋରା ସରକାର ଅରବିନ୍ଦ ଘୋଷଙ୍କୁ ଗିରଫ କଲେ। ଆଲିପୁର କୋର୍ଟରେ ତାଙ୍କର ବିଚାର ଚାଲିଥାଏ। ଏହି ସମୟରେ ଇଂରେଜ ସରକାରଙ୍କ ଡେପୁଟି ସୁପରିଟେଣ୍ଡେଣ୍ଟ ଓ ସରକାରୀ ଓକିଲଙ୍କୁ ହତ୍ୟା କରାଗଲା। ଏହି ଦୋଷରେ ଯତୀନ୍‌ଙ୍କୁ ସରକାର ଗିରଫ କଲେ। କିଛି ଦିନପରେ ଯତୀନ୍ ଜେଲ୍‌ରୁ ମୁକ୍ତି ଲାଭକଲେ।

ପ୍ରଥମ ବିଶ୍ୱ ଯୁଦ୍ଧ ଚାଲିଥାଏ। ଏହି ସମୟରେ ଯତୀନ୍ ଦେଶପ୍ରେମୀମାନଙ୍କୁ ଏକଜୁଟ କଲେ। ଚତୁରତାର ସହିତ ଯତୀନ୍ ହାଓ୍ୱଡାରେ ଥିବା ଇଂରେଜମାନଙ୍କର ଅସ୍ତ୍ରଭଣ୍ଡାରରୁ ଅସ୍ତ୍ର ଚୋରାଇ ଆଣିଲେ। ଯତୀନଙ୍କୁ ପୋଲିସ୍ ଧରିବା ପାଇଁ ଚାରିଆଡେ ଜାଲ ବିଛାଇଲା। ତେଣୁ ଯତୀନ୍ ପଞ୍ଜାବ ପଳାଇଲେ। ସେ ବର୍ମା, ସିଙ୍ଗାପୁର, ଜାଭା ଆଦି ବହୁ ସ୍ଥାନରେ ଲୋକମାନଙ୍କୁ ସ୍ୱାଧୀନତା ପାଇଁ ମତାଇଲେ। ଗୋରା ସରକାରଙ୍କ ସହିତ ଲଢ଼ିବା ପାଇଁ ଆସ୍ତ୍ରଶସ୍ତ୍ର ଆବଶ୍ୟକତା ଯୋଗୁ ସେ ଜର୍ମାନ୍ ଓ ଜାପାନ ସହିତ ସମ୍ପର୍କ ରଖିଲେ। ଜର୍ମାନରୁ ଅସ୍ତ୍ର ଆସିବା ଠିକ୍ ହେଲା। ଦେଶଭକ୍ତମାନଙ୍କୁ ଏକତ୍ରିତ କରି କାର୍ଯ୍ୟ କରିବା ପାଇଁ 'ହରି ଏଣ୍ଡସନ୍' ଓ ଶ୍ରମଜୀବୀ ସମବାୟ ଅନୁଷ୍ଠାନ ଏବଂ ବାଲେଶ୍ୱରରେ 'ୟୁନିଭର୍ସାଲ୍ ଏମ୍ପୋରିୟମ୍' ନାମକ ଅନୁଷ୍ଠାନ ସ୍ଥାପନ କରାଗଲା। ଜର୍ମାନରୁ ତିନୋଟି ଗୋଳାବାରୁଦ ବୋଝେଇ ଜାହାଜ ଭାରତକୁ ଆସିଲା। ମେଭ୍‌ରିକ୍ ଜାହାଜରୁ ଅସ୍ତ୍ରଶସ୍ତ୍ର ବାଲେଶ୍ୱର ଉପକୂଳରେ ଓହ୍ଲାଇବା ପାଇଁ ଯତୀନ୍ ଦାୟିତ୍ୱ ନେଲେ। ତାଙ୍କ ସହିତ ଯତୀନ୍ଦ୍ର ପାଲ ନରେନ୍ଦ୍ର ଦାସଗୁପ୍ତ, ମନୋରଞ୍ଜନ ସେନଗୁପ୍ତ, ଚିତ୍ତପ୍ରିୟ ରାୟ କପ୍ତିପଦା ଜଙ୍ଗଲରେ ସନ୍ନ୍ୟାସୀ ବେଶରେ ଲୁଚିକରି ରହିଥିଲେ। ଫ୍ରାନ୍ସ ସରକାର ମେଭ୍‌ରିକ୍ ଜାହାଜର ସନ୍ଧାନ ଇଂରେଜ ସରକାରଙ୍କୁ ଜଣାଇ ଦେବାରୁ ଯତୀନ୍‌ଙ୍କର ସମସ୍ତ ପରିଶ୍ରମ ବ୍ୟର୍ଥ ହେଲା। ମେଭ୍‌ରିକ୍ ଜାହାଜ ଉପରେ ଇଂରେଜମାନଙ୍କର ଚାରୋଟି ଜାହାଜ ଚଢ଼ଉ କରିଦେଲେ। ସାଙ୍ଗରେ ଆଣିଥିବା ସମସ୍ତ ଅସ୍ତ୍ରଶସ୍ତ୍ରକୁ ସେମାନେ ସମୁଦ୍ରରେ ଫୋପାଡିଦେଇ ଚାଲିଗଲେ।

ଇଂରେଜ ସରକାର ଆନ୍ଦୋଳନକାରୀମାନଙ୍କର ଆନ୍ଦେଳନକୁ ଦମନ କରିବାକୁ ସବୁପ୍ରକାର ପନ୍ଥା ଅବଲମ୍ବନ କରୁଥାଆନ୍ତି। ସେମାନେ ଖବର ପାଇଲେ ଯେ କିଛି ଆନ୍ଦୋଳନକାରୀ ସନ୍ନ୍ୟସୀ ବେଶରେ କପ୍ତିପଦା ଜଙ୍ଗଲରେ ରହୁଛନ୍ତି। ସେମାନେ କାଳବିଳମ୍ବ ନକରି କପ୍ତିପଦା ଜଙ୍ଗଲକୁ ଚାରିପଟୁ ଘେରିଗଲେ। ଯତୀନ୍ ଓ ତାଙ୍କର ସାଥିମାନେ କୌଶଳରେ ଜଙ୍ଗଲରୁ ପଳାଇ ଯାଇ ରେଳଗାଡି ଯୋଗେ ଦୂରକୁ ପଳାଇଗଲେ। ବିପଦର ସୂଚନା ପାଇଁ ଯତୀନ୍ ଓ ତାଙ୍କର ସାଥିମାନେ ଚଳନ୍ତା ରେଳଗାଡିରୁ ଡେଇଁପଡିଲେ। ବୁଢ଼ାବଳଙ୍ଗ ନଦୀ କୂଳରେ ଥିବା ଚଷାଖଣ୍ଡ ଗାଁ ନିକଟରେ ଦୁଇଜଣ ଇଂରେଜ ଗୋଲାମ ସୁଦାମ ଗିରି ଓ ରାଜୁ ମହାନ୍ତି ଯତୀନ୍‌ଙ୍କୁ ଚିହ୍ନିପାରି ଇଂରେଜମାନଙ୍କୁ ଖବର ଦେଇଦେଲେ। କାଳ ବିଳମ୍ବ ନକରି ଇଂରେଜ ସରକାର ଚଷାଖଣ୍ଡ ଗାଁ ନିକଟ ଜଙ୍ଗଲକୁ ଘେରିଗଲେ। ଉଭୟଙ୍କ ମଧ୍ୟରେ ଚାଲିଲା ଘାମାଘୋଟ ଲଢ଼େଇ। ଯତୀନ୍ ଗୁଳିର ଜବାବ ଗୁଳିରେ ଦେଲେ। ଯତୀନ୍ ଓ ତାଙ୍କ ସାଙ୍ଗମାନଙ୍କ ଗୁଳିମାଡରେ ଇଂରେଜ ସୈନ୍ୟମାନେ ଛିନ୍ନଛତ୍ର ହୋଇଗଲେ। ଇଂରେଜ ସୈନିକଙ୍କ ଗୁଳିରେ ଚିତ୍ତପ୍ରିୟ ଟଳିପଡିଲେ। ଯତୀନ୍ ଗୁଳିମାଡରେ ମୂର୍ଚ୍ଛା ହୋଇଗଲେ। ଇଂରେଜ ସୈନ୍ୟମାନେ ତାଙ୍କୁ ବାଲେଶ୍ୱର ଡାକ୍ତରଖାନାକୁ ନେଇଗଲେ। ଅତ୍ୟଧିକ ରକ୍ତସ୍ରାବ ଯୋଗୁ ଯତୀନ୍‌ଙ୍କ ସ୍ୱାସ୍ଥ୍ୟ ଖରାପ ହୋଇଗଲା। ସେ ପାଣି ପାଣି ବୋଲି ଚିତ୍କାର କଲେ। ଟେଗାର୍ଟ ସାହେବ ତାଙ୍କୁ ପାଣି ଦେବାରୁ ସେ ପାଣି ଫେରାଇ ଦେଇ କହିଲେ ଟେଗାର୍ଟ ସାହେବ ପାଣି ବଦଳରେ ତୁମେ କଣ ମୋ ଦେଶକୁ ଛାଡି ଚାଲିଯାଇପାରିବ। ମୋ ଦେଶବାସୀଙ୍କୁ ସ୍ୱାଧୀନତା ଫେରାଇ ଦେଇପାରିବ। ଟେଗାର୍ଟ ସାହେବ ଯତୀନ୍‌ଙ୍କର ଏଭଳି ଦେଶଭକ୍ତି ଦେଖି ନିରବ ରହିଲେ। ଶେଷରେ ୧୯୧୫ ମସିହା ସେପ୍ଟେମ୍ବର ମାସ ୧୦ ତାରିଖରେ ବିପ୍ଳବୀ ବାଘାଯତୀନ୍ ଭାରତମାତାଙ୍କୁ ପ୍ରଣାମ କରି ଶେଷ ନିଶ୍ୱାସ ତ୍ୟାଗକରି ସବୁଦିନ ପାଇଁ ଆଖି ବୁଜିଦେଲେ। ହେଲେ ଆଜି ବି ସେହି ମହାନ ବିପ୍ଳବୀଙ୍କର ବାଣୀ ଆମମାନଙ୍କ ହୃଦୟରେ ଗୁଞ୍ଜରିତ ହେଉଛି।

*ପାରାଦ୍ୱୀପଗଡ, କୁଜଙ୍ଗ, ଜଗତ୍‌ସିଂହପୁର*
*ଦୂରଭାଷ: ୯୯୩୭୬୯୧୪୭୫*















# ମା' ଶାରଳାଙ୍କ ପୀଠ ଓ ଗୋରେଖନାଥ ପୀଠ ଖୋଲିବାକୁ ସାଧାରଣରେ ଦାବି

**ଜଗତସିଂହପୁର :** ସମଗ୍ର ରାଜ୍ୟରେ ଦିନକୁ ଦିନ କରୋନା ପରିସ୍ଥିତିରେ ସୁଧାର ଆସୁଥିବା ବେଳେ ଜଗତସିଂହପୁର ଜିଲ୍ଲାରେ ଏହାର ପ୍ରଭାବ ମଧ୍ୟ ପଡି କରୋନା ଆକ୍ରାନ୍ତ ମାନଙ୍କ ସଂଖ୍ୟା କମି କମି ଚାଲୁଥିବାର ଦେଖିବାକୁ ମିଳୁଛି। ଏହି କରୋନା କାରଣରୁ ଜିଲ୍ଲାର ବିଭିନ୍ନ ମଠ, ମନ୍ଦିର ମାନଙ୍କରେ ଦିର୍ଘ ନଅ ମାସ ଧରି ଭକ୍ତ ମାନଙ୍କୁ ଦର୍ଶନ ମିଳୁନଥିବାରୁ ସାଧାରଣରେ ଘୋର ଅସନ୍ତୋଷ ମଧ୍ୟ ଦେଖା ଗଲାଣି। ସରକାର ମଠ, ମନ୍ଦିର ଖୋଲିବା ପାଇଁ ଜିଲ୍ଲାପାଳଙ୍କୁ ସ୍ଥିତିର ସମିକ୍ଷାକରି ନିଷ୍ପତ୍ତି ଗ୍ରହଣ କରିବାକୁ ନର୍ଦ୍ଦେଶ ଦେଇଥିଲେବି ଜଗତସିଂହପୁର ଜିଲ୍ଲାର ପ୍ରସିଦ୍ଧ ପୀଠ ଝଙ୍କଡ ଶାରଳା ଓ ପ୍ରସିଦ୍ଧ ବିଭୂତି କ୍ଷେତ୍ର ଗୋରେଖନାଥ ମନ୍ଦିର ଖୋଲିବାକୁ ନେଇ ଜିଲ୍ଲାପାଳ ଏପର୍ଯ୍ୟନ୍ତ ଏହା ଉପରେ କୌଣସି ନିଷ୍ପତ୍ତି ଗ୍ରହଣ କରିପାରିନଥିବାରୁ ପୁରୁଷ ପୁରୁଷ ଧରି ନିଜର ଜୀବନ, ଜୀବିକା ଓ ବୃତ୍ତି ଉପରେ ନିର୍ଭର କରି ଚଳୁଥିବା ପୂଜକ ଓ ସେବାୟତ ମାନଙ୍କ ଆର୍ଥିକ ପରିସ୍ଥିତି ଅତ୍ୟନ୍ତ ଶୋଚନୀୟ ହୋଇଯିବାକୁ ବସିଲାଣି। ଏପରିକି କେତେକ ପୂଜକ ଓ ସେବକ ମାନେ ଆମ ଜିଲ୍ଲାପାଳ ସରୋଜ କୁମାର ମିଶ୍ର ଜଣେ ବ୍ରାହ୍ମଣ ସମ୍ପ୍ରଦାୟ ବ୍ୟକ୍ତି ହୋଇଥିବାରୁ ଏଦିଗରେ ଯଥା ଶୀଘ୍ର ନିଷ୍ପତ୍ତି ନେଇ ପାରିବେ ବୋଲି ମତ ବ୍ୟକ୍ତ କରିଥିଲେ। କରୋନା ପାଇଁ ଭକ୍ତ ମାନଙ୍କୁ ମନ୍ଦିର ପ୍ରବେଶ ବନ୍ଦ କରିଦେଇଥିବା ଯୋଗୁ ସେମାନେ ଜୀବିବା ହରେଇବାକୁ ବସିଲେଣି। ଏପରିକି ଶାରଳା ମନ୍ଦିର ଓ ଗୋରେଖନାଥ ପୀଠ ମାନଙ୍କରେ ଥିବା ଭୋଗ ଦୋକାନି ମାନେ ବି ସେମାନଙ୍କର କୌଳିକ ବୃତ୍ତିକୁ ହରାଇ ଦେଲେଣି। ମନ୍ଦିର ପାର୍ଶ୍ୱ ମାନଙ୍କରେ ଥିବା ଦେକାନରେ ଭୋଗ ସାମଗ୍ରି ଟିକେ ଖୋଜିଲେ ବି ମିଳୁନାହିଁ, ହେଲେ ଜିଲ୍ଲାର ବିଭିନ୍ନ ସ୍ଥାନ ମାନଙ୍କରେ ହେଉଥିବା ବାହାଘର ଓ ଅନ୍ତେଷ୍ଟି କ୍ରିୟା ମାନଙ୍କରେ ପାଞ୍ଚ ଶହରୁ ହଜାର ହଜାର ସଂଖ୍ୟକ ଲୋକ ମଉଜ ମଜଲିସ କରି ଖାଉଥିବା ବେଳେ ସେଠାରେ କୌଣସି ଲୋକ ମାନଙ୍କର ମୁହଁରେ ମାସ୍କ ପିନ୍ଧି ଥିବାର ଦେଖିବାକୁ ମିଳୁନାହିଁ କି ସାମାଜିକ ଦୁରତା କଟକଣା କୁ ମଧ୍ୟ ରକ୍ଷା କରାଯାଉ ନାହିଁ। ଏପରିକି ବିବାହ ମଣ୍ଡପ ମାନଙ୍କରେ ମାଇକ୍, ଡିଜେ ସାଉଣ୍ଡ ଓ ନାଚ ଗୀତ ଗୁଡିକ ଖୁବ ଧୁମ ଧଡକାରେ ହେଉଥିବାର ଦେଖିବାକୁ ମିଳିଥିବା ବେଳେ ଦିନ ହେଉ ବା ରାତି ବଡ ବଡ ଗୋଲା ବାଣ ଫୁଟାଯାଇ ବାୟୁମଣ୍ଡଳ ପ୍ରଦୁଷଣ କରାଯାଉଥିବାର ଦେଖିବାକୁ ମିଳୁଛି। ଜିଲ୍ଲାର ସମସ୍ତ ଗ୍ରାମାଞ୍ଚଳ ଠାରୁ ଆରମ୍ଭକରି ବଜାର ପର୍ଯ୍ୟନ୍ତ ସବୁଆଡେ ଜଳଖିଆ ଦୋକାନ ଓ ହୋଟେଲ ଇତ୍ୟାଦି ଖୋଲାଯାଇଥିବା ବେଳେ ମନ୍ଦିର ଖୋଲାଯିବାକୁନେଇ ଅହେତୁକ ବିଳମ୍ବ କାହିଁକି କରାଯାଉଛି ବୋଲି ବହୁ ସେବକ ମାନେ ସେମାନଙ୍କ ଦୁଃଖ ପ୍ରକାଶ କରୁଛନ୍ତି। ଏପରିକି ସମସ୍ତ ଗ୍ରାମାଞ୍ଚଳ ମାନଙ୍କରେ ଅଷ୍ଟମ ପ୍ରହରୀ, ଚତୁର୍ଥ ପ୍ରହରୀ ଓ ନାମ ଯଜ୍ଞ ହୋଇ ଲାଇଟ, ମାଇକ୍ ବଜାଇ ଭୂରି ଭୋଜନ ହେଉଥିବାର ଦେଖିବାକୁ ମିଳୁଥିବା ବେଳେ ଏଠାରେ ତ କାହିଁକି କରୋନା କଟକଣାକୁ ମନାଯାଉନଥିବାର ଦେଖିବାକୁ ମିଳୁଛି। ବିବାହ ଘର ଓ ଅନ୍ତେଷ୍ଟି କ୍ରିୟା ମାନଙ୍କରେ ଭୋଜି ଭାତ ପାଇଁ ଥାନା ଅଧିକାରୀ ମାନେ ସରକାରଙ୍କ ଦ୍ୱାରା ନିର୍ଦ୍ଧାରିତ ହୋଇଥିବା ଦୁଇ ଶହ ଲୋକ ଏବଂ ପଚାଶ ଲୋକ ମାନଙ୍କ ପାଇଁ ଅନୁମତି ଥିବାବେଳେ ସେମାନେ ହାତ ଗୁଞ୍ଜା ନେଇ ହଜାର ହଜାର ଲୋକ ମାନଙ୍କୁ ଏକତ୍ର କରି ଖାଇବାକୁ ଦେବା ପାଇଁ ଭିତିରିଆ ସମର୍ଥନ କରିଦେଉଥିବାର ଦେଖିବାକୁ ମିଳୁଛି। ଏପରିକି ଏସମ୍ପର୍କରେ ଗ୍ରାମବାସୀ କିମ୍ବା ରାସ୍ତାରେ ଯାତାୟତ କରୁଥିବା ଲୋକ ଥାନା ଅଧିକାରୀ ମାନଙ୍କୁ ଜଣାଉଥିଲେ ବି ବିବାହ ସ୍ଥାନ ହେଉ ବା ଅନ୍ତେଷ୍ଟି କ୍ରିୟା କିମ୍ବା ବଣ ଭୋଜି ହେଉଥିବା ସ୍ଥାନ ମାନଙ୍କୁ ଆଦୌ ଯାଉ ନାହାନ୍ତି। ଯଦି ଏପରି କଟକଣା ସମସ୍ତ ସରକାରି ବାବୁ ମାନଙ୍କ ଜାଣତରେ ହୋଇପାରୁଛି ତେବେ ମଠ, ମନ୍ଦିର ଖୋଲିବା ନିମନ୍ତେ ଏପରି କାହିଁକି ନିର୍ଦ୍ଦେଶ ପାଳନ କରାଯାଉଛି ବୋଲି ବହୁ ବୁଦ୍ଧିଜୀବି ମାନଙ୍କ ମହଲରେ ଆଲୋଚନା ହେଉଥିବା ବେଳେ ଯେଉଁ ଭକ୍ତ ତାଙ୍କର ମାନସିକ ଥିଲାଯେ କୌଣସି ଦେବା ଦେବୀଙ୍କ ପୀଠମାନଙ୍କରେ ଭୋଜି ଭାତ ଦେବା ପାଇଁ ଆଜି ସେଥିରୁ ସେମାନେ ନିବୃତ ରହୁଥିବା ବେଳେ ମନ୍ଦିର ପ୍ରବେଶ ମଧ୍ୟ କରି ପାରୁ ନାହାନ୍ତି। ଏ ଦିଗରେ ଯଦି ଜିଲ୍ଲାପାଳ ଡିସେମ୍ବର ମାସ ଶେଷ ସୁଦ୍ଧା ମନ୍ଦିର ଖୋଲିବା ନିମନ୍ତେ ସେମାନଙ୍କୁ ଡାକି ଆଲୋଚନା କରି ପଦକ୍ଷପ ଗ୍ରହଣ ନକରନ୍ତି ତେବେ ପୂଜକ ଓ ସେବାୟତ ମାନେ ସେମାନଙ୍କ ପରିବାର ସଦସ୍ୟ ମାନଙ୍କୁ ଧରି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଘଣ୍ଟ ବାଡେଇ ଧାରଣା ଦେବେ ବୋଲି ଶାରଳା ମନ୍ଦିର ପୂଜକ ପକ୍ଷରୁ ମିହିର କୁମାର ନାୟକ(ଗୋଲା ନନା),ବସନ୍ତ କୁମାର ରାଉଳ, ଉଦୟନାଥ ରାଉଳ, କାହ୍ନା ରାଉଳ, ବୈରାଗୀ ରାଉଳ ଓ ଗୋରେଖନାଥ ପୀଠ ପୂଜକ ନନାଙ୍କ ପକ୍ଷରୁ ଅନୀଲ କୁମାର ଦାଶ, କୈଳାଶ ଚନ୍ଦ୍ର ଦାଶ, କୃଷ୍ଣ ଚନ୍ଦ୍ର ଦାଶ, ସ୍ମୃତିରଞ୍ଜନ ପଣ୍ଡା, ଜ୍ଞାନ ରଞ୍ଜନ ପଣ୍ଡା, ଦିଲ୍ଲିପ କୁମାର ପଣ୍ଡା ଓ ଆଲୋକ କୁମାର ପଣ୍ଡା ପ୍ରମୁଖ ଦାବି କରିଛନ୍ତି।

# 'ପୂର୍ବ ଭାରତର ପ୍ରମୁଖ ବସ୍ ଟର୍ମିନାଲ ହେବ ବରମୁଣ୍ଡା'



**ଭୁବନେଶ୍ୱର :** ଭୁବନେଶ୍ୱରର ବରମୁଣ୍ଡା ବସ୍ ଷ୍ଟାଣ୍ଡ ରାଜ୍ୟର ସବୁଠାରୁ ବ୍ୟସ୍ତବହୁଳ ବସ୍ ଷ୍ଟାଣ୍ଡ। ରାଜ୍ୟର ବିଭିନ୍ନ ସ୍ଥାନକୁ ଏଠାରୁ ବସ୍ ଚଳାଚଳ କରିଥାଏ। ହଜାର ହଜାର ଯାତ୍ରୀ ମଧ୍ୟ ପ୍ରତିଦିନ ବିଭିନ୍ନ ସ୍ଥାନକୁ ବସ୍ ଯୋଗେ ଯାଇଥାନ୍ତି। ତେଣୁ ଏହାକୁ ଅତ୍ୟାଧୁନିକ ରୂପ ଦେବା ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶକ୍ରମେ କାମ ଆରମ୍ଭ ହୋଇଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବରମୁଣ୍ଡାର ଆନ୍ତଃରାଜ୍ୟ ବସ୍ ଟର୍ମିନାଲ ନିର୍ମାଣ କାର୍ଯ୍ୟ ବୁଲି ଦେଖିବା ସହ ଏହି କାର୍ଯ୍ୟର ଅଗ୍ରଗତି ସମ୍ପର୍କରେ ସମୀକ୍ଷା କରିଥିଲେ। ଏହି ପ୍ରକଳ୍ପର ଦୁଇଟି ଭାଗ ରହିଛି। ଗୋଟିଏ ଖଣ୍ଡଗିରିସ୍ଥ ବସ୍ ଡିପୋ ଏବଂ ଅନ୍ୟଟି ବରମୁଣ୍ଡା ଆନ୍ତଃରାଜ୍ୟ ବସ୍ ଟର୍ମିନାଲ। ଖଣ୍ଡଗିରି ବସ୍ ଡିପୋ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଯାଇଛି ଏବଂ ମୁଖ୍ୟମନ୍ତ୍ରୀ ବୁଲି ଦେଖିଥିଲେ ଏବଂ ଉନ୍ନତ ନିର୍ମାଣ କାର୍ଯ୍ୟ ସହିତ ବସ୍ ରହିବାର ସୁବ୍ୟବସ୍ଥା ହୋଇଥିବାରୁ ସନ୍ତୋଷ ପ୍ରକାଶ କରିଥିଲେ। ବରମୁଣ୍ଡା ଆନ୍ତଃରାଜ୍ୟ ବସ୍ ଟର୍ମିନାଲକୁ ପୂର୍ବ ଭାରତର ପ୍ରମୁଖ ବସ୍ ଟର୍ମିନାଲ୍ ଭାବରେ ଗଢ଼ି ତୋଳିବାକୁ ରାଜ୍ୟ ସରକାରଙ୍କର ଲକ୍ଷ୍ୟ ରହିଛି। ଅତ୍ୟାଧୁନିକ ଡିଜାଇନ ସହିତ ଯାତ୍ରୀମାନଙ୍କର ସୁବିଧା ସୁଯୋଗ, ବସ୍ ମାନଙ୍କର ପ୍ରଶସ୍ତ ପ୍ରବେଶ ଓ ପ୍ରସ୍ଥାନ ତଥା ବାଣିଜ୍ୟିକ ସ୍ଥାନ ଆଦି ଉପରେ ଏଥିରେ ସ୍ୱତନ୍ତ୍ର ଗୁରୁତ୍ୱ ଦିଆଯାଇଛି। ମୁଖ୍ୟମନ୍ତ୍ରୀଙ୍କ ୫-ଟି କାର୍ଯ୍ୟକ୍ରମ ଅଧୀନରେ ଏହି ଆନ୍ତଃରାଜ୍ୟ ବସ୍ ଟର୍ମିନାଲ ରୂପାନ୍ତରୀକରଣ କାର୍ଯ୍ୟ ହାତକୁ ନିଆଯାଇଛି। ଏହି କାର୍ଯ୍ୟ ପାଇଁ ମୋଟ ୧୮୦ କୋଟି ଟଙ୍କା ଖର୍ଚ୍ଚ ହେବ ଏବଂ ୧୮ ମାସ ମଧ୍ୟରେ କାର୍ଯ୍ୟ ସମ୍ପୂର୍ଣ୍ଣ ହେବ ବୋଲି ମୁଖ୍ୟମନ୍ତ୍ରୀ ଘୋଷଣା କରିଥିଲେ। ଏହା ଭୁବନେଶ୍ୱରର ନ୍ୟୁ ଲ୍ୟାଣ୍ଡ ମାର୍କ ହେବ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ମୁଖ୍ୟମନ୍ତ୍ରୀଙ୍କ ଏହି ପରିଦର୍ଶନ ସମୟରେ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା, ବିଧାୟକ ଅନନ୍ତ ନାରାୟଣ ଜେନା, ସୁଶାନ୍ତ ରାଉତ, ମୁଖ୍ୟ ଶାସନ ସଚିବ ଅସିତ ତ୍ରିପାଠୀ, ମୁଖ୍ୟମନ୍ତ୍ରୀଙ୍କ ସଚିବ (୫-ଟି) ଭିକେ ପାଣ୍ଡିଆନ, ଭୁବନେଶ୍ୱର ମହାନଗର ନିଗମର କମିଶନର ଓ ପୋଲିସ କମିଶନର ସମେତ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।


# ଆକ୍ସନ ମୁଡ୍‌ରେ ଭିଜିଲାନ୍ସ ଟିମ୍

## ଲାଞ୍ଚ ନେଇ ଧରାପଡିଲେ ପ୍ରାଣୀଧନ ଚିକିତ୍ସକ



**ଭୁବନେଶ୍ୱର :** ଦୁର୍ନୀତି ବିରୁଦ୍ଧରେ କଡା ଆଭିମୁଖ୍ୟ ଦେଖାଉଛି ଭୁବନେଶ୍ୱର ଭିଜିଲାନ୍ସ ବିଭାଗ। ଭିଜିଲାନ୍ସ ଆଡିସ୍‌ନାଲ ଏସ୍‌ପି ଅକ୍ଷୟ କୁମାର ମିଶ୍ରଙ୍କ ନେତୃତ୍ୱରେ ଗଠିତ ଟିମ୍ ଲାଞ୍ଚୁଆ ଅଫିସରଙ୍କୁ ଗୋଡାଇ ଧରୁଛନ୍ତି। ନିକଟରେ ଫନି ସହାୟତା ଯୋଗାଇ ଦେବାକୁ କହି ଲାଞ୍ଚ ନେବା ବେଳେ ଭିଜିଲାନ୍ସ ହାତରେ ଧରାପଡିଛନ୍ତି ପିପିଲି ପ୍ରାଣୀଧନ ଚିକିତ୍ସକ ଡା. ସୁରେଶ ଚନ୍ଦ୍ର ବେହେରା। ଆୟ ବହିର୍ଭୂତ ସମ୍ପତ୍ତି ଠୁଳ କରିଥିବା ସନ୍ଦେହରେ ଭିଜିଲାନ୍ସ ଖୋଳତାଡ ଆରମ୍ଭ କରାଯାଇଥିଲା। ଶ୍ରୀ ବେହେରାଙ୍କ ବାସଭବନ ସମେତ ବସନ୍ତପେଡି ଗ୍ରାମରେ ରହୁଥିବା ଅନ୍ୟ ଜଣେ ସମ୍ପର୍କୀୟଙ୍କ ଘରେ ଭିଜିଲାନ୍ସ ଟିମ୍ ଚଢ଼ଉ କରିଥିଲା। ସୂଚନାଥାଉ କି, ବାସୁପର ଗାଁର ପ୍ରତାପ ଖଟୋଇଙ୍କର ଏକ କୁକୁଡା ଫାର୍ମ ଥିଲା। ଫନି ବାତ୍ୟାରେ ଫାର୍ମଟି ଭାଙ୍ଗି ଯାଇଥିଲା। ପ୍ରାଣୀ ସମ୍ପଦ ବିକାଶ ବିଭାଗ ପକ୍ଷରୁ ଅନୁସନ୍ଧାନ ପରେ କ୍ଷତିପୂରଣ ବାବଦକୁ ପ୍ରତାପଙ୍କୁ ୧ଲକ୍ଷ ଟଙ୍କା ମିଳିବ ବୋଲି ଘୋଷଣା କରାଯାଇଥିଲା। ପ୍ରଥମ ପର୍ଯ୍ୟାୟରେ ତାଙ୍କୁ ୩୦ ହଜାର ଟଙ୍କା ମିଳିଥିଲା। ଦାନା, ଚିଆଁ ଓ ଔଷଧପତ୍ର ଖର୍ଚ୍ଚ ବାବଦରେ ବାକି ୭୦ ହଜାର ଟଙ୍କା ପ୍ରଦାନ କରିବା ପାଇଁ ପ୍ରତାପ ଡା. ବେହେରାଙ୍କୁ ଅନୁରୋଧ କରିଥିଲେ। ହେଲେ ଏଥିପାଇଁ ଡାକ୍ତର ବେହେରା ତାଙ୍କୁ ଅଢ଼େଇ ହଜାର ଟଙ୍କା ଲାଞ୍ଚ ମାଗିଥିଲେ। ତେଣୁ ପ୍ରତାପ ଭୁବନେଶ୍ୱର ଭିଜିଲାନ୍ସ ଡିଭିଜନର ଦ୍ୱାରସ୍ଥ ହୋଇଥିଲେ। ଭିଜିଲାନ୍ସ ନିର୍ଦ୍ଦେଶ ମୁତାବକ ପ୍ରତାପ ଟଙ୍କା ଦେବା ପାଇଁ ଡାକ୍ତର ବେହେରାଙ୍କୁ ଉତ୍ତରାଛକ ସରଦେଇପୁର ରାସ୍ତାକୁ ଡାକିଥିଲେ। ସେଠାରେ ସେ ଟଙ୍କା ନେଉଥିବା ବେଳେ ଭିଜିଲାନ୍ସ ଦ୍ୱାରା ଧରାପଡିଥିଲେ।

# ଅଙ୍ଗନୱାଡ଼ି ଗୃହ ନିର୍ମାଣକୁ ନେଇ ତୁଟୁନି ଅଡୁଆ; ଚିନ୍ତାରେ ଅଭିଭାବକ



**ଭଦ୍ରକ,(ବିକାଶ କୁମାର ଧଳ):** ଅଙ୍ଗନବାଡ଼ି କେନ୍ଦ୍ର ଗୁଡ଼ିକର ଗୃହ ନିର୍ମାଣ ପାଇଁ ସରକାରୀ ସ୍ତରରେ ବିଭିନ୍ନ ପ୍ରକାର ଯୋଜନା ମାଧ୍ୟମରେ ଅର୍ଥ ମଂଜୁର ହେଉଥିଲେ ସୁଦ୍ଧା ଉକ୍ତ ଗୃହ ଗୁଡ଼ିକ ନିର୍ଦ୍ଧାରିତ ସମୟ ମଧ୍ୟରେ ସମ୍ପୂର୍ଣ୍ଣ ହୋଇ ପାରୁନଥିବାରୁ ଏହା ବିଭାଗୀୟ ଅଧିକାରୀଙ୍କ କାର୍ଯ୍ୟପନ୍ଥା ଉପରେ ଅଙ୍ଗୁଳି ନିର୍ଦ୍ଦେଶ କରୁଛି । ମହିଳା ଓ ଶିଶୁଙ୍କର ସର୍ବାଙ୍ଗୀନ ଉନ୍ନତିକୁ ଲକ୍ଷ୍ୟରେ ସରକାର ଅଙ୍ଗନବାଡ଼ି କେନ୍ଦ୍ରମାନ ପ୍ରତିଷ୍ଠା କରିଥିଲେ । ଜନ୍ମ ଠାରୁ ୬ ବର୍ଷ ବୟସ ପର୍ଯ୍ୟନ୍ତ ପ୍ରତି ଶିଶୁଙ୍କୁ ଟୀକାକରଣ, ସ୍ୱାସ୍ଥ୍ୟ,ପୃଷ୍ଟିହୀନତା ଦୂରୀକରଣ, ଶିକ୍ଷା, ପ୍ରାପ୍ତ ବୟସ୍କାଙ୍କୁ ଶାରୀରିକ ଶିକ୍ଷା ପ୍ରଦାନ ଆଦି ଅଙ୍ଗନବାଡ଼ି କେନ୍ଦ୍ରର କାର୍ଯ୍ୟ ରହିଛି । କିନ୍ତୁ ବହୁ କେନ୍ଦ୍ରର ନିଜସ୍ୱ ଗୃହ ନଥିବାରୁ ଏହି ସବୁ କାର୍ଯ୍ୟର ସଫଳ ରୂପାୟନ ହୋଇ ପାରୁ ନଥିବା ପରିଲକ୍ଷିତ ହେଉଛି । ଏହି ପରି ଏକ ଦୃଷ୍ଟାନ୍ତ ଦେଖିବାକୁ ମିଳିଛି ଭଦ୍ରକ ଜିଲା ବନ୍ତ ବ୍ଲକ କାଦବରାଙ୍ଗ ଅଂଚଳରେ । ବନ୍ତ ବ୍ଲକର ୨୫ ଟି ପଂଚାୟତରେ ୨୩୮ଟି ଅଙ୍ଗନବାଡ଼ି କେନ୍ଦ୍ର କାର୍ଯ୍ୟ କରୁଛି । ୨୫ଟି ପଂଚାୟତକୁ ୧୧ଟି ସେକ୍ଟରରେ ଭାଗ କରାଯାଇଛି । ତନ୍ମଧ୍ୟରୁ କାଦବରାଙ୍ଗ ସେକ୍ଟର ଅନ୍ୟତମ । ଉକ୍ତ ସେକ୍ଟର କାଦବରାଙ୍ଗ, ଓଡ଼ଙ୍ଗ ଓ ବଡ଼ବର୍ଦ୍ଧିକୟାଁ ପଂଚାୟତକୁ ନେଇ ଗଠିତ । ଜନସୂଚନା ଅଧିକାର ଆଇନ ବଳରେ ହସ୍ତଗତ ତଥ୍ୟ ଅନୁଯାୟୀ ଉକ୍ତ ସେକ୍ଟର ଅଧୀନରେ ୨୬ ଗୋଟି ଅଙ୍ଗନବାଡ଼ି କେନ୍ଦ୍ର ଅନ୍ତର୍ଭୁକ୍ତ । ତନ୍ମଧ୍ୟରୁ ଓଡ଼ଙ୍ଗ ପଂଚାୟତ ଅନ୍ତର୍ଗତ ବୋଡ଼କମୋହାଜିବ ଅନ୍ୟତମ । ୨୦୧୬-୧୭ ଆର୍ଥିକ ବର୍ଷରେ ଏମଜିଏନଆରଇଜିଏସ ଯୋଜନାରେ ମଂଜୁର ଅର୍ଥରେ ଏଠାରେ ଗୃହ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଥିଲା କିନ୍ତୁ ଇତି ମଧ୍ୟରେ ଗୃହ ନିର୍ମାଣକୁ ୫ ବର୍ଷ ବିତିବାକୁ ବସିଥିଲେ ମଧ୍ୟ ଗୃହ ନିର୍ମାଣ ସଂପୂର୍ଣ୍ଣ ହେଉନଥିବାରୁ ଏନେଇ ବିଭାଗୀୟ କନିଷ୍ଠ ଯନ୍ତ୍ରୀ ଅନ୍ନପୂର୍ଣ୍ଣ ସାହୁଙ୍କୁ ଯୋଗାଯୋଗ କରିବାରୁ ରାଜନେତାଙ୍କ ମଧ୍ୟରେ ଛକାପଂଝା ଲାଗିଥିବାରୁ କାର୍ଯ୍ୟ ସଂପୂର୍ଣ୍ଣ ହେବାରେ ବିଳମ୍ବ ଘଟୁଥିବାର ପ୍ରକାଶ କରିଥିଲେ । ସେହିପରି ସରପଂଚ କିଶୋର କିଙ୍ଗର ପଢିଆରୀଙ୍କୁ ଯୋଗାଯୋଗ କରିବାରୁ ସେ ଶାସକ ଦଳରେ ନଥିବାରୁ ଏହି କାର୍ଯ୍ୟ ଶାସକ ଦଳର ଲୋକେ କରିବାକୁ ଚାହୁଁ ଥିବାରୁ ଏଥିନେଇ ବିବାଦ ତୁଟୁ ନଥିବାରୁ ଗୃହ ନିର୍ମାଣରେ ବିଳମ୍ବ ଘଟୁଥିବା ପ୍ରକାଶ କରିଥିଲେ । ଏଠାରେ ପ୍ରକାଶ ଥାଉକି: ନିଜସ୍ୱ ଗୃହ ନଥିବାରୁ ବର୍ତ୍ତମାନ ବୋଡ଼କମୋହାଜିବ ସ୍କୁଲର ଏକ କୋଠରୀରେ ଏହି କେନ୍ଦ୍ର ଚାଲିଛି । ଉକ୍ତ ଗୃହରେ କେନ୍ଦ୍ରର ଅନ୍ୟ କାର୍ଯ୍ୟସହ ରୋଷେଇ କାର୍ଯ୍ୟ ମଧ୍ୟ ସଂପାଦନା ହେଉଛି । ଏହି କେନ୍ଦ୍ରର ନିଜସ୍ୱ ଗୃହ ନିର୍ମାଣ ପାଇଁ ଅର୍ଥ ମଂଜୁର ହୋଇଥିଲେ ମଧ୍ୟ ରାଜନେତା ତଥା ବିଭାଗୀୟ ଅଧିକାରୀଙ୍କ ଇଚ୍ଛାଶକ୍ତିର ଅଭାବ ଯୋଗୁଁ ଏହା ସମ୍ପୂର୍ଣ୍ଣ ହୋଇନପାରିବାକୁ ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି । ତେଣୁ ବିଭାଗୀୟ ଅଧିକାରୀ ସବୁ ଅଡୁଆ ତୁଟାଇ ଅସମ୍ପୂର୍ଣ୍ଣ ଗୃହକୁ ସମ୍ପୂର୍ଣ୍ଣ କରିବାକୁ ଚେଷ୍ଟିତ ହେବାକୁ ଅଭିଭାବକଙ୍କ ସମେତ ବୁଦ୍ଧିଜୀବୀ ମହଲରେ ଦାବି ହୋଇଛି।

## କରୋନା କଟକଣା ଭିତରେ ଶେଷ ହେଲା ଓକିଲ ସଂଘ ନିର୍ବାଚନ

# ସମ୍ପାଦକ ଭାବେ ରାଜକିଶୋର ନିର୍ବାଚିତ



**ଭୁବନେଶ୍ୱର :** ଶନିବାର ଭୁବନେଶ୍ୱର ଓକିଲ ସଂଘ ନିର୍ବାଚନ ଅନୁଷ୍ଠିତ ହୋଇଯାଇଛି। ଚଳିତ ବର୍ଷ ବିଭିନ୍ନ ପଦବୀ ପାଇଁ ପ୍ରାର୍ଥୀମାନେ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଥିବା ବେଳେ ସମ୍ପାଦକ ପଦବୀ ପାଇଁ ଜୋରଦାର ଲଢ଼େଇ ହୋଇଥିଲା। ସମୁଦାୟ ୧୭ଶହ ୨୪ଜଣ ଭୋଟ ଦେଇଥିଲେ। ରାଜକିଶୋର ଦାସ ସର୍ବାଧିକ ୧୧୮ ଖଣ୍ଡ ଭୋଟ ପାଇ ସମ୍ପାଦକ ଭାବେ ନିର୍ବାଚିତ ହୋଇଛନ୍ତି। ବିଶେଷକରି ଯୁବ ଆଇନଜୀବୀ ରାଜକିଶୋରଙ୍କ ସପକ୍ଷରେ ମତ ଦେଇଥିବା ଯାଇଥିବା ଜଣାଯାଇଛି। ନିର୍ବାଚନ ପୂର୍ବରୁ ରାଜକିଶୋରଙ୍କ ଓକିଲମାନଙ୍କ ସହ ଯେଉଁ ସମ୍ପର୍କ ରଖିଥିଲେ ନିର୍ବାଚନରେ ତାହାର ପ୍ରତିଫଳନ ଦେଖିବାକୁ ମିଳିଲା। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା କରୋନା ଆରମ୍ଭରୁ ଭୁବନେଶ୍ୱର କୋର୍ଟର ସବୁ ଓକିଲଙ୍କୁ ରାଜକିଶୋର ସଚେତନ କରିଆସୁଥିଲେ। ପ୍ରତିଦିନ ସାମାଜିକ ଦୂରତା ରକ୍ଷା କରିବା, ମାସ୍କ ପିନ୍ଧିବା ଓ ସାନିଟାଇଜ୍ ହୋଇ ରହିବା ପାଇଁ ମଧ ଓକିଲମାନଙ୍କୁ ବାର୍ତ୍ତା ଦେଇ ସତର୍କ କରାଉଥିଲେ। ଓକିଲ ସଂଘ ନିର୍ବାଚନ ଆରମ୍ଭରୁ ହିଁ ରାଜକିଶୋରଙ୍କ ଜିତିବା ନେଇ ସ୍ପଷ୍ଟ ବାରି ହୋଇପଡୁଥିଲା। ତାଙ୍କ ବିଜୟ ସୁନିଶ୍ଚିତ ହେବା ପରେ ଓକିଲମାନଙ୍କ ମଧ୍ୟରେ ଖୁସିର ଲହରି ଖେଳିଯାଇଥିଲା। ରାଜକିଶୋର ଏଥିପାଇଁ ଆଇନଜୀବୀମାନଙ୍କୁ ଧନ୍ୟବାଦ ଜଣାଇବା ସହ ଆନ୍ତରିକ କୃତଜ୍ଞତା ଜଣାଇଛନ୍ତି। ସେହିପରି କୋଷାଧ୍ୟକ୍ଷ ଭାବେ ଶକ୍ତି ପ୍ରସାଦ ଛୋଟରାୟ ଓ ସହ ସମ୍ପାଦକ ଭାବେ ରୋଜାଲିନ ପ୍ରଧାନ ନିର୍ବାଚନରେ ବିଜୟ ଲାଭ କରିଛନ୍ତି। ଚଳିତ ବର୍ଷ ନିର୍ବାଚନରେ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଥିବା ଆଇନଜୀବୀମାନେ ହେଉଛନ୍ତି, ମହମ୍ମଦ ଜିଓ୍ୱାଲ ହକ୍ ସଭାପତି, ପ୍ରଶାନ୍ତ କୁମାର ମହାନ୍ତି ଉପ-ସଭାପତି, ବିଶ୍ୱରଞ୍ଜନ ସାହୁ ଯୁଗ୍ମ ସମ୍ପାଦକ, ଅଭିଜିତ ମିଶ୍ର, ଅମୂଲ ପ୍ରସାଦ ନାୟକ, ଅନିଲ କୁମାର ଶାହା, ଅନ୍ତର୍ଯ୍ୟାମୀ ବିଶ୍ୱାଳ, କାଳୁ ଚରଣ ସେଠୀ, ନାରାୟଣ ଜେନା, ସୁରେଶ କୁମାର ଦାସ, ମମତା ମିଶ୍ର ଓ ସୌଭାଗ୍ୟ ନାୟକ କାର୍ଯ୍ୟକାରୀ କମିଟି ସଭ୍ୟ ଭାବେ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଛନ୍ତି। ନିର୍ବାଚନ ଅଧିକାରୀ ତଥା ବରିଷ୍ଠ ଆଇନଜୀବୀ ଅଶୋକ କୁମାର ପାତ୍ର ଏହି ନିର୍ବାଚନ ପରିଚାଳନାକୁ କରୋନା କଟକଣା ନିୟମ ଅନୁଯାୟୀ କରାଇଥିଲେ। ସେଥିପାଇଁ ନିର୍ବାଚନ ଅଧିକାରୀ ଶ୍ରୀ ପାତ୍ରଙ୍କୁ ସମସ୍ତେ ସାଧୁବାଦ ଜଣାଇଛନ୍ତି।

# ଅପହଞ୍ଚ ଗ୍ରାମ ଡୁମାଡାହି; କେବେ ବଦଳିବ ବିକାଶର ଚିତ୍ର






**ଉଦଳା, (ନିରୁପମା ରଣା) :** ଗାଁକୁ ନାହିଁ ରାସ୍ତା, ପାନୀୟ ଜଳ ଓ ସରକାରୀ ଯୋଜନାରେ ଘର! ସରକାରଙ୍କ ଯୋଜନା ହେଲେ ଏହି ଗ୍ରାମର ମୌଳିକ ସୁବିଧାରୁ ବଞ୍ଚିତ ଗ୍ରାମବାସୀ। ଅନେକ ସମୟରେ ପ୍ରଶାସନଙ୍କୁ ଜଣାଇ ଆସୁଥିଲେ ମଧ ସୁଫଳ ପାଇ ପାରୁନାହାନ୍ତି। ମୟୂରଭଞ୍ଜ ଜିଲ୍ଲା କପ୍ତପଦା ବ୍ଲକର ଏ ହେଉଛି ଡୁମାଡାହି ଗ୍ରାମ। ଏହି ଗ୍ରାମରେ ୩୦ରୁ ଊର୍ଦ୍ଧ୍ୱ ଆଦିବାସୀ ପରିବାର ବସବାସ କରନ୍ତି। ଏହି ଗ୍ରାମକୁ ରାସ୍ତାଟିଏ ନାହିଁ। ଯାହା ଦ୍ୱାରା କିଲୋକମାନେ ବର୍ଷାଦିନ ହେଉ କି ଅନ୍ୟ ଦିନ ହେଉ ଯାତାୟାତ ପାଇଁ ଅନେକ ଅସୁବିଧାର ସମ୍ମୁଖୀନ ହୋଇଥାନ୍ତି। ଭଲ ରାସ୍ତା ନଥିବାରୁ ଗାଁକୁ ଯାଇପାରୁନାହିଁ ଆମ୍ବୁଲାନ୍ସ। ବିଶେଷ କରି ବର୍ଷା ଦିନ ଆସିଲେ ଗ୍ରାମବାସୀମାନେ ଜଳବନ୍ଦୀ ହୋଇ ରହିଯାନ୍ତି। ସ୍ୱାଧୀନତାର ଦୀର୍ଘବର୍ଷ ବିତିଯାଇଥିଲେ ମଧ ସରକାରଙ୍କ ଯୋଜନା ଏଠାରେ କେତେ ଫଳପ୍ରଦ ତାହା ଏହି ଗ୍ରାମର ଚିତ୍ରକୁ ଦେଖିଲେ ସ୍ପଷ୍ଟ ବାରି ହେବ। କେବଳ ରାସ୍ତା ନୁହେଁ ଏପରିକି ପାନୀୟ ଜଳ, ସରକାରୀ ଯୋଜନାରେ ଘର ଓ ବିଜୁଳି ଏମାନଙ୍କ ପାଇଁ ହୋଇଛି ସାତସପନ। ପାନୀୟ ଜଳ ପାଇଁ ଏକ ଚୁଆ ଉପରେ ନିର୍ଭର କରୁଥିବା ବେଳେ ଅଧିକାଂଶ ସରକାରୀ ଯୋଜନାରେ ଘର ପାଇନଥିବା ବେଳେ ଭଙ୍ଗା କୁଡିଆରେ ବିତୁଛି ଜୀବନ। ଗାଁରେ ବିଜୁଳି ନଥିବାରୁ ଡିବି ଆଲୁଅ ସେମାନଙ୍କ ସାହା ଭରସା। ଅନେକ ସମୟରେ ଗ୍ରାମବାସୀମାନେ ସ୍ଥାନୀୟ ସରପଞ୍ଚଠୁ ଆରମ୍ଭ କରି ପ୍ରଶାସନର ଦୃଷ୍ଟି ଆକର୍ଷଣ କରିଥିଲେ ମଧ କେହି ଶୁଣୁ ନଥିବା ଗ୍ରାମବାସୀ କହିଛନ୍ତି। ତେବେ ଏ ସମ୍ପର୍କରେ କପ୍ତିପଦା ବିଡିଓଙ୍କୁ ପଚାରିବାରୁ ତଦନ୍ତ କରି ସମସ୍ୟାର ସମାଧାନ କରାଯିବ ବୋଲି କହିଛନ୍ତି।

# ବର୍ଷକୁ ୪ଥର ଜେଇଇ ମେନ୍

**ଭୁବନେଶ୍ୱର :** ଆସନ୍ତାବର୍ଷ ଠାରୁ ଜେଇଇ ମେନ ପ୍ରବେଶିକା ପରୀକ୍ଷା ବର୍ଷକୁ ଚାରିଥର ହେବ। ଛାତ୍ରଛାତ୍ରୀ ଏହି ପ୍ରବେଶିକା ପରୀକ୍ଷା ଦେବାରୁ ବଞ୍ଚିତ ହେବେନାହିଁ। ଟ୍ୱିଟ୍‌କରି ଏହି ସୂଚନା ଦେଇଛନ୍ତି କେନ୍ଦ୍ର ଶିକ୍ଷାମନ୍ତ୍ରୀ ରମେଶ ପୋଖରିଆଲ। କେନ୍ଦ୍ରମନ୍ତ୍ରୀ ପୋଖରିଆଲ କହିଛନ୍ତି ଯେ ପରୀକ୍ଷାର ସଂଘର୍ଷ କିମ୍ବା କୋଭିଡ -୧୯ ପରିସ୍ଥିତି କାରଣରୁ ପ୍ରାର୍ଥୀମାନେ ସୁଯୋଗରୁ ବଞ୍ଚିତ ନହେବାକୁ ଆସନ୍ତା ବର୍ଷ ଠାରୁ ଚାରିଥର ଜେଇଇ ମେନ୍ ପରୀକ୍ଷା ପରିଚାଳନା ଉପରେ ବିଚାର କରାଯାଉଛି। ଗୁରୁବାର ଦିନ ଛାତ୍ରମାନଙ୍କ ସହିତ ଏକ ଲାଇଭ୍ ପାରସ୍ପରିକ କଥାବାର୍ତ୍ତାରେ, ଚାଲିଥିବା ମହାମାରୀ ମଧ୍ୟରେ ଜେଇଇ ମେନ୍ ୨୦୨୧ ଏବଂ ନିଟ୍ ୨୦୨୧ର ପରିଚାଳନା ବିଷୟରେ କେନ୍ଦ୍ରମନ୍ତ୍ରୀ କହିଥିଲେ ଯେ ସିଲାବସ୍ ହ୍ରାସ କରାଯିବ। ବର୍ଷରେ ଚାରିଥର ଆୟୋଜିତ ହେବାକୁ ଥିବା ମିଳିତ ପ୍ରବେଶିକା ପରୀକ୍ଷା ମେନ୍ (ଜେଇଇ ମେନ୍) ୨୦୨୧ ର ପରାମର୍ଶ ସକରାତ୍ମକ ଭାବରେ ପରୀକ୍ଷା କରାଯିବ।

PLOT FOR SALE
MOUZA:BHOLA

N.H. Bye Pass (Old Trunk Road), Near ASBM College, Chandaka, Bhubaneswar, Odisha
Contact : 8658607286


PLOT FOR SALE
MOUZA : JUJHAGADA
(Back side of Nandankanan Zoo)
BHUBANESWAR
Contact : 865807286 / 8917571455

MOUZA : BEGUNIA BOREHI
(NEAR CV RAMAN COLLEGE)
TAMANDO - YELLOW ZONE
BHUBANESWAR
30ft Approch Road
Contact : 8658607286 / 8917571455


PLOT FOR SALE@BHUBANESWAR
Yellow Zone, 30ft wide Road
Mouza : Dakhina Mundamuhan
(Near CV Raman College)
100ft Proposed BDA Road
Contact Immediately :
8658607286 / 8917571455

30ft Internal Road
Mouza : Pandiapada
Contact Immediately :
8658607286 / 8917571455

Printed, Published and Owned by **Rasmita Patra**, Published at Flat-003, Mahadev Orchid, Cosmopolis Road, Dumduma, Bhubaneswar-19, Dist- Khordha, Odisha & Printed at **Radhakrushna Publication Pvt. Ltd.**, Plot No-H/18, Mancheswar Industurial Estate, Bhubaneswar-10, Odisha ● OFFICE : Plot No.186, Lane-2, Aerodrome Area, Bhubaneswar, Odisha, PIN-751020, Cell : 9338225930 (O), Email : ekamaatra@gmail.com

Chief Editor : **Bibhuti Bhusan Patra** | Managing Editor : **Laxmipriya Dash** | Editor : **Tarak Mohanty**

ମୁଖ୍ୟ ସମ୍ପାଦକ : ବିଭୂତି ଭୂଷଣ ପାତ୍ର | ପରିଚାଳନା ସମ୍ପାଦିକା : ଲକ୍ଷ୍ମୀପ୍ରିୟା ଦାଶ | ସମ୍ପାଦକ : ତାରକ ମହାନ୍ତି